
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ଜୁଲାଇ ୨୦୧୯
ମୂଲ୍ୟ : ୨୫ ଟଙ୍କା

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ପଞ୍ଚମ ବର୍ଷର ଚତୁର୍ଥ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ଓଁ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ
# ପ୍ରାଚୀ
Vol.-5, July 2019, Issue No. IV
RNI No. : ODIODI/2015/64435
P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**
**ପ୍ରସନଜିତ୍ ସାହୁ**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ମନୋଜ କୁମାର ଦାସ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

**Declaration**
**Edited, Published & Owned by :**
**Dr. Bibhudatta Khandayatray**

Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...

**ଶ୍ରୀଲୀଳାମୟଙ୍କ ଗୋପନ ଲୀଳାକ୍ଷେତ୍ର**
- ଅଧ୍ୟାପକ ପବିତ୍ର ମୋହନ ବାରିକ ୭

**ଜୀବନ-ଏକ ଇନ୍ଦ୍ରଧନୁ**
- ଆଣ୍ଡାଳ ପ୍ରିୟଦର୍ଶିନୀ
ଅନୁବାଦ କୃଷ୍ଣା ମିଶ ୧୧

**ରହସ୍ୟ**
- କୁନ୍‌ଲତା ତ୍ରିପାଠୀ ୧୪

**ଅଭିଶପ୍ତା ଦେବୀ**
- ସଞ୍ଜୟ ପଣ୍ଡା ୧୭

**ରାଇରଙ୍ଗପୁର ସହର : କିଛି ସ୍ମୃତି, କିଛି ଅନୁଭୂତି**
- କୌଶିକ କୁମାର ହୋତା ୧୯

**କେମିତି ମୁଁ ବେଶ୍ୟା ହେଲି**
- ମହେଶ୍ୱର ସାହୁ ୨୧

**ଗଛଟିଏ**
- ଅଙ୍କିତା ପାଢୀ ୨୫

**ନିହାତି ଅପଦାର୍ଥ**
- ସଞ୍ଜୟ କୁମାର ପଣ୍ଡା ୨୬

**ସାବିତ୍ରୀ**
- ତରଙ୍ଗ ଚଣ୍ଡି ୨୯

**ହୃଦୟର ବେଦନା**
- ଲିପୁନୁ ସାହୁ ୩୨

**ପଶ୍ଚାତାପ୍**
- ଲକ୍ଷ୍ମଣ କୁମାର ବେହେରା (ଯତି) ୩୪

**ବୃଦ୍ଧା ଆଶ୍ରମ**
- ବନଲତା ସିଂହ ୩୬

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011


# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡ଼ିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

## ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ........................................................................................
ଠିକଣା ........................................................ ପିନ୍‌କୋର୍ଡ଼ .................................
ମୋବାଇଲ୍ ନମ୍ବର ........................................ ଇ-ମେଲ୍ .........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ.....................................
ବ୍ୟାଙ୍କ୍........................................ ସ୍ଥାନ.......................................................
ତାରିଖ....................................... ଦସ୍ତଖତ......................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**
ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧
E-mail : pracheepatrika@rediffmail.com, Web. : www.pracheevoice.in

# ଶ୍ରୀଲୀଳାମୟଙ୍କ ଗୋପନ ଲୀଳାକ୍ଷେତ୍ର

**- ଅଧାପକ ପବିତ୍ର ମୋହନ ବାରିକ**

ଲୀଳାମୟ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବିଚିତ୍ର ଲୀଳା, ଲୀଳା ଅବର୍ଣ୍ଣନୀୟ । ସେ ନିଜେ ବିଚିତ୍ର, ବିସ୍ମୟ, ଓ ରହସ୍ୟମୟ । ସେହି ଲୀଳାମୟଙ୍କର ଲୀଳା ଅବୋଧ, ଅଗମ୍ୟ ଓ ଅବ୍ୟକ୍ତ । ଅଲୌକିକ ଓ ଐଶ୍ୱରୀୟ ଲୀଳା ରଚ଼ନା କରିବାରେ ସିଦ୍ଧହସ୍ତ, ସେହି ପରମ ପୁରୁଷ, ପରମାତ୍ମା ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ , ସେ କେତେବେଳେ ତାଙ୍କ ଲୀଳା ଶ୍ରୀ ମନ୍ଦିର ରତ୍ନ ସିଂହାସନରେ ଅବସ୍ଥାନ କରି ପ୍ରକଟିତ କରିଛନ୍ତି ପୁଣି କେତେବେଳେ ବଡ ଦେଉଳ ବାହାରେ କେଉଁ ପର୍ବତ ଗୁମ୍ଫା, ଜଳଘେରା ଟାପୁ, ଓ ନିଘଞ୍ଚ ଜଙ୍ଗଲ ମଧ୍ୟରେ ଲୀଳା ରଚନା କରିଛନ୍ତି । ସେହି ପରମ ପୁରୁଷଙ୍କର ଲୀଳାକୁ ବୁଝିବା ଏତେ ସହଜ ନୁହେଁ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଗୋପନ ଲୀଳା କ୍ଷେତ୍ରର ଐଶ୍ୱରୀୟ ଘଟଣା ଅତୀବ ରୋମାଞ୍ଚକର । ଇତିହାସ କହେ ଶ୍ରୀମନ୍ଦିର ଓ ଶ୍ରୀ ଜଗନ୍ନାଥଙ୍କ ଉପରେ ବହୁବାର ବିଧର୍ମୀ ମାନେ ଆକର୍ମଣ କରିଛନ୍ତି । ଏଥିପାଇଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ପାତାଳି ହେବାକୁ ପଡିଛି ତ ପୁଣି କେବେ ଚିଲିକାର ଜଳ ଘେରା ମଧ୍ୟରେ ଅବସ୍ଥାନ କରିଛନ୍ତି । ବିଭିନ୍ନ ସମୟରେ ରେ କୋଟ୍ ସମଲାଇ, ମାରଦା, ଚିକିଟି, ଟିକାବାଳି ବଙ୍କାଡ, ଆଠଗଡ ଓ ନଇରି ଆଦି ସ୍ଥାନରେ ଗୋପନରେ ଅବସ୍ଥାନ କରିଥିବାର କଥା ମାଦଳା ପାଞ୍ଜିରୁ ସୂଚନା ମିଳେ । ଜଣାଯାଏ ୬୭୦ ଖ୍ରୀଷ୍ଟାବ୍ଦରୁ ୧୭୩୫ ଖ୍ରୀଷ୍ଟାବ୍ଦ ପ୍ରାୟ ଏକ ହଜାର ବର୍ଷ ମଧ୍ୟରେ ଶତ୍ରୁ ମାନଙ୍କ ଶ୍ରୀ ମନ୍ଦିର ଓ ଶ୍ରୀ ବିଗ୍ରହ ମାନଙ୍କ ଉପରେ ଆକ୍ରମଣ ଓ ଲୁଣ୍ଠନ ରେ ଆଶଙ୍କା କରି ତତ୍‌କାଳୀନ ଗଜପତି ମହାରାଜା ଓ ସେବାୟତ ମାନେ ଶ୍ରୀଜୀଉମାନଙ୍କୁ ଗୋପନରେ ନେଇ ବିଭିନ୍ନ ସ୍ଥାନରେ ସ୍ଥାପନ କରି ପୂଜାର୍ଚ୍ଚନା କରୁଥିଲେ । ଗବେଷକ ମାନେ ମତ ବ୍ୟକ୍ତ କରନ୍ତି, ଶ୍ରୀ ବିଗ୍ରହମାନଙ୍କୁ ୧୮ ଥର ସ୍ଥାନାନ୍ତରିତ କରାଯାଇଅଛି ଏବଂ ୨୨ଟି ସ୍ଥାନରେ ବିରାଜମାନ କରି ଥିଲେ । ସେହି ଗୁଡିକ ଆଜି ପବିତ୍ରତମ ସ୍ଥାନ ରୂପେ ବିବେଚନା କରଯାଉଅଛି ଏବଂ ସେଠାରେ ଭବ୍ୟ ପ୍ରତିଷ୍ଠାନମାନ ଗଢି ଉଠିଅଛି । ଶ୍ରୀ ମନ୍ଦିରକୁ ୧୮ ଥର ଆକ୍ରମଣ ଓ ଲୁଣ୍ଠନ ର ଶିକାର ହେବାକୁ ପଡଥିଲା ଏବଂ ୨୨ଟି ସ୍ଥାନରେ ଶ୍ରୀଜୀଉମାନେ ଅବସ୍ଥାନ କରିଥିଲେ । ଶ୍ରୀଜୀଉମାନେ ଶ୍ରୀକ୍ଷେତ୍ର ମଧରେ ୨ଥର ଓ ଶ୍ରୀକ୍ଷେତ୍ର ଅବସ୍ଥାନ କରିଥିଲେ । ଶ୍ରୀଜୀଉମାନେ ଶ୍ରୀକ୍ଷେତ୍ର ମଧରେ ୨ ଥର ଓ ଶ୍ରୀକ୍ଷେତ୍ର ବାହାରେ ୨୦ଥର ସ୍ଥାନାନ୍ତରିତ ହୋଇଥିଲେ । ଗୁରୁବାଇ ଗଡକୁ ୨ଥର ଓ ନଇରା ହରିହରେଶ୍ୱର ମଣ୍ଡପକୁ ୨ଥର ପ୍ରଭୁ ସ୍ଥାନାନ୍ତରିତ ହୋଇଥିଲେ । ଶ୍ରୀ ବିଗ୍ରହ ଦୁଇଥର ପାତାଳୀ ହୋଇଥିଲେ । ଶ୍ରୀଜୀଉ ମାନଙ୍କଗୋପନ ଲୀଳା ସମୟରେ ୨ଥର ବ୍ରହ୍ମ ସ୍ଥାନାନ୍ତରିତ ହୋଇଥିଲେ ।

ଶ୍ରୀଲୀଳମୟଙ୍କ ଲୀଳା ଅପାର, ଅନନ୍ତ ଓ ଅବ୍ୟକ୍ତ । ସେ କେତେବେଳେ କେଉଁ ଲୀଳା ପ୍ରକଟ କରନ୍ତି ତାଙ୍କୁ ହିଁ ଜଣା । ପ୍ରଭୁ ବାହ୍ୟ ଶତ୍ରୁଙ୍କ ଠାରୁ ରକ୍ଷା ପାଇବା ପାଇଁ ଅନେକ ଲୀଳା ରଚନା କରିଛନ୍ତି । ୧୪୪ବର୍ଷ ଯେଉଁ ସ୍ଥାନରେ ପାତାଳି ହୋଇଥିଲେ ସେହି କ୍ଷେତ୍ର ବର୍ତ୍ତମାନ ପାତାଳୀ ଶ୍ରୀକ୍ଷେତ୍ର ନାମରେ ପରିଚିତ । ସୁବର୍ଣ୍ଣପୁର ଜିଲ୍ଲାର ବୀର ମହାରାଜାପୁର ଉପଖଣ୍ଡ ଅନ୍ତର୍ଗତ ଉଲୁଣ୍ଡା ପଞ୍ଚାୟତ ସମିତିରେ ଅନ୍ତର୍ଭୁକ୍ତ କୋଟ୍‌ସମଲାଇ ଗ୍ରାମରେ ଅବସ୍ଥିତ ପାତାଳୀ ଶ୍ରୀକ୍ଷେତ୍ର । ମାଦଳା ପାଞ୍ଜିର ତଥ୍ୟ ଅନୁଯାୟୀ ଏଠାକାର ନିଘଞ୍ଚ ଜଙ୍ଗଲର ପର୍ବତ ମଧସ୍ଥ ଏକ ଗୁମ୍ଫାରେ ଶ୍ରୀ ବିଗ୍ରହମାନେ ପାତାଳୀ ହୋଇଥିଲେ । ରକ୍ତ ବାହୁର ଆକ୍ରମଣରେ ଅତିଷ୍ଠ ହୋଇ ପ୍ରଭୁ ଏଠାରେ ପାତାଳୀ ହୋଇଥିଲେ । ରାଷ୍ଟ୍ର କୂଟର ରାଜା ଦ୍ୱିତୀୟ ଗୋବିନ୍ଦଙ୍କୁ ରକ୍ତବାହୁ ରୂପେ ଗବେଷକ ଚିହ୍ନଟ କରିଛନ୍ତି । ଶୁଭଙ୍କର

ଦେବ ବା ଶୋଭନ ଦେବ ଶ୍ରୀ ଜୀଉଙ୍କୁ ରକ୍ତ ବାହୁର ଆକ୍ରମଣରୁ ରକ୍ଷା କରିବା ପାଇଁ କୋଟ୍ ସମଲାଇସ୍ଥ ତ୍ରୀକୁଟ ପର୍ବତରେ ପାତାଳୀ କରିଥିଲେ । ପରବର୍ତ୍ତୀ ସମୟରେ ୧୪୪ ବର୍ଷ ପାତାଳୀ ହୋଇଥିଲେ । ପରବର୍ତ୍ତୀ ସମୟରେ ସୋମବଂଶୀ ରାଜା ଯଜାତି କେଶରୀ ଯାହାଙ୍କର ରାଜଧାନୀ ପ୍ରଥମେ ସୋନପୁର ନିକଟସ୍ଥ ବିନିକା, ବୌଦ୍ଧର ଗନ୍ଧରାଡ଼ି, ଓ ପରେ ବୈତରଣୀ ନଦୀ କୂଳସ୍ଥ ଯାଜପୁରରେ ସ୍ଥାପନ କରିଥିଲେ, ସେ ଜୀଉମାନଙ୍କୁ ଏଠାରୁ ପୁନୋଃଦ୍ଧାର କରି ଶ୍ରୀ କ୍ଷେତ୍ର ପୁରୀରେ ପ୍ରତିଷ୍ଠା କରିଥିଲେ । ଯେଉଁ ତ୍ରୀକୂଟ ପର୍ବତରେ ପ୍ରଭୁ ପାତାଳୀ ହୋଇ ଗୁପ୍ତ ଲୀଳା ରଚନା କରିଥିଲେ ତାହାର ମହିମା ଆଲୌକିକ ଓ ଐଶ୍ୱରୀୟ ଭାବ ସତ୍ତାରେ ପରିପୂର୍ଣ୍ଣ । ତାନ୍ତ୍ରିକ ବୌଦ୍ଧ ଧର୍ମ ତିନି ଭାଗରେ ବିଭକ୍ତ ଯଥା :- ସମ୍ବଳ (ସମ୍ବଲପୁର)ର ରାଜା ଇନ୍ଦ୍ରଭୂତି । ତାଙ୍କ ବହୁ ଚର୍ଚ୍ଚିତ ଗ୍ରନ୍ଥ "ଜ୍ଞାନସିଦ୍ଧି" ରେ ସେ ପ୍ରଥମେ ଜଗନ୍ନାଥ ରୂପେ ଆରାଧନା କରୁଥିଲେ । ଇନ୍ଦ୍ରଭୂତି ଜଗନ୍ନାଥଙ୍କୁ ବୁଦ୍ଧଙ୍କର ଅବତାର ରୂପେ ପୂଜା କରୁଥିଲେ । ତ୍ରୀକୂଟ ପର୍ବତ ଇନ୍ଦ୍ରଭୂତି ଓ ତାଙ୍କ ଗୁରୁ ଅନଙ୍ଗବ୍ରଜଙ୍କ ସାଧନା ପୀଠ ଥିଲା; ଗବେଷକମାନେ ମତବ୍ୟକ୍ତ କରନ୍ତି ତ୍ରୀକୂଟ ପର୍ବତର ଅପରପାର୍ଶ୍ୱରେ ଅବସ୍ଥିତ ବାଘପାଲି ଗ୍ରାମରେ ସାଧକ କବି ଚନ୍ଦ୍ରମଣି ଦାସଙ୍କ ସମାଧି ଓ ସାଧନା ପୀଠ ରହିଛି । ପ୍ରାକୃତିକ ପ୍ରାଚୁର୍ଯ୍ୟରେ କୋଟ୍ ସମଲାଇର ତ୍ରୀକୂଟ ପର୍ବତ ପରିପୂର୍ଣ୍ଣ । ଏହି ପୀଠରେ ଅନକେ ପାହାଡ଼, ଜଙ୍ଗଲ, ଜଳାଶୟ ଓ ନଦୀ ଅବସ୍ଥିତ । ଏଠାରେ ଶହେଆଠ ଗୁମ୍ଫା ଥିବାର ଗବେଷକମାନେ ଉଲ୍ଲେଖ କରିଛନ୍ତି । ସେଥି ମଧ୍ୟରୁ ୨୭ଟି ଗୁମ୍ଫା ଚିହ୍ନଟ କରାଯାଇଅଛି । ଯେଉଁ ଗୁମ୍ଫାରେ ପ୍ରଭୁ ପାତାଳୀ ହୋଇଥିଲେ ତା'ର ମାଟିରୁ ଚନ୍ଦନ, ଅଗରୁ ବାସ୍ନା ଆସେ । କୋଟ୍ ସମଲାଇ ପାରିପାର୍ଶ୍ୱିକ ସ୍ଥାନମାନଙ୍କର ନାମ ଶ୍ରୀ ଜଗନ୍ନାଥ ସଂସ୍କୃତି ସହିତ ସାମଞ୍ଜସ୍ୟ ରହିଛି । ପାତାଳୀ ଶ୍ରୀକ୍ଷେତ୍ର ବୈଷ୍ଣବ, ଶାକ୍ତ, ଶୈବ, ଓ ବୌଦ୍ଧଧର୍ମର ଏକ ମହାମିଳନ ସ୍ଥଳ । ୨୦୧୧ ମସିହାରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଆଦ୍ୟ ସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବ ପାତାଳୀ ଶ୍ରୀକ୍ଷେତ୍ରରେ ଯୋଗଦାନ କରିଥିଲେ । ଶ୍ରୀ ଲୀଳାମୟଙ୍କର ଗୁପ୍ତ ଲୀଳାର ଅଂଶ ବିଶେଷ କୋଟ ସମଲାଇର ପାତାଳୀ ଶ୍ରୀକ୍ଷେତ୍ର । ପୁରୀ ଶ୍ରୀ ମନ୍ଦିର ଉପରେ ୧୮ ଥର ଆକ୍ରମଣ କରାଯାଇଥିଲା । ୧୫୬୮ ଖ୍ରୀଷ୍ଟାବ୍ଦରେ କଳାପାହାଡ଼ ଆଫଗାନ ସେନାପତି ଶ୍ରୀ ଜଗନ୍ନାଥଙ୍କ ବିଗ୍ରହକୁ ଗଙ୍ଗାନଦୀ କୂଳରେ ପୋଡ଼ି ଦେଇଥିଲା ବୋଲି ମାଦଳା ପାଞ୍ଜିରେ ଉଲ୍ଲେଖ ଅଛି । ଅନ୍ୟ ଏକ ତଥ୍ୟ ଅନୁଯାୟୀ କଳା ପାହାଡ଼ର ଆକ୍ରମଣ ପୂର୍ବରୁ ସେବାୟତ ମାନେ ଶ୍ରୀ ବିଗ୍ରହକୁ ନେଇ ଚିଲିକା କୂଳସ୍ଥ ପାରିକୁଦଠାରେ ଲୁଚାଇ ରଖିଥିଲେ । ହାସିମ୍ ଖାଁଙ୍କ ଆକ୍ରମଣ ପୂର୍ବରୁ (୧୬୦୭-୧୨୦୮ ଖ୍ରୀଷ୍ଟାବ୍ଦ)ରେ ଶ୍ରୀ ଜୀଉଙ୍କ ବିଗ୍ରହକୁ ଖୋର୍ଦ୍ଧା ଗଡ଼ ଗୋପାଳ ମନ୍ଦିରରେ ଅବସ୍ଥାନ କରାଯାଇଥିଲା । କଲ୍ୟାଣମଲ୍ଲ ଆକ୍ରମଣ କରିବା ପୂର୍ବରୁ ସେବାୟତମାନେ ଶ୍ରୀ ଜୀଉଙ୍କୁ ଚିଲିକାର ଦ୍ୱୀପାଞ୍ଚଳରେ ଅବସ୍ଥାପିତ କରାଇଥିଲେ । ମାଦଳାପାଞ୍ଜିରେ ଏହିସ୍ଥାନ ଗୁରୁବାଇଗଡ଼ ନାମରେ ଉଲ୍ଲେଖ ଅଛି । ୧୬୧୨ ଖ୍ରୀଷ୍ଟାବ୍ଦରେ ଶ୍ରୀବିଗ୍ରହମାନେ ଚିଲିକାର ଗୁରୁବାଇଗଡ଼ରେ ଗୋପନରେ ରହି ପୂଜା ପାଉଥିଲେ । ଦ୍ୱିତୀୟ ଥର ମକରମ୍ ଖାଁଙ୍କ ଆକ୍ରମଣ ସମୟରେ ଭାର୍ଗବୀ ନଦୀ ପଥରେ ଯାତ୍ରା କରି ଶ୍ରୀ ବିଗ୍ରହମାନେ ଏକ ଲୋଟଣୀ ଗଛ ମୂଳେ ଅବସ୍ଥାନ କରିଥିଲେ । ୧୫୦୯ ରୁ ୧୭୩୫ ମସିହା ମଧ୍ୟରେ ଶ୍ରୀ ଜୀଉ ମାନେ ୧୧ ଥର ଗଡ଼ କୋକଲ ଦେଇ ଯାତାୟତ କରିଥିଲେ । କଲ୍ୟାଣମଲ୍ଲଙ୍କ ପରେ ଏକରମ୍ ଖାଁ ୧୬୧୭ ଖ୍ରୀଷ୍ଟାବ୍ଦରେ ସୁବେଦାର ପଦରେ ଅବସ୍ଥାପିତ ହୋଇଥିଲେ ଏବଂ ସେ ଖୋର୍ଦ୍ଧା ଗଡ଼ ଆକ୍ରମଣ କରିବାରୁ ଶ୍ରୀ ବିଗ୍ରହମାନଙ୍କୁ ବାଣପୁର ଅଞ୍ଚଳରେ ରଖାଯାଇଥିଲା । ଏ ବିଷୟ ମାଦଳାପାଞ୍ଜି କିମ୍ବା ଚକାଡ଼ା ପୋଥିରେ ଉଲ୍ଲେଖ ନାହିଁ । ଜଗନ୍ନାଥ ବିଦ୍ୟାଧର ମହାପାତ୍ରଙ୍କ ପୁତ୍ର ଲୋକନାଥ ମହାପାତ୍ରଙ୍କ ରଚିତ କାବ୍ୟ "ସର୍ବାଙ୍ଗ ସୁନ୍ଦରୀ" ରେ ବର୍ଣ୍ଣିତ ଅଛି - ଶ୍ରୀଜୀଉମାନଙ୍କୁ ବାଣପୁରର ବଙ୍କାଡ଼ ଗଡ଼ ନିକଟରେ ଏକ ସ୍ଥାନରେ ରଖାଯାଇ ପୂଜା କରାଯାଉଥିଲା । ପରବର୍ତ୍ତୀ ସମୟରେ ଏହି ସ୍ଥାନ "ନିଳାଦ୍ରି ପ୍ରସାଦ" ନାମରେ ପରିଚିତ ହେଲା । ଏକରମ ଖାଁଙ୍କ ଆକ୍ରମଣ ପୂର୍ବରୁ ଶ୍ରୀ ଜୀଉମାନେ ଗଡ଼ କୋକଲ ଭଗବତୀ ମନ୍ଦିର ଅବସ୍ଥାନ କରିଥିଲେ । ସେଠାରେ ଏକ ଚ଼ନ୍ଦନ

ପୋଖରୀ ପ୍ରଭୁଙ୍କ ନାମରେ ରହିଛି । ୧୬୨୪ ମସିହାରେ ମହମ୍ମଦ ବେଗଙ୍କ ଅକ୍ରମଣ ପୂର୍ବରୁ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ଗଡ଼ମାଣିତିରୀରେ ଅବସ୍ଥାନ କରାଯାଇଥିଲା । ଏଠାରେ ମହାପ୍ରଭୁ ଦୁଇବର୍ଷ ରହିଥିଲେ । ଏଠାରେ ମହାପ୍ରଭୁଙ୍କ ସୁରକ୍ଷା ଦାୟୀତ୍ୱରେ ରଣରଙ୍ଗା ପାଇକମାନଙ୍କ ହସ୍ତରେ ନ୍ୟସ୍ତ ଥିଲା । ପାଇକ ବାହିନୀ ମହାପ୍ରଭୁଙ୍କୁ ଗଡ଼ କରି ଜଗି ରହିଥିଲେ । ତଳ ଗଡ଼, ଉପରଗଡ଼ ଓ ଗଡ଼ବାଡ଼ ଏଭଳି ତିନି ପ୍ରକାର ରଣ କୌଶଳ ନୀତି ଅବଲମ୍ବନ କରି ପାଇକମାନେ ଶ୍ରୀ ଜୀଉମାନଙ୍କୁ ସୁରକ୍ଷା ପ୍ରଦାନ କରିଥିଲେ । ତଳଗଡ଼ ଯୋଦ୍ଧା କୁଶଳୀ ପାଇକ ସେମାନେ ମହାପ୍ରଭୁଙ୍କୁ ଚକ୍ରବ୍ୟୁହ କରି ଘେରି ରହିଥିଲେ । ଉପରଗଡ଼ ତୀରନ୍ଦାଜ ବାହିନୀ ପାଇକ ସମଗ୍ର ଗଡ଼କୁ ଘେରି ରହିଥିଲେ । ଗଡ଼ବାଡ଼ ପାଇକ ବାହିନୀ ପ୍ରବଳ ପରାକ୍ରମୀ ଓ ସାହାସୀ ସେମାନେ ଗଡ଼ର ବାଡ଼ ସଦୃଶ୍ୟ ଥିଲେ । ଗଡ଼ମାଣୀତ୍ରୀରେ ପ୍ରଭୁଙ୍କ ଅବସ୍ଥାନ ସମୟରେ ଯୋଡ଼ା ଆଷାଢ଼ ପଡ଼ିଥିଲା । ତେଣୁ ଏଠାରେ ପ୍ରଭୁଙ୍କର ନବକଳେବର ନୀତି ସଂପାଦିତ କରାଗଲା । ଗଜପତି ନରସିଂହ ଦେବ ସେବାୟତ ମାନଙ୍କୁ ଡ଼କାଇ ବନଜାଗ ନୀତି ସଂପନ୍ନ କରିବା ସହିତ ପ୍ରଭୁଙ୍କ ବ୍ରହ୍ମ ସ୍ଥାପନ କରିଥିଲେ । ନୂତନ ବିଗ୍ରହ ନିର୍ମାଣ ପାଇଁ ବିଶ୍ୱକର୍ମା ବଂଶଧର ମାନେ ଗଡ଼ମାଣିତ୍ରୀ ଆସିଥିଲେ । ବର୍ତ୍ତମାନ ସେମାନଙ୍କର ବଂଶଧର ମାନେ ବଢ଼େଇ ସାହି ଓ କମାର ସାହିରେ ଅବସ୍ଥାନ କରୁଛନ୍ତି । ୧୬୨୪ ମସିହାରେ ମହାପ୍ରଭୁଙ୍କ ରଥଯାତ୍ରା ଗଡ଼ମାଣିତ୍ରୀରେ ସଂପନ୍ନ ହେଲା, ଓ ଗଜପତି ନରସିଂହ ଦେବ ଛେରାପହଁରା କରିଥିଲେ । ଗଡ଼ମାଣିତ୍ରୀର ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଗଜପତି ମହାରାଜାଙ୍କର ଶ୍ରୀ ନହରି ଜମିରେ ଜରାଜିର୍ଣ୍ଣ ଅବସ୍ଥାରେ ଅବସ୍ଥିତ । ଏହି ନହରକୁ ଭୋଇ ବଂଶର ଦ୍ୱିତୀୟ ରାଜା ପୁରୁଷୋତ୍ତମ ଦେବ ନିର୍ମାଣ କରିଥିଲେ । ପୁରୁଷୋତ୍ତମ ଦେବ, ତାଙ୍କ ପୁତ୍ର ନରସିଂହ ଦେବ ଓ ପରବର୍ତ୍ତୀ ସମୟରେ ରାମଚନ୍ଦ୍ର ଦେବ ବିଧର୍ମୀ ହେବାପରେ ତାଙ୍କ ପତ୍ନୀ ରାଣୀ ଲୀଳାବତୀ ଓ ପୁତ୍ରମାନେ ଏଠାରେ ଅବସ୍ଥାନ କରୁଥିଲେ ।

ମହାପ୍ରଭୁଙ୍କ ୨୨ଟି ଗୋପନ ଲୀଳା କ୍ଷେତ୍ର ମଧରୁ ନଈର ଅନ୍ୟତମ । ତକି ଖାଁଙ୍କ ଆକ୍ରମଣ ପୂର୍ବରୁ ଶ୍ରୀ ଜୀଉମାନେ ଏଠାରେ ୧୭୩୧-୧୭୩୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଅବସ୍ଥାନ କରିଥିଲେ । ଚିଲିକା ମଧସ୍ଥ ୨୨ ଏକର ପରିମିତ ଟାପୁରେ ଚତୁର୍ଦ୍ଧା ମୂର୍ତ୍ତୀ ନିଜ ସେବାୟତ ମାନଙ୍କ ସହିତ ଗୁପ୍ତ ଲୀଳା ରଚନା କରିଥିଲେ । ଏହିଟାପୁ ଚତୁପାର୍ଶ୍ୱରେ ଚିଲିକାର ଜଳରାଶିରେ ପରିବେଷ୍ଟିତ । ଏହି ଟାପୁରୁ ପିର ଗ୍ରାମର ଦୂରତା ପ୍ରାୟ ଏକ କି.ମି. । ମହାପ୍ରଭୁଙ୍କର ମଣୋହିରେ ଏଠାରେ କାଙ୍କଣ ଅର୍ପଣ କରାଯାଉଥିଲା । କାରଣ ଏହି ଟାପୁରେ କେବଳ ଜଙ୍ଗଲି ମିଳୁଥିଲା । ମହାବାହୁଙ୍କର ଏହି ଗୋପନ ଲୀଳା କ୍ଷେତ୍ରକୁ "କାଙ୍କଣ ଶିଖରୀ" ବୋଲି ନାମିତ କରାଯାଇଅଛି । ନଈର ହରିହରେଶ୍ୱର ମନ୍ଦିର ନିକଟରେ ଚତୁର୍ଦ୍ଧା ମୂର୍ତ୍ତୀଙ୍କର ଏକ ପଥର ପିଣ୍ଡି ଅଛି । ମହାପ୍ରଭୁ ତାଙ୍କର ଅଦ୍ଭୂତ ଲୀଳା ଏଠାରେ ପ୍ରକଟ କରିଥିଲେ । ଏଠାରେ ମହାବାହୁଙ୍କର ଶଗଡ଼ି ରଥଯାତ୍ରା ଆରମ୍ଭ ହୋଇଥିଲା । ଏହି କାଙ୍କଣ ଶିଖରୀ କ୍ଷେତ୍ରରେ ଯମୁନା ନିଟ୍ର ରହିଛି । ଚିଲିକା ଘେର ମଧରେ ଏହି ପୁଷ୍କରିଣୀ ଥିଲେ ମଧ ଏହାର ଜଳ ଲବଣାକ୍ତ ନୁହେଁ । ଯମୁନା ନିଟ୍ର ପବିତ୍ର ଜଳରେ ପ୍ରଭୁଙ୍କର ଦୈନନ୍ଦିନ ନୀତି ସଂପାଦିତ ହେଉଥିଲା । ମହାବାହୁଙ୍କ ଅନ୍ୟ ଏକ ଗୁପ୍ତ ଲୀଳା କ୍ଷେତ୍ର ଥିଲା ମାରଦା ଯାହା "ଶରଣ ଶ୍ରୀକ୍ଷେତ୍ର" ନାମରେ ଅଧିକ ପରିଚିତ । ଜଗତର ନାଥ ଏହି ଗୁପ୍ତ ଲୀଳା କ୍ଷେତ୍ରରେ ପଥର ସିଂହାସନରେ ଅଧିଷ୍ଠିତ ହୋଇ ଦୁଇବର୍ଷ ଚାରିମାସ ଅତିବାହିତ କରିଥିଲେ । ତକିଖାଁଙ୍କ ଆକ୍ରମଣରୁ ଶ୍ରୀ ଜୀଉମାନଙ୍କୁ ସୁରକ୍ଷା ଦେବା ପାଇଁ ଦ୍ୱିତୀୟ ରାମଚନ୍ଦ୍ର ଦେବ ଗଞ୍ଜାମ ଆଠଗଡ଼ର ତତ୍କାଳୀନ ରାଜା ଜଗନ୍ନାଥ ହରିଚନ୍ଦନ ଜଗଦେବଙ୍କ ଶରଣ ପଶିଥିଲେ । ଆଠଗଡ଼ ରାଜା ମହାପ୍ରଭୁଙ୍କ ସୁରକ୍ଷା ପାଇଁ ମେରୁଦା ଆଟୁ ନିର୍ମାଣ କରିଥିଲେ । ଶତ୍ରୁଙ୍କ ଦୃଷ୍ଟି ହଟାଇବା ପାଇଁ ଆଟୁ ଉପରେ ଘାସ ଲଗାଯାଇଥିଲା । ଯାହାଙ୍କୁ ଲୋକମୁଖରେ ମାରଦା ବଣ ବୋଲି କୁହାଯାଏ । ଆଠଗଡ଼ ରାଜା ତିନି ଠାକୁରଙ୍କୁ ହାତୀବାରି ପାହାଡ଼ ଉହାଡ଼ରେ ୧୦/୧୨ ବର୍ଗ ମାଇଲର ଏକ ଘଞ୍ଚ ଜଙ୍ଗଲ ମଧରେ ଲୁଚାଇ ରଖିଥିଲେ । ଆଠଗଡ଼ ରାଜା ଏଠାରେ ଏକ ଅସ୍ଥାୟୀ ମନ୍ଦିର ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଘାସକାଟି ଶ୍ରୀ ଜୀଉ ମାନଙ୍କ ପାଇଁ ଏକ ମଣ୍ଡପ ନିର୍ମାଣ କରାଗଲା । ନିକଟସ୍ଥ ମଥୁରା ଗ୍ରାମର ଦକ୍ଷ ସ କୁଶଳୀ କାରୀଗର ମାନେ ଦୁଇମାସ ମଧରେ ଏକ ଆକର୍ଷଣୀୟ ମନ୍ଦିର ପ୍ରଭୁଙ୍କ ଉଦ୍ଦେଶ୍ୟରେ ନିର୍ମାଣ କରିଥିଲେ । ଆଠଗଡ଼ ରାଜା ଶ୍ରୀ ଜୀଉମାନଙ୍କ ଦୈନନ୍ଦିନ ନୀତିକାନ୍ତି ପାଇଁ ନଅଶହ ଭରଣ ଧାନଜମି ଖଞ୍ଜି ଦେଇଥିଲେ । ଶ୍ରୀ ମନ୍ଦିର ପରିମାରଦାରେ ପ୍ରଭୁଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ଶ୍ରୀ ଜଗନ୍ନାଥଙ୍କ ସୁରକ୍ଷା ପାଇଁ ଆଠଗଡ଼ ରାଜା ଶ୍ରୀ ଜଗନ୍ନାଥ ହରିଚନ୍ଦନ ଜଗଦେବ ନିଜର ପୁତ୍ର ମଧୁସୂଦନ ଓ ଗୋବିନ୍ଦ ଚନ୍ଦ୍ର ଜଗଦେବଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ । ସେମାନଙ୍କ ଦ୍ୱାରା ହାତୀ ବାଡ଼ି ପାହାଡ଼ର ଉତ୍ତର ସୀମା ପଡ଼ିଆଠାରେ ମାଟିତଳେ ଦୁର୍ଗ ନିର୍ମାଣ କରାଯାଇଥିଲା । ରୁମ୍ମାଗଡ଼ ଜଙ୍ଗଲ ମଧରେ ତିନି ନିଜର ରାଜଧର୍ମ ପାଳନ କରିଥିବାରୁ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରତି ତାଙ୍କର ଅନବଦ୍ୟ ଅବଦାନର କୃତଜ୍ଞତାର ନିଦର୍ଶନ ସ୍ୱରୂପେ ଗଜପତି ରାଜା ପୁରୀ ସହରର ଏକ ବସ୍ତିକୁ ଆଠଗଡ଼ ସାହି ନାମରେ ନାମିତ କରିଥିଲେ । ଆଠଗଡ଼ ରାଜା ଓ ଓଡ଼ିଆ ଜାତିର ଅସମୟରେ ଭାଇ ପରି ସହାୟତା ପ୍ରଦାନ କରିଥିବାରୁ ତାଙ୍କ ସମ୍ମାନାର୍ଥେ ଶ୍ରୀ ମନ୍ଦିରରେ ପ୍ରତି ସନ୍ଧ୍ୟାରେ ମହାଦୀପ ଉଠିଲା ବେଳେ "ଶରଣ ପଞ୍ଜର ମାନ ଉଦ୍ଧାରଣ ଜଗଦେବ ଭାଇ ହରିଚନ୍ଦନଙ୍କୁ ଶଙ୍ଖରେ ପୁରାଇ ଚକ୍ର ଆଡୁଆଳରେ ରଖିବା ହେଉ ହେ ମଣିମା ଶୁଣିମା" ବୋଲି ସମ୍ବୋଧନ କରାଯାଏ । ଆଠଗଡ଼ ରାଜାଙ୍କୁ ଶ୍ରୀ ମନ୍ଦିର ନୀତିରେ କେତେକ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଇଅଛି । ବର୍ତ୍ତମାନ ମଧ ମୁକ୍ତି ମଣ୍ଡପ ପଣ୍ଡିତ ସଭାରେ ଆଠଗଡ଼ର ଜଣେ ପଣ୍ଡିତଙ୍କୁ ମଣ୍ଡପ ପୁରାଣ ସଭା ପାଇଁ ଆଠଗଡ଼ ରାଣୀ ରହପ୍ରିୟା ମହାଦେଇ ଥାଳି ଦକ୍ଷିଣ ଦକ୍ଷିଣ ପାର୍ଶ୍ୱ ଶ୍ରୀରାମ ମଠ ଜରିଆରେ ପ୍ରଦାନ କରାଯାଉଅଛି । ଶ୍ରୀ ଜୀଉମାନଙ୍କର ଗୋପନ ଲୀଳା କ୍ଷେତ୍ର ଆଲୌକିକ, ଆକର୍ଷଣୀୟ ଓ ଅନିଃବଚନୀୟ ମହିମାରେ ମହିମାଳୀତ ।

**ଇତିହାସ ବିଭାଗ, ସନାତନ ହରିଚନ୍ଦନ ମହାବିଦ୍ୟାଳୟ,**
**ସଦନପୁର, ଖୋର୍ଦ୍ଧା-୭୫୨୦୫୪**



# ଜୀବନ-ଏକ ଇନ୍ଦ୍ରଧନୁ

ଆଣ୍ଡାଳ ପ୍ରିୟଦର୍ଶିନୀ
**ଅନୁବାଦ କୃଷ୍ଣା ମିଶ୍ର**

"**ତୁମେ ପ୍ରସ୍ତୁତ** କି ?"

"ହୁଁ"

"ଭିତରକୁ ଆସ । ସେଇ ମୁଦ୍ରାରେ ବସ । ସମ୍ପୂର୍ଣ୍ଣ ଚିତ୍ରଟି ଆଙ୍କିବାକୁ ସମୟ ଲାଗିବ ।" ପ୍ରଫେଓର କୈଳାଶମ କହିଲେ- ଟୟଲେଟ୍‌ରୁ ବାହାରି ଆସି ଉଣାମଳୈ ପୁଣି ପାଣି ପିଇଲା । ପାନ ସହିତ ତମ୍ବାଖୁ ଖାଉ ଖାଉ ବାହାରକୁ ଆସିଲା ।

ଭଲ ହେଲା । ସମ୍ପୂର୍ଣ୍ଣ ଚିତ୍ରଟି ଆଙ୍କୁ ଥିବାରୁ ସୂକ୍ଷ୍ମ ରେଖାଗୁଡ଼ିକ ଆଙ୍କିବା ଦରକାର ପଡ଼ିବନି । ଯଦି ଅତି ନିକଟରୁ ଆଙ୍କିବାକୁ କହିଥାନ୍ତେ, ଏଇ ପାନଟିକେ ବି ଚୋବେଇ ପାରିନଥାନ୍ତି । ଗୋଟିଏ ଶିରା ପ୍ରଶିରା ହଲିବା, ପ୍ରଫେସର ସହ୍ୟ କରିପାରନ୍ତିନି ।

ଖୁବ୍ ଖୁସିରେ ତମ୍ବାଖୁର ରସ ଢୋକିବାକୁ ଲାଗିଲା । ପାନ ସହ ତମ୍ବାଖୁ ରସ ଯେତେବେଳେ ତା' ଖାଲି ପେଟରେ ପଡ଼ିଲା, ତିନିଟା ପର୍ଯ୍ୟନ୍ତ ପେଟ ଗୁଡ଼ୁଗୁଡ଼ୁ ହେଲା । ଘରେ ତ ଚାଉଳର ଦାନାଟିଏ ନାହିଁ । ଧନମ୍ ଆଉ ମହାକୁ ବି ଆଜି ତୋରାଣୀ ହିଁ ଜୁଟିଛି । କେଜାଣି ସେମାନେ ପିଇଲେ କି ନାହିଁ....

କୋଣରେ ଥିବା ଗଛଟି ଉପରେ ପାନ ପିକ ପକାଇ ଉଣାମଳୈ ଭିତରକୁ ଆସିଲା । ପାନ ଖାଇବା ହାନିକାରକ । ଏହା ଆମର ଶତ୍ରୁ । ପାଟି ଭିତରେ ହେଉଥିବା କ୍ୟାନ୍ସରର ଏହା ଘନିଷ୍ଠ ବନ୍ଧୁ ।

"ପାନ ଖାଇବା ଅଭ୍ୟାସ ଛାଡ଼.... ନହେଲେ ଶରୀର ଭିତରଟା ଫମ୍ପା ହୋଇଯିବ...... ପୁଣି ସାଙ୍ଗରେ ତମ୍ବାଖୁ । ଶରୀରର ସର୍ବନାଶ ।" ଡାକ୍ତର କହି କହି ଥକି ଗଲେଣି । ଉଣାମଳୈ କ୍ଲାସରେ ଯାଇ ବସିଲା- "ଆଉ ଘଣ୍ଟାଏ ଅଧିକ ବସିବାକୁ ପଡ଼ିପାରେ । ମୂଲ ତ ମିଳିବ । ଉଧାରି ଅଶୀ ଟଙ୍କା ନ ନେଇ ଏଲୁମଳୈ, ଚାଉଳ, ଲଙ୍କା, ତେନ୍ତୁଳି ଇତ୍ୟାଦି ଦେବନି । ଦୁଇମାସରୁ ବାକି ଅଛି ।" ମୁହଁକୁ ବାମ ଆଡ଼କୁ କର ଉଣାମଳୈ, ହାତ ଦୁଇଟାକୁ ଢିଲାଛାଡ଼, ଟିକିଏ ସମୟ ବ୍ରେକ ଲି ଯେପୁରା ପୋଜ ଭୁଲି ଗଲା......" ରାଗ ଗର ଗର ହେଇ ପ୍ରଫେସର କୈଳାସମ୍ ଗୋଟି ଗୋଟି କରି ପ୍ରତ୍ୟେକ ଛାତ୍ର ପାଖକୁ ଯାଇ ସେମାନଙ୍କ ଚିତ୍ରକାରୀ ତା ମଇନା କରୁଥିଲେ ।

କଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଖଦିର କୁର୍ତ୍ତା, ଜୀନ୍ସ, ଚୁଡ଼ିଦାର ପିନ୍ଧି ଏପଟ ସେପଟ ହେଇ କେକ୍, ପେପ୍‌ସି, ଚିପ୍ସ ଆଦି ଖାଉଥିଲେ ଆଉ ଉଣାମଳୈ ଦଶଦିନ ପର୍ଯ୍ୟନ୍ତ ଘରେ ପଡ଼ି ରହିଥିଲା । ଅନେକ ଖୋଜାଖୋଜି ପରେ ଡାକ୍ତର ସିଫାରିସ୍‌ରେ ଏଇଠି ଛଅ ମାସରୁ କାମ କରୁଛି ।

ଉଣାମଳୈ ନିଜର ଚିକିତ୍ସା ନ କରାଇବାକୁ ଠାଣିଛି । ଦରଦ ବଢ଼ିଲେ ଡାକ୍ତର ପାଖକୁ ଦୌଡ଼େ ନହେଲେ ସମୟ ସହିତ ଦୌଡ଼େ । ପ୍ରଥମେ ଏଇ କାମ କରିବାକୁ ଲଜ୍ଜାବୋଧ କରୁଥିଲା, କିନ୍ତୁ ଲଜ୍ଜାରେ ପେଟତ ପୁରିବନି !

"ଏମାନେ ମୋର ନିଜ ପିଲା ପରି..... ଏମାନଙ୍କ ସାମନାରେ ଲୁଗା ଅସଜଡ଼ା କରି ବସିବାରେ ଲାଜ କାହିଁକି ? ସେମାନଙ୍କ ସାମନାରେ ପୋଜ କରିବାରେ କାହିଁକି ସଙ୍କୋଚ ?"

ଆଜିକାଲି ସେ ନିଜକୁ ସହଜ କରିନେଇଛି । ଛାତ୍ରଙ୍କ ଆବଶ୍ୟକତା ଆଉ ଇଚ୍ଛା ଅନୁଯାୟୀ ଫୋକସ ଲାଇଟ୍ ସାମନାରେ, ଶାଢ଼ୀକୁ ଆଣ୍ଠୁଯାଏଁ ଉଠାଇ ବସେ । ଶାଢ଼ୀ କାନୀ ଖସି ପଡ଼େ..... କେହି ତାର ଚିତ୍ରଆଙ୍କେ ତ କେହି ମାଟିର ମୂର୍ତ୍ତି । ସେ ଦିନ ନୂଆ ପ୍ରଫେସର ପଚାରିଲେ.... "ସ୍ୱାମୀ କଣ କରେ ?"

"ହୁଁ.... ତା' କାମ ପିକ ମାରିବା ଆଉ ଘର ବର୍ବଦା କରିବା । ସେଦିନ ମୋ ଝିଅର ସାଙ୍ଗମାନେ ଆସିଥିଲେ । ସେ ଅତ୍ୟଧିକ ମଦ୍ୟପାନ କରି ଆସିଥିଲେ । ଲୁଗାପଟାର ହୋସ ନ ଥିଲା । ଗାଳିଗୁଲଜ କରୁଥାଏ । ସାଙ୍ଗମାନେ ଦୁଃଖି ହେଇଚାଲିଗଲେ । ଏମିତିରେ ଦିନେ ପେଟ ପୋଡ଼ିଯିବ । ଶୀଘ୍ର ମରି ଯା'ନ୍ତା କି.... ଘରୁ ଚାରିପାଞ୍ଚ ଟଙ୍କା ଚୋରି ହେବାରୁ ବଞ୍ଚିଯା'ନ୍ତା ମୋତେ ଶାନ୍ତି ମିଳନ୍ତା । ମୋ ଝିଅମାନଙ୍କୁ ଲଜ୍ଜିତ ହେବାକୁ ପଡ଼ିନଥାନ୍ତା । ମୋ ଝିଅମାନେ ବହୁତ ଭଲ । ସେମାନଙ୍କ ପାଇଁ ମୁଁ ବଞ୍ଚିଛି । ଦେଖନ୍ତୁ ସାର୍ !.... "ଉଣାମଳୈ, ଅତି ସଂକୋଚରେ ଝିଅମାନଙ୍କ ରିପୋର୍ଟ କାର୍ଡ ଦେଖାଇଲା ।

"ପାଞ୍ଚଶହରୁ ଚାରି ଶହ କୋଡିଏ ମିଳିଛି ।"

"ଭେରି ଗୁଡ୍ ! ଆଗକୁ ପଢ଼ିବାକୁ ଦିଅ । ତା'ପରେ ଟିଚର ଟ୍ରେନିଂ ନେଇ ଟିଚର ହେବେ ।"

"ଏଇ କଥା ତାଙ୍କ ମ୍ୟାଡମ ବି କହନ୍ତି । ସାହାଯ୍ୟ କରିବାକୁ ମଧ ପ୍ରସ୍ତୁତ ସେ । କିନ୍ତୁ ଅନ୍ୟଠାରୁ ମାଗିଆଣି କେତେ ଦିନ ଚଳିବ ? ବହି, ଖାତା, କଲମ, ୟୁନିଫର୍ମ ପାଇଁ ଘର ଘର ବୁଲି ଭିକ ମାଗିବାକୁ ପଡ଼ିବ । ଓଳିଏ ଖାଇବାକୁ ଦେଇପାରୁନି ମୁଁ । ଏସବୁ କେମିତି କିଣିବ ?" ନା', ମୁଁ ସେମାନଙ୍କୁ ପର ଘରେ କାମ କରିବାକୁ କହିବି । ଦୁଇ ଓଳି ପେଟ ପୁରା ଖାଇବାକୁ ତ ପାଇବେ! କିନ୍ତୁ ଝିଅମାନେ ମାନୁ ନାହାନ୍ତି ।"

ପ୍ରଫେସର ସହିତ ସେ ଦିନର କଥାବାର୍ତ୍ତାର ଦୁଃଖ ଆଜିବି ମୁଖମଣ୍ଡଳରେ ପ୍ରତୀତ ହେଉଛି । "ପିଲାମାନେ ବନ୍ଦକର । ଆଜି ପାଇଁ ଏତିକି । ମଡେଲର ମୁଡ୍ ଠିକ୍ ନାହିଁ.... ଚେହେରାରୁ ଖୁସି

ବିଲୁପ୍ତ ହୋଇଯାଇଛି....” ଛାତ୍ରଙ୍କୁ ଏତିକି କହି ପ୍ରଫେସର ବାହାରିଗଲେ । “ଉଣାମନ୍ଲୈରୁମୁ୍ଆସ” । ଭାରି ମନରେ ମୁଣ୍ଡ ହଲାଇ ଭିତରକୁ ଗଲା ସେ । “ମା କଣ କରିବା ?” ଏକା ଥରେ ଜାଆଁଳା ଭଉଣୀ ଦୁହେଁ ପଚାରି ବସିଲେ । ଦୁଇଝିଅ- ଧନଲକ୍ଷ୍ମୀ ଓ ମହାଲକ୍ଷ୍ମୀ ହାତରେ ଭର୍ତ୍ତିହେବାର ଆବେଦନପତ୍ର । “କେବଳ ଦୁଇଟି ବର୍ଷର କଥା ମା । ଘର ଘର କାମ କରି ପଢ଼ିବା । ଅନୁମତି ଦିଅ ମା’ ।” ଡାକ୍ତର କହିଛି ଦୁଇ ବର୍ଷର କଥା ମା । ଡାକ୍ତର କହିଛି ଦୁଇବର୍ଷର ଜୀବନ ଆଉ ବାକି । ଭାବିଲେ ଅଣନିଶ୍ୱାସୀ ଲାଗୁଛି । ଦରିଦ୍ରତାର ସମସ୍ୟା ଭିତରେ ନିଜର ସମସ୍ୟାକୁ କହିବାର ଇଚ୍ଛା ହେଲାନି ।

“ତୁ ଚିନ୍ତା କରନା ମା, ଦୁଇ ବର୍ଷ ପଢ଼ିଲା ପରେ ତୋତେ ଆଉ କାମକୁ ଯିବାକୁ ପଡ଼ିବନି । ଆମେ କାମ କରି ତୋତେ ଖୁଆଇବା ।”

“ହୁଁ.... ଶେଷ ସମୟରେ ଭାତର ଦୁଇଟା ଦାନା ହିଁ ଦେଇପାରିବ.... ।” ବର୍ଷା ଆଉ ଝଡ଼ର ଶବ୍ଦରେ ତା କଥା ଝିଅମାନଙ୍କୁ ଶୁଭୁ ନ ଥିଲା । ଝୁମ୍ପୁଡ଼ି ଭିତରେ ପାଣି ଭରି ଯାଇଥିଲା । ସ୍ଥିର ନିଶ୍ଚଳ ଭାବରେ ଦୃଷ୍ଟିକୁ କୌଣସି ଏକ ଦିଗକୁ କେନ୍ଦ୍ରିତ କରି ବସିଥାଏ ଉଣାମନ୍ଲୈ ।


“ଏଇ ଛାତ୍ରଛାତ୍ରୀ ମାନେ ପ୍ରତ୍ୟେକ ଦିନ ପକେଟ ଖର୍ଚ୍ଚ ପାଇଁ ଶହଶହ ଟଙ୍କା ଆଣନ୍ତି । ମୁଁ ଦୁଇ ଦିନରେ ଏତିକି ଉପାର୍ଜନ କରିପାରୁନି । ମୋ ଭଳି ମୋ ଝିଅମାନେ ହତଭାଗା । ମୁଁ କେବେ ତାଙ୍କୁ ଭଲ ଲୁଗାଟିଏ କି ଭଲଖାଇବାକୁ ଗଣ୍ଡେ ଦେଇପାରିନି । କେବଳ ପଢ଼ିବାର ଅନୁମତି ବ୍ୟତୀତ ସେମାନେ ମୋତେ କେବେ କିଛି ମାଗିନାହାନ୍ତି । ନିରକ୍ଷର ମାତା ପିତାର ଏମିତି ଅଭାଗା ଝିଅ । ବୋର୍ଡରେ ଏତେ ଭଲ ନମ୍ବର ପାଇଥିଲେ ମଧ୍ୟ ମୁଁ ତାଙ୍କୁ କିଛି ଦେଇ ପାରିନି ।

ଡବାରେ ଥିବା କୋଡ଼ିଏ ଟଙ୍କାକୁ ବି ଚୋରେଇ ନେଲା ସେ ମଦୁଆ.... ଝିଅମାନଙ୍କ ଜୀବନକୁ ନଷ୍ଟ କରିଦେଲା.... ସେ ପଶୁଟା ମରୁନି କାହିଁକି କେଜାଣି ?” “କ’ଣ କିରେ... ଚେହେରାରେ ଖୁସି ଟିକିଏ ନାହିଁ ।

କେତେ ଥର କହିଲିଣି ? ଖୁସିର ମୁଦ୍ରାରେ ଦୁଃଖ ଦେଖଉଛୁ ?” ଶ୍ରେଣୀର କୋଣରୁ ପ୍ରଫେସରଙ୍କ ପାଟି ଶୁଭିଲା । ଉଣାମନ୍ଲୈ ଅଶ୍ରୁପୂର୍ଣ୍ଣ ଦୃଷ୍ଟି ଉପରକୁ କଲା ।” ପ୍ରଫେସର କେତେଥର କହିଲେଣି । ନିଜ ଦୁଃଖ ଯୋଗୁଁ ଅନ୍ୟ ଅନେକ ଲୋକଙ୍କୁ ହଇରାଣ କାହିଁକି କରିବି ?” ଯେତେ ଚେଷ୍ଟା କଲେ ମଧ୍ୟ ପଚାଶବର୍ଷର ଦୁଃଖକୁ ଭୁଲି, ଚେହେରାରେ ଖୁସି ଆଣି ପାରୁନଥିଲା ସେ ।

“ଭାରି କାମ କରିବୁନି.... ସମୟ ଅନୁସାରେ ଔଷଧ ଖାଇବୁ । ଦୁଇ ବର୍ଷ ଆଉ ବଞ୍ଚିଯିବୁ । ଚିନ୍ତା କରନା....” ଡାକ୍ତରାଣୀ କହିଲେ ।

ଦରଖାସ୍ତ ଟିକୁ ଉଣାମନ୍ଲୈ ହାତରେ ଧରାଇ ଦେଲେ ଝିଅମାନେ- “ଆମକୁ ନୂଆ କିଛି ଦରକାର ନାହିଁ । ପୁରୁଣା ଲୁଗା ସିଲେଇ କରି ପିନ୍ଧିବୁ । ଖାଇବାକୁ ଦରକାର ନାହିଁ । ପିଇବାକୁ ତୋରାଣୀ ଟିକିଏ ମିଳିଲେ ଚଳିବ । ମାଁ, ଆମେ ଚାଲିଯିବୁ । ଦୁଇ ବର୍ଷ ଆମେ ଘର ଘର ବୁଲି କାମ କରି ପଢ଼ିବୁ ମା’ । ହଁ କରିଦେ ମା’ ।



"ହେ ଭଗବାନ୍ ! କଣ କରିବି ? ଗଳାର ଯନ୍ତ୍ରଣାରୁ ଅଧିକ ଏକ ମନର ଯନ୍ତ୍ରଣା । ପାଞ୍ଚଶହ ଟଙ୍କା ମିଳିଲେ ଯଥେଷ୍ଟ । ଦୁଇ ବର୍ଷ ବିତିଯିବ ।" ବାହାରେ ମୂଷଳ ଧାରାରେ ବର୍ଷା ହେଉଥାଏ । ଦିନେ ବେଳେ ପ୍ରଫେସର କହିଥିବା କଥା ବର୍ଷା ପରି କାନରେ ଶୁଭୁଥାଏ ।

"ଥରୁ...ଟାଏ ଭାବେ । ଦୁଇ ଗୁଣା ଦରମା ମିଳିବ । କୌଣସି ଅସୁବିଧା ହେବନି.... ପ୍ରତି ଦିନ ପରି ଯିବା ଆସିବା କରିବୁ । କାମ ବିଷୟରେ ବାହାରେ କାହାକୁ କିଛି କହିବୁନି.... ତୋ ଝିଅମାନେ ପଢ଼ିବେ । ଆଉ ତୋତେ କୌଣସି କଷ୍ଟ ହେବନି ।"

ଏଇ ବୟସରେ ଏସବୁ କରିବା କ'ଣ ଉଚିତ୍ ? ଟିକିଏ ତୋରାଣୀ ପିଇ କୋଣରେ ଶୋଇ ପଡ଼ିଥିବା ଝିଅମାନଙ୍କୁ ନିରେଖି ଦେଖିଲା ଉଣାମଳି । ସେମାନଙ୍କ ଉପରେ ବର୍ଷା ପାଣି ଟିପଟିପ ହୋଇ ପଡୁଥିଲା ।

ପ୍ରଫେସରଙ୍କ କଥା ବାରମ୍ବାର ଶୁଭୁଥାଏ କାନରେ । "ଅନ୍ୟ କୌଣସି ଉପାୟ ବି ତ ନାହିଁ । ସମ୍ପର୍କ ରୂପୀ ଚେର ହୀନ ଅନାଥ ବୃକ୍ଷ ଆମେ । ବାପ ତ ଅକର୍ମଣ୍ୟ । ମୁଁ ବି ଯଦି କିଛି ନ କରେ, ମୋ ଝିଅମାନଙ୍କର କଣ ହେବ ? ସେମାନେ କେବଳ ପଢ଼ିବାର ଅନୁମତି ତ ମାଗୁଛନ୍ତି ।" ... ପ୍ରଫେସରଙ୍କ କଥା ଭାବିଲେ ଶ୍ୱାସରୁଦ୍ଧ ହେଉଛି । ଆପାଦ ମସ୍ତକ ଧରି ଯାଉଛି ।

ମା', କହୁନ ! ଆଜି ଶେଷ ତାରିଖ । ଆମେ ଦରଖାସ୍ତ ଜମା କରିବା ତ ? ସଫାଇ କାମ କରି ରୋଜଗାର କରିବା ଆଉ ପଢ଼ିବା ମା । କଣ୍ଠରୁଦ୍ଧ ହେଉଥିଲା ଦୁହିଁଙ୍କର । ବାସି ତୋରାଣୀରେ ପାଣି ମିଶାଇ ତିନି ଗିଲାସ କଲା ଉଣାମଳି । ଆଉ ଗୋଟିଏ ଗୋଟିଏ ଗିଲାସ ଝିଅଙ୍କୁ ଧରାଇଦେଲା ।

"ତୁ ପିଇବୁନି ମା ?" ଦରିଦ୍ରତା, ମାଁ ଝିଅଙ୍କର ସମ୍ପର୍କକୁ କମ କରିପାରିନଥିଲା ।

କିଛି ଗିଳି ପାରୁନି ସେ । ଏମିତି ଛେପବି ଢୋକିବାକୁ ବି କଷ୍ଟ ହେଉଛି । ହଜାରେ ଛୁଞ୍ଚି ଫୋଡ଼ିହେବାର ଯନ୍ତ୍ରଣା ସେ ଅନୁଭବ କରୁଥିଲା ।

"ମୁଁ ଚାଲିଲି..... କୁଆଡ଼େ କାମ କରିବା ଦରକାର ନାହିଁ... ଆଗକୁ ପଢ଼ । ତୁମର ଦୁଇ ବର୍ଷର ଦାୟିତ୍ୱ ମୋର ।" ହଠାତ୍ ଆକାଶ ଆଲୋକିତ ହୋଇ ଉଠିଲା । ଝିଅମାନେ ଆଶ୍ଚର୍ଯ୍ୟ ଚକିତ ହୋଇ ଅନେଇ ରହିଲେ ମାଙ୍କୁ... ଉଣାମଳି ଭିତରକୁ ଯିବା କ୍ଷଣି ପ୍ରଫେସର ଠାରରେ ତା' ସମ୍ମତି ମାଗିଲେ । ଉଣାମଳି ଦୃଷ୍ଟି ତଳକୁ କଲା । କୋଠରୀ କୋଣରେ ଯାଇ ଠିଆହେଲା । ମନ ତା ବ୍ୟାକୁଳ ହୋଇ ଉଠୁଥାଏ । "ଶାନ୍ତ ହୁଅ ଉଣାମଳି ।"

କହିବାଟା ଭାରି ସହଜ । ହେ ପ୍ରଭୁ ! ମେତେ ଧୈର୍ଯ୍ୟ ଦିଅ । ମୋର ଅଶାନ୍ତ ମନକୁ ଶାନ୍ତ କର । ମୋର ଦରିଦ୍ରତା ଦୂରକର, ଅଥବା ଲଜ୍ୟା ଦୂର କର । ଏଇଟା କ'ଣ ବ୍ୟଭିଚାର ? ନିଜ ଶରୀର ବିକିବା ସଙ୍ଗେ ସମାନ ? ନା' ନା ଏମିତି ହୋଇପାରେନା....

"ଚିନ୍ତା କରନି । ଆମେ ସବୁ ତୁମ ଝିଅପରି । ଯେମିତି ଆମେ ଆକାଶ ଓ ଅଗ୍ନିର ଚିତ୍ର ଆଙ୍କୁଛୁ, ସେମିତି ତୁମର ବି ଆଙ୍କିବୁ । ବ୍ୟସ୍ତ ହୁଅନ୍ତି । ଛାତ୍ରୀ ଜଣେ କହିଲା ।" ମୁଁ, ଛାତ୍ରଛାତ୍ରୀଙ୍କ ପାଇଁ ପାଠ... କଲମ, ବୋର୍ଡ, ବ୍ରସ, ରଙ୍ଗ ଇତ୍ୟାଦି ପରି ମୁଁ ମଧ୍ୟ ଗୋଟିଏ ଉପକରଣ ।"

ଉଣାମଳି ଭିତରକୁ ଗଲା । ଶ୍ରେଣୀ ନିସ୍ତବ୍ଧ, ରଙ୍ଗର ମିଶ୍ରଣ, କାନ୍‌ଭାସ ଉପରେ ବ୍ରସ, ବାହାରେ ବିଜୁଳି ସହିତ ବର୍ଷା । ଅନ୍ଧକାର ଆଉ ଆଲୋକର ଲୁଚକାଳି ଭିତରେ, ଉଣାମଳି ମୁଣ୍ଡ ତଳକୁ କରି ବାହାରକୁ ଆସିଲା । ଦୁଃଖ, ଦରଦ, ଭୟ, ଶୋକରେ ପାଦ ଆଗକୁ ବଢ଼ାଇଲା ସେ ।

"ମୋର ଜରାଜର୍ଜର ଶରୀର.... ମୋ ଝିଅଙ୍କ କାମରେ ଆସିଲା । ମାଟିରେ ମିଶିବା ପୂର୍ବରୁ ମୋର ଏ ଶରୀର ଆଜି ପାଠ୍ୟ ହୋଇଗଲା....." କୋଡ଼ିଏ ବର୍ଷ ପୂର୍ବର କଥା ମନେ ପଡ଼ିଗଲା, ଯେତେବେଳେ ସେ ରେଶମୀ ଶାଢ଼ୀରେ, ବରଣ ମାଳା ପିନ୍ଧି ମଣ୍ଡପରେ ଲଜ୍ଜିତ ଅବସ୍ଥାରେ ବସିଥିଲା, ଆଉ ଆଜି !

ପାଞ୍ଚ ଫୁଟ ଚଉଡ଼ା, ପାଞ୍ଚ ଫୁଟ ଉଚ୍ଚମଞ୍ଚ ଉପରେ ଅନ୍ଧକାରର ରାଜତ୍ୱ । ଡାହାଣ ଗୋଡ଼ ସିଧାକର, ବାମଗୋଡ଼ ଲେଉଟାଅ.....

ବିଜୁଳି ଆଲୁଅରେ ତାର ଗହମ ରଙ୍ଗର ଶରୀର ଆପାଦ ମସ୍ତକ ଆଲୋକିତ ହୋଇଉଠିଲା ।

ଉଣାମଳି ମନ ଚକ୍ଷୁ ସମ୍ମୁଖରେ ଦୁଇ ଝିଅ- ମହା ଆଉ ଧନମ୍....

*ସ୍କୁଲ ହାଉସିଂ କଲୋନୀ, ଜେ.ଏସ.ପି.ଏଲ,*
*ରାୟଗଡ, ଛତିଶଗଡ*

# ରହସ୍ୟ

– କୁନଲତା ତ୍ରିପାଠୀ

ପ୍ରତି ଏକାଦଶୀ ତିଥିରେ ମୁଁ "ରାଧା-କୃଷ୍ଣ"ଙ୍କ ମନ୍ଦିର ଯାଏ । ରାଧା-କୃଷ୍ଣଙ୍କର ଭବ୍ୟ-ଦିବ୍ୟ ବିଗ୍ରହ ଦର୍ଶନ କରି ମନରେ ଶାନ୍ତି ଆସେ । କିଛି ସମୟ ତାଙ୍କ ଭଜନ କୀର୍ତ୍ତନ କରେ । ଯେଉଁମାନେ ସେଠାକୁ ଆସିଥାଆନ୍ତି ସେମାନେ ମଧ୍ୟ ମୋ ସହିତ ଯୋଗ ଦିଅନ୍ତି । ଆନନ୍ଦ ଲାଗେ । ଏମିତି ଦିନେ ମୁଁ ମନ୍ଦିରରେ ତନ୍ମୟ ହୋଇ ଓଡ଼ିଆ ଗୋପ ଗୀତ ଗାଉଥିଲି । କାରଣ ମୁଁ ସେ ଗୀତକୁ ସଂସ୍କୃତ ଭାଷାରୁ ଓଡ଼ିଆ ଭାଷାକୁ ଅନୁବାଦ କରିଛି । ଗୋପୀମାନଙ୍କର ଶ୍ରୀକୃଷ୍ଣ ବିଚ୍ଛେଦଜନିତ ଦୁଖକୁ ମୁଁ ମର୍ମେ ମର୍ମେ ଅନୁଭବ କରିପାରୁଥିଲି । ମୋ ଭିତରେ ଭାବପ୍ରବଣତା ଥିବାରୁ କେଉଁମାନେ ମନ୍ଦିରକୁ ଆସୁଥିଲେ ଯାଉଥିଲେ ସେ କଥା ମୁଁ ଜମା ଜାଣିପାରୁନଥିଲି । କେତେବେଳଠୁ ଜଣେ ବୁଢ଼ା ମଉସା ଆସି ମୋ ଗୀତରେ ପାଳିଧରି ମୁଣ୍ଡ ହଲାଇ ତାଳି ମାରୁଥିଲେ । ଶେଷବେଳକୁ ମୁଁ ତାଙ୍କୁ ଦେଖିଲି । ସେ ମୋ ପାଇଁ ସମ୍ପୂର୍ଣ୍ଣ ଅପରିଚିତ । ତାଙ୍କ ଦେହରେ ସନ୍ନ୍ୟାସୀ ସୁଲଭ ଗେରୁଆ ବସ୍ତ୍ର, ମଥାରେ ରାମାନନ୍ଦୀ ତିଳକ ଏବଂ ବେକରେ ତୁଳସୀମାଳି ଥିଲା, ସାଙ୍ଗରେ ଝୁଲା ବ୍ୟାଗଟିଏ ମଧ୍ୟ । ସେ ସନ୍ନ୍ୟାସୀ କି ସଂସାରୀ ହଠାତ୍ ଠଉରାଇ ହେଉନଥିଲା । ଅତି ଆପଣାର ପରି ମୋ ପାଖକୁ ଲାଗି ଆସି କିଛି କହିବାକୁ ଆରମ୍ଭ କଲେ ସେ- "ମା'ରେ ମୁଁ ଟିକେ ତୋ ଘରକୁ ଯାଇଥାଆନ୍ତି । ତୁ କେଉଁଠି ରହୁଛୁ ଠିକଣା ସହିତ ତୋ ଫୋନ୍ ନମ୍ବର ଟିକେ ଲେଖିଦେ ।" ଛୋଟ ଟିପା ଖାତାଟିଏ ସେ ବଢ଼ାଇ ଦେଲେ ମୋ ହାତକୁ । ତାଙ୍କ କଥାରେ କେମିତି ଗୋଟେ ଆପଣାର ଭାବ ଏବଂ ଆତ୍ମିୟତା ଥିଲା । ମୁଁ ମୋ ଠିକଣା ସହିତ ଫୋନ୍ ନମ୍ବର ଲେଖିଦେଲି ବିନା ଦ୍ୱିଧାରେ ।

ମୁଁ ପଚାରିଲି- "ଆପଣ କଅଣ ସନ୍ନ୍ୟାସୀ ?" ସେ କହିଲେ– ନାଁରେ "ମା" । ମୁଁ ପୁରା ସଂସାରି ବୈଷ୍ଣବ । ମହାମନ୍ତ୍ର କରେ । ଯେଉଁଠି ପ୍ରାୟ ଚତୁର୍ଥ- ଅଷ୍ଟମ ପ୍ରହରୀ କିମ୍ବା ନାମ ସଂକୀର୍ତ୍ତନ ହୁଏ ମତେ ଡାକରା ଆସେ । ଭଜନ କୀର୍ତ୍ତନ କରେ । ତୁ କେତେ ସୁନ୍ଦର ଭାବରେ ଗୋପଗୀତଟି ଗାଇଲୁ– ମତେ ଭାରି ଭଲ ଲାଗିଲା । ଠିକ୍ ଅଛି ମା, କାଲି ତୋ ଘରକୁ ଯିବି, ଗୋଟେ ବଡ଼ ଜରୁରୀ କଥା ଅଛି ମୋର ତୋ ପାଖରେ । ତୋ ଦ୍ୱାରା ସେ କାମଟି ନିଶ୍ଚିତ ହୋଇପାରିବ ।" ସେ ବିଶ୍ୱାସ ଏବଂ ଭରସା ମୋର ଅଛି ।"

ରାତିରେ ଭାବିଲି- "କେଉଁ ଜରୁରୀ କଥା ମଉସାଙ୍କର ମୋ ପାଖରେ ବା ଥାଇପାରେ ? ପ୍ରଥମ ଥର ଦେଖାରେ ସେ ମୋ ଉପରେ ଏତେ ଭରସା କରିପାରୁଛନ୍ତି ବା କେମିତି ? ଏ ମନକୁ ତ ଆଗେ ଖରାପ କଥାତକ ଆସେ । ଠିକ୍ ସେମିତି ନାନା ପାପ ଛୁଇଁଲା ମନ । ପୁଣି ସଗତୋକ୍ତି କଲି– ଏଡ଼େ ବୋକିଟାଏ ମୁଁ ସତରେ । ବେକାର ଚିନ୍ତାରେ ମୁଣ୍ଡକୁ ଭାରାକ୍ରାନ୍ତ କରୁଛି । ଭଜନ କୀର୍ତ୍ତନ ପାଇଁ ତାଙ୍କୁ କୋଉଠି ଡାକରା ଥିବ, ସେଠିକୁ ମତେ ଯିବା ପାଇଁ ସେ ନିଶ୍ଚିତ ଚାହୁଁଥିବେ । ପ୍ରଭୁଙ୍କ କାମରେ ଯାଇ ଭଜନ ମାଧ୍ୟମରେ ତ କିଛି ସେବା ଦେଇହେବ । କାଲି ଯଦି ଆସି ମଉସା ଭଜନ ଗାଇ ଯିବାକୁ କେଉଁଠିକୁ ଡାକନ୍ତି- କଦାପି ମନା କରିହେବନି । ତାଙ୍କ ସାଙ୍ଗରେ ଯିବାକୁ ପଡ଼ିବ ମତେ ।"

ସତକୁ ସତ ସକାଳୁ ସକାଳୁ ମଉସା ଠିକଣା ବୁଝିଆମ ଘରେ ପହଞ୍ଚିଯାଇଥିଲେ । ସେଇ ବେଶ ପୋଷାକରେ ବଡ଼ ପବିତ୍ର ଲାଗୁଥିଲେ ସେ । ଫାଟକ ଖୋଲୁ ଖୋଲୁ ମୁଁ ହସି ହସି କହିପକାଇଲି- "କଅଣ ପୋଗ୍ରାମ ଅଛି କି ମଉସା– ସକାଳୁ ସକାଳୁ ଗାଧୋଇ-ପାଧୋଇ ବାହାରି ପଡ଼ିଲେଣି ।" ଅଥଚ ପ୍ରତ୍ୟୁତ୍ତର ନଦେଇ ନୀରବ ରହିଲେ ସେ । ମୁଁ ନିରେଖି ଚାହିଁଲି ତାଙ୍କୁ । ମୁଖମଣ୍ଡଳରେ ଫୁଟି ଦିଶୁଛି ଉଦାସ ଉଦାସ ଭାବ । ଜଣେ ଆଧ୍ୟାତ୍ମିକ ମାର୍ଗୀ ବ୍ୟକ୍ତିବିଶେଷ ତ ମଉସା । କେଉଁ ସାଂସାରିକ ତାଡ଼ନା ଯେ ତାଙ୍କୁ ଏତେ ବ୍ୟଥିତ କରିପାରେ ? କିଛି ଗୋଟେ ରହସ୍ୟ ତ ନିଶ୍ଚିତ ଛପି ରହିଛି ଯା' ଭିତରେ ।

ଡ୍ରଇଂ ରୁମ୍‌ରେ ବସିଲେ ମଉସା । ମୁଁ ତାଙ୍କ ପାଇଁ ଚା' କରିବାହାରିଲି । ସେ ହଠାତ୍ ଚେୟାରରୁ ଉଠି ମୋ ହାତ ଧରିପକାଇଲେ । ମୁଁ କିଛି ବୁଝିନପାରି ଚମକି ପଡ଼ିଲି । ଅଥଚ ସେ ଅନୁନ୍ନୟ ହୋଇ କହିଲେ - "ନାହିଁରେ ମା' ଆଜି ଥାଉ । ଝିଅ ଯେତେବେଳେ କହିଛି ଅନ୍ୟଦିନେ ନିଶ୍ଚିତ ଖାଇ- ପିଇ ତୋ ଘରୁ ଯିବି । ତତେ ଆଗେ ଏବେ ମୋ ଦୁଃଖ କାହଣୀ ଶୁଣିବାକୁ ପଡ଼ିବ ।" ମୁଁ ଚକିତ ହୋଇ ତାଙ୍କ ମୁହଁକୁ ଚାହିଁଲି । ଦୁଇ ଆଖିରୁ ତାଙ୍କର ଦୁଇଧାର ଲୁହ ଖୁବ ସନ୍ତର୍ପଣରେ ନୀରଳସ ଭାବେ ଗଡ଼ି ଆସୁଛି । ଭାବିପାରିଲିନି ମୁଁ । କାନ୍ଦିବାର କାରଣ କଅଣ ହୋଇପାରେ । ମୁଁ କିଛି ପଚାରିବା ପୂର୍ବରୁ ସେ କହିବସିଲେ "ଯେଉଁକଥା କାହା ଆଗରେ କହିପାରିନି ଆଜି ତୋ ଆଗରେ କହୁଛି ଝିଅ । ପୁଅ ବୋହୁ ମୋର "ପୁଅ-ବୋହୂ ନା ଧରୁ ଧରୁ

ଆଉ ଅଧିକ କହିପାରିଲେନି ସେ । ଲୁହ-କୋହରେ ଏକାକାର ହୋଇପଡ଼ିଲେ । ମତେ ଆଉ ବୁଝିବାକୁ ବାକି ନ ଥିଲା । ଆଜିକାଲି ତ ପୁଅ-ବୋହୂମାନେ ବୁଢ଼ା ବାପା ମାଆମାନଙ୍କୁ ଅଳିଆ ଗଦା ଛଡ଼ା ଅନ୍ୟ କିଛି ଭାବୁନାହାନ୍ତି । ପାଖରୁ ବିଦାକରି ସଫାସୁତୁରା ରହିବାକୁ ଚାହୁଁଛନ୍ତି ସେମାନେ । ଭୁଲିଯାଉଛନ୍ତି ଯେ ଅଳିଆ ଗଦାରୁ ପଦ୍ମ ଫୁଟାଇ ଏଇ ବାପା- ମାଆମାନେ ହିଁ ପିଲାମାନଙ୍କୁ ମଣିଷପରି ମଣିଷକରି ଗଢ଼ିତୋଳନ୍ତି । ଯେତେବେଳେ ମୁଣ୍ଡକୁ ହାତ ପାଇଯାଏ- ବାପା ମାଆ ଯେଉଁ ଅମୂଲ୍ୟ ତ୍ୟାଗ କରିଥାନ୍ତି ତାକୁ ମୂଲ୍‌ଚାଲ କରି ବସନ୍ତି ସେମାନେ । ସମସ୍ତଙ୍କୁ ଯେ ଦିନେ ବାର୍ଦ୍ଧକ୍ୟ ଆସିବ ସେମାନେ ବୁଢ଼ାବୁଢ଼ୀ ହେବେ । ଏହି ସମୟରେ ସେମାନେ ଅଲୋଡ଼ା ହୋଇପଡ଼ିବେ– ଭାବିପାରନ୍ତିନି ସେକଥା । ଅଥଚ ଯେଉଁ ବାପାମାଆ ତନ ମନ ଧନରେ ସବୁ ପ୍ରକାର ସାହାଯ୍ୟ କରି ପିଲାରୁ ବଡ଼ କରିଥାଆନ୍ତି ସେମାନଙ୍କର ଅବସ୍ଥା ଆଜି ଏଭଳି ଶୋଚନୀୟ । ମନକଥା ମନରେ ରଖି କଥା ଏଡ଼ାଇ ମୁଁ କହିଲି– "ମଉସା ମାଉସୀ ଭଲ ଅଛନ୍ତି ତ ? ଆପଣଙ୍କର କେତେ ପୁଅ-ଝିଅ ? ସେମାନେ ସବୁ କଅଣ କରୁଛନ୍ତି ?" "ମାଉସି ଆଉ ଭଲ କଅଣ ମା । ଏମିତି ବଞ୍ଚିବା କଥା ବୋଲି ବଞ୍ଚିଛି । ଦୁଃଖ ଭୋଗିବାକୁ ଅଛି ଯେତେବେଳେ ମରି ହେଉଛି କେଉଁଠି ? ପୁଅ ଝିଅ ମାନେ ଏଇ "ସେଇ ଗୋଟିଏ ବୋଲି ପୁଅ । ଆମର ଚଉଦ ପୁରୁଷରୁ ଚାଷୀ- ବନ୍ଦିଘର ମା' । ପୁଅକୁ ବଡ଼ବାବୁ କରିବି ବୋଲି ମରିପଡ଼ି ପାଠପଢ଼ାଇଥିଲି । ପୁଅ ବଡ଼ ଅଫିସର ହେଲା । ବଡ଼ ଘରୁ ବୋହୂ ଆଣିଲି । କଅଣନା ସୁଖ ଭୋଗିବି । ଫଳ ପାଉଛି ଏବେ । କପାଳ ତ ପୋଡ଼ା । ଏତେ ହିନସ୍ତା ହୋଇ ଗା ଭୁଇଁ ଛଣଡ଼ଇ ପଡ଼ିରହିଛୁ ଆମ ଏଠି ଏତିକି କହିନୀରବ ହୋଇଗଲେ ସେ ପୁଣି ଲୁହ ଆଉ କୋହରେ ।

ମୁଁ କହିଲି– "ପିଲାଙ୍କ ଭଳି କାନ୍ଦୁଛନ୍ତି ମଉସା । ଆଜିକାଲି ପ୍ରତି ସହରୀ ପୁଅ- ବୋହୂ ଘରେ ଏହି ଅବସ୍ଥା । ବାପା-ମାଆଙ୍କୁ ପାଖରେ ରଖିଲେ ସେମାନଙ୍କର ମଉଜ ମଜଲିସ୍‌ରେ ବ୍ୟାହାତ ହେବ । ଆଧୁନିକ ହୋଇପାରିବେନି ସେମାନେ । ତେଣୁ ବୁଢ଼ା ବାପାମା'ଙ୍କ ପ୍ରତି ସେମାନଙ୍କର ଅନାଦର । ଟିକେ ଉଦାର ହୋଇପଡ଼ନ୍ତୁ ମଉସା । ବରଂ ଶେଷ ଯାଏ ସେହିମାନଙ୍କ ପାଖରେ ଦିନେ କଟିଯାଉ ।"

ଏବେ ତ ସଭ୍ୟ ଶିକ୍ଷିତ ରୋଜଗାରୀ ପିଲାମାନେ ବାପାମାନଙ୍କୁ ବୃଦ୍ଧାଶ୍ରମରେ ଛାଡ଼ିବାକୁ ସାମାନ୍ୟତମ କୁଣ୍ଠିତ ହେଉନାହାନ୍ତି । ବରଂ ଏହାକୁ ଏକ ଆଧୁନିକତାର ପ୍ରତୀକ ରୂପେ ସେମାନେ ଗ୍ରହଣ କରିନେଲେଣି ।" ମନ କଥା ମନରେ ରଖିଲି- ପ୍ରକାଶ କରିଦେଲେ ହୁଏତ ମଉସାଙ୍କ ଦୁଃଖ ଲାଗିପାରେ । ଜାଣିଲାଭଳି ମଉସା କହିଲେ- "ତୁ ଯାହା ଭାବୁଛୁ ସେ କଥା ନୁହେଁରେ ମା । କହିଲେ କୁଳକୁଟୁମ୍ବକୁ ଲାଜ ନ କହିଲେ କୁଳ ଭାସିଯାଉଛି । କି ରହସ୍ୟ ଯା' ଭିତରେ ଅଛି ମୁ ବା କି ଜାଣେ । ଏଇ କେତେଦିନ ହେବ ପୁଅ-ବୋହୂଙ୍କ ଭିତରେ କାହିଁକି କେଜାଣି ମନାନ୍ତର । ମୁହଁ ଫଟାଫଟି, ଜବାବସୁଆଲ ସବୁବେଳେ । କାନ୍ଦ-କାଟ ରୁଷାରୁଷି । ଏମିତି କି ଦିନେ ଦିନେ ଅଖିଆ ଅପିଆ ପୁଅ ଅଫିସ ଚାଲିଯିବ । ବୋହୂ ବି ନଖାଇ ଉପାସ ଭୋକରେ ରହିବ । ପିଲା ଦୁଇଜଣ କାବା-କାଠ ହୋଇ ଇଏ ତା ମୁହଁକୁ ସିଏ ଯା ମୁହଁକୁ ଚାହୁଁଥିବେ । ଯେତେ ପଚାରିଲେ କେହି କିଛି କହିବେନି । ବରଂ ବୋହୂ ବିରକ୍ତ ହେବ । କହିବ କଅଣ ନା ଛୋଟଲୋକ ଆମେ । ଆଧୁନିକ ଶିକ୍ଷିତ ସମାଜରେ ଚଳି ଶିଖିନୁ ଆମ ପରିବାର । ଯାହା ଥିଲା ଥିଲା କଅଣ ହେଲା କେଜାଣି ଦିନେ ରାଗି ପୁଅ ବୋହୂର ମୋବାଇଲୀ ଭାଙ୍ଗି ଦେଲା । କାହିଁକି ମୋବାଇଲ୍ ଭାଙ୍ଗିଲୁ ପଚାରିଲାଠୁ କହିଲା– ନା ଥିବ ବାଉଁଶ ନା ବାଜିବ ବଇଁଶୀ । ସେଇ ଦିନଠୁ ବୋହୂ ତା ବାପଘରକୁ ଯାଇଛି, ଆଉ ଫେରିବା ନା ଧରୁନି । ନାତୁଣୀଟି ସିନା ହଷ୍ଟେଲରେ ରହିଛି, ଏତେ ସାନ ପିଲା ନାତିଟି ଆମ ପାଖରେ ରହୁଛି । ଏ ବୟସରେ ମାଉସୀ କଅଣ ରୋଷେଇ ସାଙ୍ଗକୁ, ପିଲା ଜଂଜାଳ କରି ପାରିବ । ବୋହୂର ବାପକୁ ଟିକେ ଫୋନ୍ କରି ବୋହୂକୁ ଫେରାଇ ଆଣିପାରିବୁ ମା' ତୁ ଟିକେ ଚେଷ୍ଟାକର । ବଡ଼ ଧର୍ମ କାମଟିଏ ତୋ ଦ୍ୱାରା ହେଇପାରନ୍ତା ।"

ମୁଁ ଚକିତ ହେଲି । ଦୁଇ ଦୁଇଜଣ ପିଲାଙ୍କୁ ଛାଡ଼ି କୋଉ ମା' ବାପ ଘରକୁ ଯାଇପାରେ ? ନିଶ୍ଚିତ କିଛି ଗୁଢ଼ ରହସ୍ୟ ଛପି ରହିଛି ଯା' ଭିତରେ । ମଉସାଙ୍କଠାରୁ ତାଙ୍କ ପୁଅ ଫୋନ୍ ନମ୍ବର ଏବଂ ତାଙ୍କ ବୋହୂଙ୍କ ବାପ ଘରର ଫୋନ୍ ନମ୍ବର ରଖି ତାଙ୍କୁ ବୋଧ ଦେଇ ବିଦାୟ ଦେଲି । କେଉଁ ଅଧିକାରରେ "ଅନାହୁତେ ପ୍ରବିଶତି ଅପୃଷ୍ଟେ ବହୁ ଭାସଷେ" ଭଳି କାର୍ଯ୍ୟଟଏ କରିବି ମୁଁ । ତଥାପି ଯେତେ ଅପାମନିତ ହେବାକୁ ହେଲେ ମଧ୍ୟ ମଉସାଙ୍କର ମୋ ଉପରେ ଥିବା ଆଶା ଭରସାକୁ ଅତୁଟ ରଖି ପଦକ୍ଷେପଟିଏ ନେବାକୁ ବାଧ ହେଲି ମୁଁ । ବୁଝି ଆଶ୍ଚର୍ଯ୍ୟ ହେଲି ଫେସ୍‌ବୁକ୍‌ରେ ପ୍ରେମ ସମ୍ପର୍କ ଗଢ଼ି ଉଠି ଏ ବୟସରେ ଏ ପାରିବାରିକ ବିପର୍ଯ୍ୟୟ ସୃଷ୍ଟି ହୋଇଛି । ସ୍ୱାମୀ ତାଙ୍କର ସ୍କୁଲ ବେଳର କୋଉ ବାଲ୍ୟସାଥିଙ୍କ ପ୍ରଥମ ପ୍ରେମ ଏବେ ଫେସ୍‌ବୁକ୍ ମାଧ୍ୟମରେ ଦୋହରାଇଛନ୍ତି । ସ୍ତ୍ରୀ ଆରୋପ କରିଛନ୍ତି- କୋଉ ଅନାମଧେୟ ମଫସଲୀ ଲୋକ ଏବେ ସହରରେ ରହି ଆଧୁନିକ ହୋଇଯାଇଛନ୍ତି । ତାଙ୍କୁ ଖାଲି ପ୍ରେମ କରିଆସେ । ସେ

ଆଧୁନିକା ସହରୀ ଝିଅ-ପୁଣି ବାପା ତାଙ୍କର ଓଏଏସ୍ ଅଫିସର । ତାଙ୍କର କଅଣ ପ୍ରେମ କରିବାର ଆଇନଗତ ଅଧିକାର ନାହିଁ । ଏ କୁଆଡ଼େ ଆଇନ୍ ରକ୍ଷକ । ନାରୀ ସ୍ୱାଧୀନତା ସ୍ୱାଧୀନତାରେ ହସ୍ତକ୍ଷେପ କରିବାକୁ ସ୍ୱାମୀ କିଏ ? ତାଙ୍କର କଅଣ ଆତ୍ମସମ୍ମାନ ନାହିଁ ।

ସ୍ୱାମୀ-ସ୍ତ୍ରୀ ଦୁଇଜଣଙ୍କ ଭିତରେ ପରସ୍ପର ପ୍ରତି ସନ୍ଦେହ, ଏଭଳି ଉତ୍କଟ ଘୃଣାଭାବ ସୃଷ୍ଟି କରିଛି ଯେ ଏ ପରିସ୍ଥିତି ରେ ସେମାନେ ପରସ୍ପରକୁ ଡିଭୋର୍ସ ଦେବାକୁ ମଧ୍ୟ ପ୍ରସ୍ତୁତ ହୋଇରହିଛନ୍ତି । ଆତ୍ମସମ୍ମାନବୋଧ ନାମରେ ନିଜେ ନିଜ ପ୍ରତି ଯେ ଆତ୍ମପ୍ରବଞ୍ଚନା କରୁଛନ୍ତି ବୋଲି ଧାରଣାଟିଏ ସୃଷ୍ଟି କରିପାରିଲିନି ସେମାନଙ୍କ ମନରେ ମୁଁ । ଆଖି ଆଗରେ ଏକ ସୁନ୍ଦର ଉଜୁଡ଼ା ସଂସାରକୁ ସଜାଡ଼ିବାର ପ୍ରୟାସଟିଏ ରଖି ବିଫଳ ହେବାକୁ ପଡ଼ିଲା । ପରସ୍ପର ପ୍ରତିଆକ୍ଷେପ- ପ୍ରତ୍ୟାକ୍ଷେପର ରୋଗ ସେମାନଙ୍କର ମାନସିକତାକୁ ସଂକ୍ରମିତ କରିସାରିଥିଲା । ଏହା ଏକ ସାମାଜିକ ଅଧୋଗତି କିମ୍ବା ଉନ୍ନତି ଏକ ଦୃଢ଼ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲା । ପ୍ରକୃତପକ୍ଷେ ଅତ୍ୟାଧୁନିକ ସମାଜର ବୈଷୟି

କ ଜ୍ଞାନ କୌଶଳର ଏ ଦୁରାରୋଗ୍ୟ ବ୍ୟାଧିକୁ ଚିକିତ୍ସା କରିବା ଏକ ଦୁରୁହ ବ୍ୟାପାର । କୌଣସି କ୍ଷେତ୍ର , କୌଣସି ସ୍ତର ତଥା କୌଣସି ପରିସ୍ଥିତିରେ ମଧ୍ୟ ସେଇ ସଂକ୍ରମିତ ମାନସିକତାକୁ ବଦଳାଇବା ସମ୍ଭବ ନୁହେଁ ବୋଲି ମୋର ହୃଦବୋଧ ହେଲା । ଶେଷରେ ଭଗବାନଙ୍କ ନିକଟରେ ହାତ ଟେକି ଦେଇ କହିଲି- ହେ ପରମ ବୈଦ୍ୟ ଏ ଦୁରାରୋଗା ବ୍ୟାଧିକୁ ତୁମଛଡ଼ା ଆଉ କିଏ ବା ଆରୋଗ୍ୟ କରିପାରିବ । ତୁମ ଶୁଭ ଦୃଷ୍ଟିପଡୁ ପ୍ରଭୁ ।

ମଉସା ଏ ରହସ୍ୟ ତାଙ୍କ ସରଳ ତରଳ ମନରେ କେଉଁଠୁ ବା ବୁଝିପାରିବେ । ତାଙ୍କ ପାଖରେ ମୋ ଅକ୍ଷମତା ପ୍ରକାଶ କରି କହିଲି– ସେ ଇଚ୍ଛାମୟଙ୍କ ଇଚ୍ଛାରେ ଇଚ୍ଛା ରଖ ମଉସା । ଭାବିତବ୍ୟ ଅବଶ୍ୟ ଭୋଗ କରିବାକୁ ପଡ଼ିବ ତୁମକୁ ।

ମହାନଦୀ ବିହାର, କଟକ


VS ACADEMY
(A WAY TO SUCCESS)
FOR +2 & +3 ARTS (ALL SUBJECTS)
& ALSO H.S.C (CLASS VIII TO X)
Where Ordinary Converts into Extraordinary
MATRUMANGALA CAMPUS, TINIKONIA BAGICHA, CUTTACK - 1
CONTACT : 8270602223 , 8328896892

# ଅଭିଶପ୍ତା ଦେବୀ

– ସଞ୍ଜୟ ପଣ୍ଡା

ସୁଦୂର ଆଣ୍ଡାମାନରେ ପୁରା ଏକ ବର୍ଷର ରହଣି ପରେ ଯେତେବେଳେ ମୁଁ ପୁଣି ଥରେ ମୋ ଭଡ଼ାଘର ଅଭିମୁଖେ ଗୋଟିଏ ଅଟୋରେ ଷ୍ଟେସନରୁ ଫେରୁଥାଏ, ବାରମ୍ବାର ମୁଣ୍ଡ ବାହାର କରି ଦେଖୁଥାଏ । ସେ ବାଜୁଆ ପାନ ଦୋକାନ, ଚାହାଖଟିର ବାଉଁଶ ତିଆରି ବେଞ୍ଚ, ଶିଶୁ ଉଦ୍ୟାନ ସାମ୍ନାରେ ବସିଥିବା ଏକ ନିଶୁଆ ସିକ୍ୟୁରିଟି ଗାର୍ଡ, ବସ୍‌ଷ୍ଟାଣ୍ଡ ପାଖ ଗଳିର ନାକ ଫାଟି ପଡୁଥିବା ବାସ୍ନା, ଭଗବତୀ ମନ୍ଦିର ସାମ୍ନାରେ ବୁଲୁଥିବା ସେ ମାଙ୍କଡ଼ମାନେ, କେହିବି ବଦଳି ନାହାନ୍ତି ।

– କିନ୍ତୁ ମୁଁ ଏମିତି କାହିଁକି ଭାବୁଛି ?

ଆଣ୍ଡାମାନର ସେ ନିରୀହ ବନବାସୀମାନଙ୍କ ସହିତ ରହି ମୋ ମୋ ମୁଣ୍ଡଟା ବି ସେହି ବନବାସୀ ହୋଇଗଲାଣି ବୋଧହୁଏ । ହେବନି କେମିତି । ଛଅମାସ ପାଇଁ ତାଙ୍କ ଜୀବନଚର୍ଯ୍ୟା ଉପରେ ରିସର୍ଚ୍ଚ କରିବାକୁ ଯାଇ ଏକ ବର୍ଷ ଯେ ରହିଗଲି ।

ସତରେ କେତେ ନିରୀହ ଯେ ସେମାନେ । ଥରେ କାହାକୁ ବିଶ୍ୱାସ କରିଗଲେ ଆଉ ଭଲ ପାଇଗଲେ ଜୀବନ ବି ଦେଇଦେବେ ତାଙ୍କ ପାଇଁ । ଠିକ୍ ମିସେସ୍ ଷଡ଼ଙ୍ଗୀଙ୍କ ପରି । ଏଇ ଦେଖୁନ ଏତେବଡ଼ ସହରରେ ମୋ ଭଳି ଜଣେ ଅକିଞ୍ଚନକୁ ସେ ତାଙ୍କ ଘରେ ଆଶ୍ରୟ ଦେଇଥିଲେ । ଖାଲି ଆଶ୍ରୟ ଦେଇନଥିଲେ ମୋତେ ତାଙ୍କ ସାନଭାଇ ଭଳି ସ୍ନେହ ବି ଦେଉଥିଲେ ।

ସବୁ ମିଠାଫଳ ପୋକ ଲାଗିଲା ଭଳି ଏତେ ସ୍ନେହୀ ଲୋକଟାକୁ ଭଗବାନ ଏତେ ଶୀଘ୍ର ନିଜର କରିନେଲେ । ଯିଏ ନିଜ ଭଲପାଇବା, ସ୍ନେହ ତ୍ୟାଗର ରଜ୍ଜୁରେ ପୁରା ପରିବାରକୁ ଏକତ୍ର କରି ରଖିଥିଲେ । ମିସେସ୍ ଷଡ଼ଙ୍ଗୀ ମାନବୀ ନ ଥିଲେ ଜଣେ ଦେବୀ । ନ ହୋଇଥିଲେ ଆକ୍ସିଡେଣ୍ଟରେ ଦୁଇଗୋଟି ଗୋଡ଼ ହରେଇଲା ପରେ ଶାରୀରିକ ଦୃଷ୍ଟିକୋଣରୁ ସେ ସାରାଜୀବନ ପଙ୍ଗୁ ହୋଇଯାଇଥିଲେ ବି ମାନସିକ ଦୃଷ୍ଟିକୋଣରୁ ସେ କାଣିଚାଏ ବି ଧୈର୍ଯ୍ୟହରା ହୋଇନଥିଲେ । ସେ ଦୁଇପିଲାଙ୍କର ମାଆ ଭାବରେ ହେଉ କିମ୍ୱା ଜଣେ ଆଦର୍ଶ ପତ୍ନୀ ଭାବରେ ଅବା ଜଣେ ମୁମୂର୍ଷୁ ପିତାର ଅନ୍ତିମ ଆଜ୍ଞାକୁ ପାଳନ କରିବାରେ, ସେ ନିଜକୁ ଶୀର୍ଷସ୍ଥାନରେ ରଖିପାରିଥିଲେ ।

ଅଚଳାଚଳ ସମ୍ପତ୍ତିର ମାଲିକ ସୁଧୀର ଚମ୍ପତିରାୟଙ୍କର ଏକମାତ୍ର କନ୍ୟା ଯେତେବେଳେ ପ୍ରେମକରି ବିବାହ କରିବାର ନିଷ୍ପତ୍ତି ନେଲା ସେତେବେଳେ ବାପା ସହଜରେ ରାଜି ହୋଇଯାଇଥିଲେ, କେବଳ ସର୍ତ୍ତ ଥିଲା ଘରଜୋଇଁଆ ।

ସାମାନ୍ୟ ମେଡିସିନ ରିପ୍ରେଜେନଟେଟିଭ୍‌ରୁ ଇଣ୍ଡଷ୍ଟ୍ରିଆଲିଷ୍ଟ ହେବା ପାଇଁ ମିଃ ଷଡ଼ଙ୍ଗୀଙ୍କ ଭାଗ୍ୟ ଆକାଶରେ ଏ ସର୍ତ୍ତ ଥିଲା ଗୋଟେ ଉଜ୍ଜ୍ୱଳ ତାରକା ଭଳି । ବିବାହ ହେଲା । ଦୁଇ ଦୁଇଟି ସନ୍ତାନର ଜନକ ହେଲା ପରେ ମିଃ ଷଡ଼ଙ୍ଗୀଙ୍କର ପ୍ରେମ ଥିଲା ଅତୁଟ ଓ ସର୍ଗୀୟ ।

ଅଫିସ୍ ଯିବାଠାରୁ ଆରମ୍ଭ କରି ଫେରିବା ପର୍ଯ୍ୟନ୍ତ ମିଃ ଷଡ଼ଙ୍ଗୀ ନିଜ ଅନୁପସ୍ଥିତିକୁ ଉପଲବ୍ଧି କରିବାକୁ ନ ନେବା ପାଇଁ ଘରେ ଚାକର ବାକରଠାରୁ ନେଇ ବଗିଚାର ମାଳି ଯାଏଁ ସମସ୍ତଙ୍କୁ କଡ଼ା ତାଗିଦ ମିସେସ୍‌ଙ୍କର ଯେମିତି କିଛିର ଅସୁବିଧା ନହୁଏ । ବଡ଼ ଏଲଇଡି ଟିଭି, ଭିଡିଓ ଗେମ୍, ଇଣ୍ଟରନେଟର ମଧ୍ୟ ସୁବିଧା କରିଦେଇଥିଲେ । ସବୁ ପରେ ବି ଅଫିସରେ ଯେତେବଡ଼ କ୍ଲାଏଣ୍ଟଙ୍କ ସହ ମିଟିଂ ଥିଲେ ବି ସେ ପାଞ୍ଚରୁ ଛଅ ଥର କଲ କରି ପତ୍ନୀଙ୍କର ଦେହପା କଥା ପଚାରିବୁଝନ୍ତି ।

ଦୁଇଦୁଇଟା ଚାକର ଥାଇ ବି ଦିନେ ଔଷଧ ଦେବାରେ କୋଡ଼ିଏ ମିନିଟ୍ ବିଳମ୍ବ ହେବାରୁ ଜଣେ ନର୍ସଙ୍କୁ ମଧ୍ୟ ଘରକୁ ନେଇଆସିଲେ । ନର୍ସ ଦିନରାତି ତାଙ୍କରି ସେବାରେ ଲାଗି ରହିଥିଲା । ଏମିତିକି ରାତିରେ ବେଡ଼ରୁମ୍‌ରେ ମଧ୍ୟ ମିଃ ଷଡ଼ଙ୍ଗୀ ନର୍ସକୁ ଅନୁମତି ଦେଲେ ରହିବା ପାଇଁ । କାରଣ ଗୋଟେ ଗୋଟେ ମିନିଟ୍ ମଧ୍ୟ ମୂଲ୍ୟବାନ ଥିଲା ତାଙ୍କ ପାଇଁ ।

ମୋ ଆଗରେ କେତେଥର ମିସେସ୍ ଷଡ଼ଙ୍ଗୀ ନିଜର ଖୁସି ଜାହିର କରିଛନ୍ତି ନିଜର ଦାମ୍ପତ୍ୟ ଜୀବନକୁ ନେଇ । କେତେଥର ଆଖି ଛଳଛଳ କରି କହିଉଠିଛନ୍ତି ଯେ ମୋ ଭାଗ୍ୟବଳରେ ମୁଁ ଏମିତି ଜଣେ ଦେବତା ଭଳି ସାମୀ ପାଇଛି । ମୋ ଆୟୁଷ ନେଇ ଭଗବାନ ତାଙ୍କୁ ଶତାୟୁ କରନ୍ତୁ । ସଜ ମାଛରେ ପୋକ ପକେଇଲାବାଲା ଏଠାରେ ଅନେକ । ରାମା ମାଆ ଏଥିରୁ ଜଣେ । କାହିଁ କେଜାଣି ମିସେସ୍ ଷଡ଼ଙ୍ଗୀଙ୍କ ପରିବାରକୁ ସେ ଜମା ସହିପାରିବେନି । ଛାଇ ପଡ଼ିଲେ ନାହି ଡିଏଁ । ଦେବତା ଭଳି ଲୋକର ନାଁରେ ଦେଖେଇ ଶୁଣେଇ ବହେ କଟୁ କଥା କହେ ।

ମୁଁ ଥରେ ଏହାର ପ୍ରତିବାଦ କରିବାରୁ ମୋତେ କହିଲା–

"ହେଇଟି ବାବୁ ସାବଧାନେ । ମୋତେ ଆଖି ଦେଖେଇବା ଆଗରୁ ତୁମ ନାକ ଆଗରେ ଯେଉଁ ରାସଲୀଳା ସବୁ ହେଉଛି ତାକୁ ବନ୍ଦ କର । ଆମ ଘରେ ପିଲାଛୁଆ କଣ ଶିଖିବେ । ନିଜ ସ୍ତ୍ରୀ ଥାଉ ଥାଉ ପେରେମ କରିବା ପାଇଁ ଗୋଟେ ନର୍ସକୁ ଆଣି ରଖିଲାଣି ଘରେ । ଛିଃ ଛିଃ ଧର୍ମ ସହିବନିରେ । ଆଉ ଗୋଟିଏ ସ୍ତ୍ରୀ ହେଇଛି ନିଜ ଗେରେସ୍ତକୁ ଅନ୍ୟ ସ୍ତ୍ରୀ ପାଖରେ ଲୀଳା କରିବା ପାଇଁ ଛାଡ଼ିଇଦେଇଛି ।"

ମନେମନେ ଭାରି ବିରକ୍ତ ହୁଏ ମୁଁ ଏଭଳି ଚରିତ୍ର ଉପରେ ।

ମିସେସ୍ ଷଡ଼ଙ୍ଗୀଙ୍କର ଝରିଆସୁଥିବା ଆଖିଲୁହ ମୋତେ ଚୁପ୍ କରିଦିଏ କିଛିକ୍ଷଣ ପାଇଁ ।

ମିସେସ୍ ଷଡ଼ଙ୍ଗୀ ଚାଲିଯିବା ପରେ ମିଃ ଷଡ଼ଙ୍ଗୀ ସମ୍ପୂର୍ଣ୍ଣ ଏକ ହୋଇଯାଇଥିବେ । ସେ ଯେମିତି ଲୋକ ଆଉ ଯେଉଁଭଳି ଭାବରେ ପତ୍ନୀକୁ ନିସ୍ୱାର୍ଥପର ଭାବରେ ଭଲ ପାଇଥିଲେ ତାଙ୍କ ସ୍ମୃତିକୁ ଝୁରିଝୁରି କିମ୍ବା ହୋଇଯାଇଥିବେ ବରଂ ଦ୍ୱିତୀୟ ବିବାହ କଥା କେବେ ସପ୍ନରେ ବି ସୁଦ୍ଧା ଚିନ୍ତାକରିବେନି । ମୁଁ କିନ୍ତୁ ଦେଖାହେଲେ ତାଙ୍କୁ ବୁଝେଇସୁଝେଇ ରାଜି କରେଇବି ଦ୍ୱିତୀୟ ବିବାହ ପାଇଁ । ଅଟୋ ଆସି ଗେଟ ଆଗରେ ଅଟକିଲା ।

ଦୂରରୁ ଚିହ୍ନି ପକେଇ ପାଖକୁ ଦୌଡ଼ିଆସିଲା ଘରେ ପୁରୁଣା ଚାକରାଣୀ ହାଜି ମାଉସୀ ମୋ ହାତରୁ ମୋ ବ୍ୟାଗ ଅତିଖୁସିରେ ଝାମ୍ପି ନେଇ ପୋଟିକ ତଳେ ଥୋଇଦେଲା । ମୁଁ ପଚାରିବା ଆଗରୁ ସେ ଅନର୍ଗଳ କହିଗଲାେ ଯେମିତି ସେ ମୋ ମନର କଥା ପଢ଼ିପାରୁଛି–

- ସେମାନେ କେହି ନାହାନ୍ତି ।

ବାବୁ ଦ୍ୱିତୀୟ ବିବାହ କରି ନୂଆଘରେ ରହୁଛନ୍ତି । ଏଘର ସବୁ ବିକ୍ରି ପାଇଁ ମଧ ଲେଖାମାରିଦେଇଛନ୍ତି । ଏହା କହି ସେ ସେହି ସାଇନବୋର୍ଡ ଆଡ଼କୁ ହାତ ଠାରି ଦେଲା । ଯେଉଁଥିରେ 'ବିଲ୍ଡିଂ ଫର୍ ସେଲ୍' ଲେଖା ହୋଇଥିଲା । ସତେତ ମୋ ଆଖିରେ ପଡ଼ିଥିଲା । ଭଲ ହେଲା ଦ୍ୱିତୀୟ ବିବାହ କରିଗଲେ । କେତେବା ବୟସ । ଏତେଗୁଡ଼ା ବୟସ ଏକ ନିଃସଙ୍ଗତାର ଜୀବନ ଜିଇଁବା ଅପେକ୍ଷା ଆଉ ଜଣକର ହାତଧରି ଚାଲିବାରେ ଅସୁବିଧା କଣ ? ମିସେସ୍ ଷଡ଼ଙ୍ଗୀ ଉପରେ ଥାଇ ଖୁସି ହେଉଥିବ । ସେ ତ ଚାହୁଁଥିଲେ ସ୍ୱାମୀଙ୍କର ଏକାନ୍ତ ଖୁସି ଟିକେ । ବଞ୍ଚିଥିଲାବେଳେ ବି ସେ ଅନେକବାର ଅନୁରୋଧ କରିଥିଲେ ତାଙ୍କ ପତିଙ୍କୁ ଆଉ ଗୋଟିଏ ଜୀବନସାଥୀ ବାଛିନେବାକୁ । ହାଜି ମାଉସୀ ଗୋଟେ ଚିଠି ମୋ ହାତକୁ ବଢ଼େଇଦେଇ କହିଲେ, ବାବୁ ଏ ଚିଠିଯ ମା' ଚାଲିଯିବା ପୂର୍ବଦିନ ମୋତେ ଦେଇ କହିଥିଲେ ଆପଣଙ୍କୁ ଦେଇଦେବାକୁ ।

- ଚିଠିଟିକୁ ହାଜି ମାଉସୀ ହାତରୁ ଆଣୁ ଆଣୁ ପଚାରିଲି ବିବାହ କେବେ ହେଲା ?

- ମା ଚାଲିଯିବାର ପାଞ୍ଚଦିନ ପରେ ।

ଚିଠିଟିକୁ ଅଧା ଖୋଲି ଧପ କରି ରହିଗଲି । ପାଞ୍ଚଦିନ ପରେ ? ଏତେ ଶୀଘ୍ର । କେମିତି ଏକ ଅବୁଝା ରହସ୍ୟ ଗୁମ୍ଫାରେ ହଜିଗଲା ଭଳି ଲାଗିଲା । ପୁଣି କିଛି ପଚାରିବା ପୂର୍ବରୁ ହାଜି ମାଉସୀ କହିପକାଇଲା ।

- ହେଇ ଯେଉଁ ନର୍ସ ମାଆଙ୍କର ସେବା କରିବା ପାଇଁ ବାବୁ ଘରକୁ ଆଣିଥିଲେ ତାଙ୍କରି ସହିତ ବାହାଘର ହେଲା ପରା ।

ଗଭୀର ଅନ୍ତର୍ଦ୍ୱନ୍ଦ୍ୱ ମଧ୍ୟରେ ଅଧାଖୋଲା ଚିଠିଟିକୁ ପୁରା ଖୋଲିଦେଲି ।

ହଁ ଏ ତ ମିସେସ୍ ଷଡ଼ଙ୍ଗୀଙ୍କର ହାତଲେଖା ଚିଠି ।

ଚିଠିଟାକୁ ପଢ଼ିବାକୁ ଆରମ୍ଭ କରିବା ମାତ୍ରେ ମୋତେ ଲାଗୁଥାଏ ଯେମିତି ମିସେସ୍ ଷଡ଼ଙ୍ଗୀଙ୍କ ସେହି ଲୁହଭିଜା ମୁହଁ ମୋ ଆଖିସାମ୍ନାରେ ତା ଜୀବନର ଏ ଅପାସରୋ ଯନ୍ତ୍ରଣା ସବୁକୁ ବୟାନ କରିଚାଲିଛି ।

- ଭାଇ, ସେ ଜଣେ ଦେବତା ନୁହନ୍ତି, ପଶୁଟାଏ । ମୋତେ ବିବାହ କରିବା ପୂର୍ବରୁ ସେ ଭଲପାଇଥିଲେ ସେହି ଝିଅକୁ ଯାହାକୁ ସେ ପରେ ନର୍ସ କରି ଆମ ଘରେ ରଖିଥିଲେ । ମୋର ସେବା କରିବାପାଇଁ ନୁହେଁ ବରଂ ନିଜର ଅଧା ରହିଯାଇଥିବା ପ୍ରଣୟ କାହାଣୀକୁ ପୁରା କରିବା ପାଇଁ । ଟଙ୍କା ପାଇଁ ମୋତେ ବାହାହୋଇଥିଲେ ସେ । ବେଡରୁମ୍‌ର କ୍ଷୀଣ ଆଲୁଅ ମଧ୍ୟରେ ବିନା ମେଡିସିନରେ ମୁଁ ଯେତେବେଳେ ଛଟପଟ ହେଉଥିଲି ଯନ୍ତ୍ରଣାରେ ସେ କାମନାର ମହୋଦଧିରେ ବୁଡ଼ିରହି ଲାଭ କରୁଥିଲେ ଚରମ ପରିତୃପ୍ତି ।

କେବଳ ମୁଁ ନୁହେଁ ଦୁନିଆର କୌଣସି ସ୍ତ୍ରୀ ଏକଥା ସହିପାରିବ ନାହିଁ କି ତା ଆଖିସାମ୍ନାରେ ନିଜର ସ୍ୱାମୀ ପର ସ୍ତ୍ରୀ ସହିତ ସମ୍ପର୍କ ରକ୍ଷା କରିବାଟା ।

ମୁଁ ଆଉ ବଞ୍ଚିବି ନାହିଁ । ମେଡିସିନ ବଦଳରେ ସେ ଦେଉଥିବା ସ୍ଲୋପଏଜନକୁ ମୁଁ ଜାଣିଥିଲେ ବି ଫୋପାଡ଼ି ଦେଉନାହିଁ କାରଣ ମୁଁ ମୁକ୍ତି ଚାହେଁ । ଆଉ ଦିନ କେଇଟାରେ ମୋ ନିଶ୍ୱାସ ଅଟକିଯିବ । ମୁଁ ଭୁଲ କରିଥିଲି ଗୋଟେ ତୁଳସୀ ବଣରେ ଛଦ୍ମବେଶରେ ଲୁଚିରହିଥିବା ଏହି ବାଘକୁ ଜଣେ ଦେବତା ବୋଲି ଭାବି ।

ଇତି ତୁମର ଜଣେ ଅଭିଶପ୍ତ ଭଉଣୀ ।

ଦୀର୍ଘଶ୍ୱାସଟିଏ ଛାଡ଼ି ସେ ଚିଠିଟିକୁ ଦଳି ମକଚି ମୋ ପକେଟ୍‌ରେ ପୁରେଇଲି । ହାଜି ମାଉସୀ ହାତରୁ ବ୍ୟାଗ୍‌ଟିକୁ ଟାଣିଆଣି ଏକ ଗମ୍ଭୀର ସ୍ୱରରେ ପଚାରିଲି– ହାଜି ମାଉସି, ରାମା ମାଆ କଣ ଏବେ ବି ଗାଳି ଦେଉଛି ?

- ନାଇଁ ବାବୁ, ପାଗେଲୀଟିଏ ନା କଣ । ମାଆଙ୍କୁ କେତେ ଗାଳିକରେ ମାଆ ଚାଲିଗଲା ଦିନ ଏଇଠି ଆସି ମୁଣ୍ଡ ପିଟିପିଟି ବହେ କାନ୍ଦିଛି ।

ରକ୍ତତୀର୍ଥ, ଇରମ

# ରାଇରଙ୍ଗପୁର ସହର : କିଛି ସ୍ମୃତି, କିଛି ଅନୁଭୂତି

- କୌଶିକ କୁମାର ହୋତା

"ମାଟି ନୁହେଁ ଏ ମୋ ଚନ୍ଦନର ଟୋପା
ମଥାରେ ଦେବି ମୁଁ ବୋଳି,
ରାଇରଙ୍ଗପୁର ସହରର ଶିରୀ
ମାନସେ ଉଠିବ ଝଳି ॥
ଜଗତର ନାଥ କରିଛନ୍ତି ବିଜେ
ରମ୍ୟ ରାଇରଙ୍ଗପୁରେ,
ଖଡ଼ଖାଇ ଯା'ର ପାଦ ଧୁଏ ତାର
ମାଟି ମୁଁ ମଥାରେ ମାରେ ।"

ଆଜ୍ଞା, ମୁଁ ସେହି ସହର କଥା କହୁଛି ଯେଉଁ ସହରକୁ ପାଦ ଦେବା କ୍ଷଣି ମାଆ ହଂସବାହିନୀଙ୍କର ଅପାର କରୁଣା ଝରିପଡୁଥିବା ଶିକ୍ଷାୟତନଟି ଚକ୍ଷୁରେ ଝଲସି ଉଠେ । ଏକ ମଣିଷଗଢ଼ା କାରଖାନା ରୂପେ ବର୍ଷ ବର୍ଷ ଧରି ହଜାର ହଜାର ଦେବସୁଲଭ ଶିଶୁଙ୍କୁ ଶିକ୍ଷାର ସୌରଭ ବାଣ୍ଟୁଥାଏ । ଏବେ ନିଶ୍ଚିତ ବୁଝିପାରୁଥିବେ ସେ ହେଉଛି ପରା ମୋ ରାଇରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେଡ଼େ ଆପଣାର ।

ପଶ୍ଚିମ ଦିଗରେ ଦିଗନ୍ତ ବିସ୍ତାରୀ ପ୍ରାନ୍ତର ଭିତରେ ଶୋଭା ପାଉଛି ରାଇରଙ୍ଗପୁର ଡାକବଙ୍ଗଳା । କୁହୁକିନୀ ଡାକବଙ୍ଗଳା କେତେ ଅତିଥି ଅଭ୍ୟାଗତଙ୍କୁ ହାତ ଠାରି ଡାକୁଛି ଓ ତାଙ୍କୁ କେତେ ସୁନେଲି ସପ୍ନ ସହିତ ସୁଖ ନିଦ୍ରା ପ୍ରଦାନ କରୁଛି ।

ଉତ୍ତରରେ ଦିଗନ୍ତ ବିସ୍ତାରୀ ଅରଣ୍ୟକୁ ଲାଗି ରହିଛି ମୋ ଭଉଣୀମାନଙ୍କ ପାଇଁ ସୁନ୍ଦର ମହିଳା ମହାବିଦ୍ୟାଳୟଟିଏ । ଆଉ ମୋ ପ୍ରିୟ ସହରର ଦକ୍ଷିଣରେ ଭାଇଭଉଣୀଙ୍କ ସହ ପୂଜା ପାଉଛନ୍ତି ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥ । ଖଡ଼ଖାଇ ନଦୀର ଆରପଟରେ ଦେବଦେବ ମହାଦେବ ଐଶାନେଶ୍ୱର ମହାଦେବ ପୂଜା ପାଉଛନ୍ତି । ଖାଲି ସେତିକି ନୁହେଁ ଅଶନବଣି ନିକଟସ୍ଥ ରଘୁନାଥ ଜୀଉ ମନ୍ଦିରରେ ଶ୍ରୀଜୀଉ ପୂଜା ପାଉଥିବାବେଳେ ମନ୍ଦିର ସାହିର ପୂର୍ଣ୍ଣେଶ୍ୱର ମହାଦେବ, ଧରମଗଳିର ସତ୍ୟନାରାୟଣ ମନ୍ଦିରରେ ଶ୍ରୀଶ୍ରୀ ସତ୍ୟନାରାୟଣ ପୂଜା ପାଉଛନ୍ତି ।

ମୋ ସହରରେ ରହିଛି ଗୋମାତା ପୂଜନ ନିମନ୍ତେ ଗୋଶାଳାର ବ୍ୟବସ୍ଥା । ସହରର ମଧ୍ୟଭାଗରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ପି.ଏ.ଆଇ.ଟି.ଡିଏଙ୍କ କାର୍ଯ୍ୟାଳୟ ଓ ତତ୍‌ସନ୍ନିକଟରେ ରହିଛି ଉପଖଣ୍ଡ ନ୍ୟାୟାଳୟ । କଚେରୀ ପଡ଼ିଆରେ ବିଜୁ ପଟ୍ଟନାୟକ ଷ୍ଟାଡିୟମର ମନୋଜ୍ଞର ମନୋଜ୍ଞ ବାତାବରଣ ବର୍ଷ ବର୍ଷ ଧରି ବହୁ କ୍ରୀଡ଼ାପ୍ରେମୀଙ୍କୁ କ୍ରୀଡ଼ାର ସୌରଭ ବିତରଣ କରୁଛି । ବିଶେଷ କରି ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଜଉନା ମୁର୍ମୁ ଭଳି ବାଳିକା କ୍ରୀଡ଼ାବିତ୍‌ଙ୍କୁ ମୋ ରାଇରଙ୍ଗପୁର ମାଟି ମାଆ ସୃଷ୍ଟି କରିଛି ।

ମୋ ସହରରେ ଥିବା ମହତାବ ଭବନ କେତେବେଳେ ରଙ୍ଗୀନ ଆଲୁଅରେ ଝଲସି ଉଠୁଛି ତ କେତେବେଳେ ପୁଣି ବବାହ ଭୋଜିରେ ହଜାର ହଜାର ଲୋକଙ୍କୁ ଆପ୍ୟାୟୀତ କରୁଛି । ଆଜ୍ଞା ସତରେ ଏ ମାଟି ସୁନା ପାଲଟି ଯାଇଛି ।

"ମାଟି ମୁଠାଇଲେ ସୁନା ଫଳରେ ସୁନା ଫଳେନାହିଁ
ତା ମୂଲ ଅମୂଲ ମୂଲ,
ଯା ମାଟିର ବାସ ଚନ୍ଦନ ସୁବାସ
କେ ହେବ ତାହାରି ତୂଲ ? ?
ଯା ପାଣି, ପବନ ମୋ ପାଇଁ ଚନ୍ଦନ
ଯା ମାଟି ମୋ ପାଇଁ ସୁନା,
ଯାର ଗଉରବ, ଯଶ ସଉରଭ
ଯୋଗାଏ ମନେ ପ୍ରେରଣା ।"

ମୋ ସହରରେ ଇନ୍ଦିରା ଗାନ୍ଧୀ ଶିଶୁ ଉଦ୍ୟାନ, ମହାତ୍ମା ଗାନ୍ଧୀ ଇଦ୍ୟାନ, ବୃନ୍ଦାବନ ଗାର୍ଡେନ ଓ ହନୁମାନ ବାଟିକା ଏକ ମନୋଜ୍ଞ ବାତାବରଣ ସୃଷ୍ଟି କରେ । ମୋ ସହରର ଉପଖଣ୍ଡ ଚିକିତ୍ସାଳୟ ସତରେ କେତେ ପରିଷ୍କାର ପରିଚ୍ଛନ୍ନ । ତାର ଭୌତିକ ପରିବେଶ, ମନୋଜ୍ଞ ବାତାବରଣ, ଚିକିତ୍ସକଙ୍କ ସେବା ମନୋବୃତ୍ତି ହେତୁ ବିଗତ ବର୍ଷ ରାଜ୍ୟର ଶ୍ରେଷ୍ଠ ଚିକିତ୍ସାଳୟ ରୂପେ କାୟାକଳ୍ପ ପୁରସ୍କାର ସହିତ ପନ୍ଦର ଲକ୍ଷ ଟଙ୍କାର ପୁରସ୍କାର ରାଶି ସହିତ ପୁରସ୍କୃତ ହୋଇଛି । ମୋ ରାଇରଙ୍ଗପୁର ସହର ପୌରପାଳିକା ରୂପେ ମଧ୍ୟ ସ୍ୱୀକୃତି ଲାଭ କରିସାରିଲାଣି ।

ମୋ ସହରରେ ଟୁସୁ ମେଳନ ସଭିଙ୍କ ମନକୁ କରେ ଆଚ୍ଛନ୍ନ । ମୋ ସହରର ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଛଉ ନୃତ୍ୟ ପ୍ରତିଷ୍ଠାନ ଶହ ଶହ ଛଉ ନୃତ୍ୟଶିଳ୍ପୀ ସୃଷ୍ଟି କରିଛି । ମୋ ପ୍ରିୟ ସହରର ବହ୍ନି ବନ୍ୟା ଦ୍ରୌପଦୀ ମୁର୍ମୁ ଝାଡ଼ଖଣ୍ଡର ମହାମହିମ ରାଜ୍ୟପାଳ ରୂପେ ଅବସ୍ଥାପିତା । ମୋ ସହର ସୃଷ୍ଟି କରିଛି "ମାଦଳ" ନାମରେ ବାମନଘାଟ ମହୋତ୍ସବ । ମୋ ସହରରେ ନମସ୍ୟ ଆଲଚିକି ଲିପି ସ୍ରଷ୍ଟା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ, ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ, ମଧୁସୂଦନ ଦାସ, ମହାତ୍ମା ଗାନ୍ଧୀ ଦିନଦୟାଲ ଉପାଧ୍ୟାୟଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହେଉ ସହରର ସୌନ୍ଦର୍ଯ୍ୟକୁ ପରିବର୍ଦ୍ଧିତ କରିଛି । ବାଦାମପାହାଡ଼ରୁ ଟାଟା ପର୍ଯ୍ୟନ୍ତ ହୋଇଥିବା ରେଳ ରାସ୍ତା ମୋରି ସହର ଦେଇଯାଇଛି । ପ୍ରତିଦିନ ମୋ ସହରର ସଫେଇ କର୍ମଚାରୀ ଅହରହ ସହରକୁ ସ୍ୱଚ୍ଛ କରିବାରେ ଲିପ୍ତ ।

ମୂଳ,
ଯା ମାଟିର ବାସ ଚନ୍ଦନ ସୁବାସ
କେ ହେବ ତାହାରି ତୂଳ ? ?
ଯା ପାଣି, ପବନ ମୋ ପାଇଁ ଚନ୍ଦନ
ଯା ମାଟି ମୋପାଇଁ ସୁନା,
ଯା ଗଉରବ, ଯଶ ସଉରଭ
ଯୋଗାଏ ମନେ ପ୍ରେରଣା ।"

ମୋ ସହରରେ ଇନ୍ଦିରା ଗାନ୍ଧୀ ଶିଶୁ ଉଦ୍ୟାନ, ମହାତ୍ମା ଗାନ୍ଧୀ ଉଦ୍ୟାନ, ବୃନ୍ଦାବନ ଗାର୍ଡେନ ଓ ହନୁମାନ ବାଟିକା ଏକ ମନୋଜ୍ଞ ବାତାବରଣ ସୃଷ୍ଟି କରେ । ମୋ ସହରର ଉପଖଣ୍ଡ ଚିକିତ୍ସାଳୟ ସତରେ କେତେ ପରିଷ୍କାର ପରିଚ୍ଛନ୍ନ । ତାର ଭୌତିକ ପରିବେଶ, ମନୋଜ୍ଞ ବାତାବରଣ, ଚିକିତ୍ସକଙ୍କ ସେବା ମନୋବୃତ୍ତି ହେତୁ ବିଗତ ବର୍ଷ ରାଜ୍ୟର ଶ୍ରେଷ୍ଠ ଚିକିତ୍ସାଳୟ ରୂପେ କାୟାକଳ୍ପ ପୁରସ୍କାର ସହିତ ପନ୍ଦର ଲକ୍ଷ ଟଙ୍କାର ପୁରସ୍କାର ରାଶି ସହିତ ପୁରସ୍କୃତ ହୋଇଛି । ମୋ ରାଇରଙ୍ଗପୁର ସହରର ପୌରପାଳିକା ରୂପେ ମଧ୍ୟ ସ୍ୱୀକୃତି ଲାଭ କରିସାରିଲାଣି ।

ମୋ ସହରରେ ଟୁସୁ ମେଳନ ସଭିଙ୍କ ମନକୁ କରେ ଉଚ୍ଛନ୍ନ । ମୋ ସହରର ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଛଉ ନୃତ୍ୟ ପ୍ରତିଷ୍ଠାନ ଶହଶହ ଛଉ ନୃତ୍ୟଶିଳ୍ପୀ ସୃଷ୍ଟି କରିଛି । ମୋ ପ୍ରିୟ ସହରର ବହ୍ନି କନ୍ୟା ଦ୍ରୌପଦୀ ମୁର୍ମୁ ଝାଡ଼ଖଣ୍ଡର ମହାମହିମ ରାଜ୍ୟପାଳ ରୂପେ ଅବସ୍ଥାପିତା । ମୋ ସହର ସୃଷ୍ଟି କରିଛି "ମାଦଲ" ନାମରେ ବାମନଘାଟି ମହୋତ୍ସବ । ମୋ ସହରରେ ନମସ୍ୟ ଅଲଚିକି ଲିପି ସ୍ରଷ୍ଟା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ, ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ, ମଧୁସୂଦନ ଦାସ, ମହାତ୍ମା ଗାନ୍ଧୀ, ଦିନଦୟାଲ ଉପାଧ୍ୟାୟଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇ ସହରର ସୌନ୍ଦର୍ଯ୍ୟକୁ ପରିବର୍ଦ୍ଧିତ କରିଛି । ବାଦାମପାହାଡ଼ରୁ ଟାଟା ପର୍ଯ୍ୟନ୍ତ ହୋଇଥିବା ରେଳରାସ୍ତା ମୋହରି ସହର ଦେଇଯାଇଛି । ପ୍ରତିଦିନ ମୋ ସହରର ସଫେଇ କର୍ମଚାରୀ ଅହରହ ସହରକୁ ସ୍ୱଚ୍ଛ କରିବାରେ ଲିପ୍ତ ।

ଏ ମାଟି ପ୍ରଥିତଯଶା କବି, ଲେଖକ, ଗାୟକ, କଣ୍ଠଶିଳ୍ପୀ, ସମାଜସେବୀ, କଳାପ୍ରେମୀ, ମହାପୁରୁଷମାନଙ୍କର ମାଟି । ଯାହାଙ୍କର ପଦସ୍ପର୍ଶରେ ମାଟି ଆଉ ନୁହେଁ ସତରେ ସୁନା ପାଲଟି

"ତୁଳସୀ, ବାଉଲ, ଗିରିଶ, ଲଳିତ,
ଅଜମତ ଖାଁ ଭୀମ,
ଗଢ଼ିଗଲେ ଆଜି ଝୁମର କୋଣାର୍କ
ଇତିହାସେ ରଖି ନାମ ।"
"ରବି, ଯୋଗୀନ୍ଦର ଜିତେନ୍‌ଏସରୂପା
ଏ ମାଟିର ମଥାମଣି,
ଲେଖି, ଗାଇ ପୁଣି ରଖିଗଲେ ଯଶ
ଜଗତ ହୃଦୟ ଜିଣି ।

ଆଜ୍ଞ, ଏ ମାଟିର କଥା କହିଲେ, ଗୁଣ ବଖାଣିଲେ, ଦିନ ସରିଯିବ, ରାତି ପାହିଯିବ, ଏକ କାଳଜୟୀ ଇତିହାସ ସୃଷ୍ଟି ହୋଇଯିବ କିନ୍ତୁ କଥା ସରିବନି ।

*ନବମ ଶ୍ରେଣୀ, କେରଳା ପବ୍ଲିକ ସ୍କୁଲ, ରାଇରଙ୍ଗପୁର, ମୟୂରଭଞ୍ଜ*

POWER HOUSE
DISTRIBUTOR
LUMINOUS, EXIDE, AMCO
MADHUPATNA, SAMRAT HALL, CUTTACK
RAM MANDIR ROAD, PHULBANI
MAIN ROAD, NAYAGARH
MOB. : 94371 24943


# କେମିତି ମୁଁ ବେଶ୍ୟା ହେଲି

**ମହେଶ୍ୱର ସାହୁ**

ସମୟର ପଦାଘାତରେ ମନୁଷ୍ୟର ହୃଦୟ ପଥର ହୋଇଯାଇଥାଏ । କେହି ହସୁଥାଏ ତ କେହି କେହି କାନ୍ଦୁଥାଏ । ଶାନ୍ତ ପରିବେଶରେ ଫୁଟିଥାଏ ମଲ୍ଲି ଆଉ ମାଳତୀର ପୁଷ୍ପ । ଚାରିଆଡ଼ ଗୁଞ୍ଜାଇତ କରିଥାଏ ଭୁରୁ ଭୁରୁ ବାସ୍ନାର ମହକ । ମନୁଷ୍ୟ ହେଉକି ପଶୁ, ବୃକ୍ଷ ହେଉକି ଲତା ସଭିଏଁ ଆଗ୍ରହୀ ହୋଇଥାନ୍ତି ସେଇ ସୃଷ୍ଟିର କରୁଣାରୂପକ ପାଦୁକା ପାଇଁ । ହସି ହସି ନାଚୁଥାଏ ସଙ୍ଗୀତର ଝଙ୍କାର । କାନ୍ଦି କାନ୍ଦି ଲୋଟିଯାଏ ଅବହେଳିତ ଲାଞ୍ଛିତ ଓ ଦୁର୍ବଳ ମନଟିଏ ।

ନରସିଂହପୁରର ରାମ ବାବୁ ହେଉଛନ୍ତି ଜଣେ ସ୍ୱାଧୀନ ପ୍ରେମୀ, ବୟସ୍କ ଓ ମାନ୍ୟଗଣ୍ୟ ଲୋକ । ସଂସାର କହିଲେ ଗୋଟିଏ ପୁଅ, ତିନି ଝିଅ । ସହ ଧର୍ମିଣୀ ମାଳତୀ ହେଉଛନ୍ତି ବୟସ୍କା, ସଂସ୍କାରି ଓ ଆଦର୍ଶବାଦୀ ମହିଳା । ରାମ ବାବୁ ଓ ମାଳତୀ ଇଂରେଜ ଜମାନାର ଲୋକ । ତିନି ଝିଅଙ୍କର ବିବାହ ସରିଲା ପରଠାରୁ ରାମ ବାବୁ ପୁଅ ରମେଶଙ୍କୁ ବିବାହ ଦେଇ, ଧାର୍ମିକ ଚର୍ଚ୍ଚାରେ ନିଜକୁ ଉତ୍ସର୍ଗ କରିଥାନ୍ତି । ପୁଅ ରମେଶ ମଧ୍ୟ ଜଣେ ଉଚ୍ଚଶିକ୍ଷିତ ଡାକ୍ତର । ସମାଜସେବୀ କହିଲେ ଅତ୍ୟୁକ୍ତ ହେବ ନାହିଁ । ନିଜ ଗାଁରେ ମଧ୍ୟ ମାଗଣଶରେ ଔଷଧ ବଣ୍ଟନ ଓ ଚିକିତ୍ସା ମଧ୍ୟ କରନ୍ତି ।

ଡାକ୍ତର ରମେଶ ବାବୁଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ । ଝିଅ ଲିଲି ବହୁତ ଭଲ ପଢ଼େ । ଲିଲି ମଧ୍ୟ ବିଜ୍ଞାନରେ ପ୍ରଥମ । କଲେଜରେ ବେଷ୍ଟେଟେନ୍‌ଥ ପାଇଲା ପରେ ଏବେ ରସାୟନ ବିଜ୍ଞାନରେ ବିଏସି କରିବାକୁ ଯୋଗ ଦେଇଛି । ପୁଅ ଆଲୋକ ନବମ ଶ୍ରେଣୀରେ ପଢ଼େ । ସମୟର ସୁଅରେ ମଣିଷ କୁଟା ଖିଆଟିଏ ପରି ଯେଉଁ ଆଡୁ ସ୍ରୋତ ପ୍ରବାହିତ ହୋଇଥାଏ ସେଇ ଆଡ଼କୁ ଆଉଜି ଯାଇଥାଏ । ସେମିତି ଝିଅ ଲିଲିର ଜୀବନ । ଝିଅ ଦେଖିବାକୁ ଯେମିତି ସୁନ୍ଦର ସେମିତି କୋମଳମତି ମଧ୍ୟ ।

ଡାକ୍ତର ରମେଶ ବାବୁ ଝିଅ ଲିଲିକୁ ହଷ୍ଟେଲରେ ରଖି ପଢ଼ାଉଥାନ୍ତି । ଝିଅ ମଧ୍ୟ ଭଲ ପଢୁଥାଏ । ଜଣେ ଭଲ ଛାତ୍ରୀ ହିସାବରେ ଲିଲି ନିଜ କଲେଜରେ ସୁନାମ ହାସଲ କରିଥାଏ । ସମସ୍ତଙ୍କ ନଜର ଲିଲି ଉପରେ ରହିଥାଏ । ସମସ୍ତ ପ୍ରଫେସରଠାରୁ ପ୍ରିନ୍ସିପାଲ ପର୍ଯ୍ୟନ୍ତ ଲିଲି ଉପରେ ନଜର ରଖିଥାନ୍ତି । ଲିଲି ହଷ୍ଟେଲରେ ରହୁଥାଏ । ଦିନେ ହଷ୍ଟେଲରୁ ସାଥି ଝିଅଙ୍କ ସହ ଲିଲି ବଜାର ବୁଲିବାକୁ ଯାଇଥାଏ । ବଜାରରୁ ନିଜର ବ୍ୟବହାର୍ଯ୍ୟ ସାମଗ୍ରୀ କିଣିଲା ପରେ ଲିଲିର ନଜର ପଡ଼ିଥିଲା ଶ୍ରୀକାନ୍ତ ଉପରେ । ଶ୍ରୀକାନ୍ତ ଦେଖିବାକୁ ସୁନ୍ଦର ନହେଲେ ମଧ୍ୟ ଆକର୍ଷଣୀୟ ଥିଲା । ଲିଲିକୁ ଦେଖି ଶ୍ରୀକାନ୍ତ ହସି ଦେଇଥିଲା ।

ଲିଲି ମଧ୍ୟ ହସି ଦେଇଥିଲା । ହସରେ ହସରେ ସେମାନଙ୍କର ମୁହୂର୍ତ୍ତକ ମଧ୍ୟରେ ଭାବବିନିମୟ ହୋଇଯାଇଥିଲା । ଦୁହେଁ ଦୁହିଁଙ୍କ ପ୍ରତି ଆକୃଷ୍ଟ ହୋଇଯାଇଥିଲେ । କିଛି କ୍ଷଣ ଆଢୁଆଳରେ ଠିଆ ହୋଇ ଶ୍ରୀକାନ୍ତ ଓ ଲିଲି ଚୁହାଁଚୁହିଁ ହୋଇଥିଲେ । ଶ୍ରୀକାନ୍ତ ଲିଲିର ଆକୃଷ୍ଟତା ଦେଖି ବୁଝି ପାରିଥିଲା ଝିଅଟା ମୋ ଆଡ଼କୁ ବାରମ୍ବାର ଚାହୁଁଛି ଓ ହସୁଛି ମଧ୍ୟ । ଅର୍ଥାତ୍ ସେ ଝିଅ ମୋ ପ୍ରତି ଆକୃଷ୍ଟ ହୋଇଯାଇଛି । ଶ୍ରୀକାନ୍ତକୁ ଗୋଟିଏ ସୁଯୋଗ ମିଳିଯାଇଥିଲା । ଅନୁସରଣ କରିଥିଲା ଲିଲିର ଠିକଣା ପାଇଁ । ଅନ୍ୟ ଝିଅମାନେ ନ ଜାଣିଲା ପରି ଲିଲିର ପଛେ ପଛେ ଚାଲିଲା ଶ୍ରୀକାନ୍ତ ।

ଶ୍ରୀକାନ୍ତ ହେଉଛି ତାମିଲନାଡୁରେ ରହୁଥିବା ଜଣେ କାରଖାନା କର୍ମଚାରୀ । ଦଶମ ଶ୍ରେଣୀରେ ଫେଲ୍ ହୋଇଯିବାରୁ ବାପା ତାକୁ ବିଦେଶ ପଠେଇ ଦେଲେ । ଯାହା ଦୁଇ ପଇସା ରୋଜଗାର କରେ ଘରକୁ ଦିଏ ନାହିଁ । ମଦ ଆଉ ଗଞ୍ଜେଇରେ ଖର୍ଚ୍ଚ କରିଦିଏ । ଜେଜେମାଙ୍କର ମୃତ ଖବର ପାଇ ଘରକୁ ଆସିଥିଲା । ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବଜାରରେ ରୁହେ । ଭଲ କରି ମଦ ପିଏ । ପୁଣି ସନ୍ଧ୍ୟାରେ ଘରକୁ ଫେରେ । ବାପା ବିଲ ବାଡ଼ିରେ ପନି ପରିବା କରି ଓ ଅନ୍ୟର ମଜୁରୀ ଲାଗି ଯାହା ଦୁଇ ପଇସା କରନ୍ତି ଘର ଚଳେ । ଜମିବାଡ଼ି ନ ଥିବାରୁ ଭାଗ ବଖରା କରି ବରଷକ ପାଇଁ ଦାନା ସଂଗ୍ରହ କରନ୍ତି ।

ଶ୍ରୀକାନ୍ତ ଆଜି ଏକ ନୂଆ ସ୍ୱପ୍ନରେ ପାଗଳ ହୋଇଗଲା । ଦୈନିକ ପେଟେ ମଦ ପିଇଦେଇ ଜଗି ରହେ ଲିଲି ବଜାରକୁ ଆସିବକି । ଏଇ ଚାରିପାଞ୍ଚ ଦିନ ହେବ ଲିଲି ବଜାରକୁ ଆସୁ ନାହିଁ । ଶ୍ରୀକାନ୍ତ ପ୍ରଥମ ଦେଖାରେ ଲିଲି ପାଇଁ ପାଗଳ ହୋଇଯାଇଥିଲା । ଲିଲି ହଷ୍ଟେଲରେ ରହେ ବୋଲି ଶ୍ରୀକାନ୍ତ ମଧ୍ୟ ଜାଣି ନେଇଥିଲା । ହେଲେ ସାହସ ହେଉନି ହଷ୍ଟେଲ ଭିତରକୁ ଯିବାକୁ । କେମିତି ଯିବଜେ । କ'ଣ ଚକି ପେଷିବ ନା କ'ଣ ! ଯୋଗକୁ ଶ୍ରୀକାନ୍ତର ଲିଲି ସହ ଦ୍ୱିତୀୟ ଥର ଭେଟ ହୋଇଗଲା ହଷ୍ଟେଲ ଓ ବଜାର ମଧ୍ୟ ରାସ୍ତାରେ ।

ଲିଲି ମଧ୍ୟ ପ୍ରଥମ ଦେଖାରେ ଶ୍ରୀକାନ୍ତ ପାଇଁ ମୋଟାମୋଟି ପାଗଳ ହୋଇଯାଇଥିଲା । କଥାରେ ଅଛି "ପ୍ରେମମାନେ ନାହିଁ ରୂପ ବୟସ" । ଲିଲି ପ୍ରଥମ ଥର ଶ୍ରୀକାନ୍ତକୁ ଦେଖିଲା ପରେ, ସେଇଦିନଠାରୁ ଖୋଜି ହେଉଥାଏ ପୁଣି ଥରେ ଦେଖିବାକୁ । ଦ୍ୱିତୀୟଥର ଦେଖିଲା ପରେ ଲିଲି ମୋଟାମୋଟି ଶ୍ରୀକାନ୍ତକୁ ଦେଖି କାନ୍ଦି ପକାଇଥିଲା । ଶ୍ରୀକାନ୍ତ କେବେତ କଥା ହେଇନି । ହେଲେ ଝିଅଟା ଦେଖି କାନ୍ଦି ପକାଇଲା କାହିଁକି ? ଭାବୁଥାଏ ପଚାରିବି ହେଲେ

କେମିତି ପଚାରିବି ? ତା ସାଙ୍ଗମାନେ ତ ତା ସହିତ ଅଛନ୍ତି । ମୋତେ ଯଦି ଗାଳି ଗୋଲଜ କରିବେ । ବହୁତ ମନେ ମନେ ଭାବି ହେଲା ।

ଭାବୁଥିବା ସମୟରେ ଲିଲି ନିଜ ହାତରେ ଧରିଥିବା କାଗଜ ଗଣ୍ଡିକୁ ଶ୍ରୀକାନ୍ତ ଆଡ଼କୁ ଫୋପାଡ଼ି ଦେଇ ନିଜ ରାସ୍ତାରେ ଚାଲିଗଲା । ଶ୍ରୀକାନ୍ତ କାଗଜଟିକୁ ଉଠାଇ ଦେଖେତ । ପ୍ରଥମ ଧାଡ଼ିରେ ଲେଖାଯାଇଥିଲା "ମୁଁ ତୁମକୁ ବହୁତ ଭଲ ପାଏ" ।

ଏ ମାଆ ବିଲେଇ କପାଳକୁ ସିକା ଛିଡ଼ିଲା । ଇଂରାଜୀରେ ଲେଖା ଯାଇଥିବା ଚିଠି ବିଲକୁଲ୍ ବୁଝିପାରିଲା ନାହିଁ ଶ୍ରୀକାନ୍ତ । ହେଲେ କାହାକୁ ପଢ଼ିବାକୁ ଦେବ ବା କେମିତି । ଶେଷରେ ତୁମର ଲିଲି ଓ ନିଜର ମୋବାଇଲ୍ ନମ୍ବର ଲେଖା ଯାଇଥିଲା ।

ମୋବାଇଲ ନମ୍ବର ପାଇ ସିଧା ପଳେଇ ଯାଇଥିଲା ବଜାରରୁ ନିରୋଳା ପୋଲ ଉପରକୁ ଶ୍ରୀକାନ୍ତ । ନମ୍ବରଟିକୁ କଲ କଲା ସ୍ୱିଚ୍ ଅଫ୍ ଆସିଲା । ମୋତେ ନମ୍ବର ଦେଇ ଝିଅଟା ମୋବାଇଲ୍ ବନ୍ଦ କରି ରଖିଛି । ନା ନା ସେ ବଜାରକୁ ଆସିଛି ଘରକୁ ଗଲେ ନିଶ୍ଚୟ ମୋବାଇଲ୍ ଖୋଲିବ । ହଉ ମୁଁ ପୋଲରେ ବସିଥାଏ । ପୋଲରେ ଦୁଇ ଘଣ୍ଟା ଧରି ବସି ରହିଲା ଶ୍ରୀକାନ୍ତ ଆଉ ହଜାର ହଜାର ଥର ଫୋନ୍ ଦବେଇବାରେ ବ୍ୟସ୍ତ । ପୁଣି ଚିନ୍ତା କଲା ଟିଉସନ ହେଉଥିବ । ଏମିତି ଚିନ୍ତା କରୁ କରୁ ତାର ନମ୍ବର ଲାଗିଯାଇଥିଲା ଲିଲି ପାଖକୁ । ଲିଲି ଫୋନ୍ ଉଠେଇଲା । ଦୁଇଜଣଙ୍କ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହୋଇଗଲା ।

ଦୁହେଁ ପ୍ରେମ ଆଳାପରେ ମଜି ଯାଇଥିଲେ । କେହି କାହାକୁ ଗୋଟେ ମିନିଟ୍ ବି ଛାଡ଼ି ପାରୁନଥିଲେ । ସବୁବେଳେ ଫୋନ୍‌ରେ ବ୍ୟସ୍ତ ରହିଲେ ଲିଲି ଓ ଶ୍ରୀକାନ୍ତ । ଶ୍ରୀକାନ୍ତର ଯଦି ଗୋଟେ ଘଣ୍ଟା ବିଳମ୍ବ ହେଇଯାଉଥିଲା କଲ କରିବା ତେଣେ ଲିଲି କହିଦିଏ କଣ କେହି ମିଳିଗଲେକି । ଏମିତି ଦୁଇ ଜଣ ମଜି ଯାଇଥିଲେ ପ୍ରେମ ନିଶାରେ । ଲୁଚା ଚୋରା ମିଳନ ମଧ୍ୟ ଚାଲିଲା । ଧୀରେ ଧୀରେ ପ୍ରେମ ସମ୍ପର୍କ ବଢ଼ିବାରେ ଲାଗିଲା । ଲିଲିର ପାଠ ପଢ଼ା ପୁରା ଚୁଲିକୁ ଗଲା । ପାଠରେ ପ୍ରଥମ ଥିଲା ପିଲା ପୁରାପୁରି ଫେଲ୍ ଅବସ୍ଥା ଦେଖି ପଫେସର ମାନେ ଲିଲିକୁ ବହୁତ ଗାଳିଗୁଲଜ କଲେ । ସମସ୍ତେ ଘୃଣା କରିବାରେ ଲାଗିଲେ । ଯଉଁ ପିଲା ଦିନେ ସ୍କଲାରସିପ ପାଇଥିଲା । ଓଡ଼ିଶାରେ ଦଶ ଜଣଙ୍କ ମଧ୍ୟରେ ଜଣେ ଥିଲା ସେ ପିଲା ଆଜି ଏତେ ପାଠରେ ଦୁର୍ବଳ । ଘରୁ ବାହାର ପର୍ଯ୍ୟନ୍ତ ଘୃଣା ଆଉ ଅପବାଦ । ସମସ୍ତେ କଲେଜଠାରୁ ଘର ପର୍ଯ୍ୟନ୍ତ କୁହାକୁହି ଆଉ ଫୁଟରୁ ଫାଟର ।

ଲିଲି ଓ ଶ୍ରୀକାନ୍ତ ଦୁଇଜଣ ବେଶ ମଜା କରନ୍ତି ଲୁଚିଛପି । କିଏ ବାଡ଼ ପାଖରେ ଓ ପୋଲ ଉପରେ କଥା ହେଉଛି ତ କିଏ କବାଟ କୋଣରେ ଓ ଗାଧୁଆ ଘରେ କଥାବାର୍ତ୍ତା ହେଉଥାନ୍ତି । ଲିଲିର ବାପା ଓ ମାଆ କଲେଜରେ ଝିଅ ଖରାପ ରେଜଲ୍ଟ କରୁଛି ଶୁଣି କହିଲେ ତୋତେ ସେ କଲେଜରୁ ଆଉ ହଷ୍ଟେଲରୁ ଦୁଇଦିନ ଭିତରେ ନେଇ ଆସିବୁ । ତା' ପରେ ଅନ୍ୟ ଏକ ଭଲ କଲେଜରେ ରହି ପଢ଼ିବୁ । ଏଇ କଥା ଲିଲି ଶ୍ରୀକାନ୍ତକୁ କାନ୍ଦି କାନ୍ଦି କହିଲା ଶୁଣ ମୋତେ ଯେ ସହର ଛାଡ଼ିବାକୁ ପଡ଼ିବ । କାରଣ ବାପା ମୋ ଉପରେ ରାଗିଯାଇଛନ୍ତି ମୋତେ ଘରକୁ ନେଇଯିବେ ।

ଶ୍ରୀକାନ୍ତ ଏଇକଥା ଶୁଣି ପାଗଳ ଭଳି କାନ୍ଦିବାରେ ଲାଗିଲା । ମୁଁ ତୁମ ବିନା ମରିଯିବି ଲିଲି । ତୁମ ସ୍ୱର ନ ଶୁଣିଲେ ମୋତେ ନିଦ ହୁଏନି । ମୁଁ ବଞ୍ଚିବି କେମିତି କହିଲ । ଲିଲି ଗୋଟିଏ ପ୍ରସ୍ତାବଦେଇ କହିଲା ତମେ ତ କୁହ ମୋର ଚାକିରି ଅଛି ତାମିଲନାଡୁରେ । ଶିକ୍ଷିତ ମଧ୍ୟ ମୋତେ କଣ ସେଠି ନେଇ ପୋଷିପାରିବନି । ଶ୍ରୀକାନ୍ତ କହିଲା ମୁଁ କଣ ଏତେ ଦୁର୍ବଳ ତୁମକୁ ପୋଷିପାରିବିନି । ହେଲେ ତମେ ସିନା ମୋତେ ଭରସା କରିଗଲେ । ତମକୁ ଏତେ ଭଲ ପାଉଛି ମାନେ ତମ ପାଇଁ ଜୀବନ ଦେଇପାରିବି । ହଉ ଠିକ୍ ଅଛି ଆଜି ରାତି ଏଗାରଟାରେ ତମେ ପ୍ରସ୍ତୁତ ହୁଅ । ରାତି ବାରଟାରେ ଯେଉଁ ତାମିଲ ନାଡୁ ପାଇଁ ଟ୍ରେନ୍ ଅଛି ସେଥିରେ ଆମେ ପଳେଇ ଯିବା ବୋଲି ଶ୍ରୀକାନ୍ତ କହିଲା । ଦୁଇଜଣ ରାଜି ହୋଇ ଯାଇଥିଲେ । ନିଜର ପ୍ରସ୍ତାବ ମୁତାବକ କାମ କଲେ ।

ଘର, ପରିବାର, ଡାକ୍ତର ବାପାଙ୍କର ସମ୍ମାନ ସବୁକୁ ତ୍ୟାଗ କରି ଲିଲି ଆସି ପହଞ୍ଚି ଯାଇଥିଲା ତାମିଲନାଡୁରେ । ଅଜବ ଦୁନିଆରେ ଗଜବ ଝିଅ । ବାପାଙ୍କର ସମ୍ମାନକୁ ଭୟ ନାହିଁ କି ଯତ୍ନ ନାହିଁ, ନିଜର ଭବିଷ୍ୟତ ପ୍ରତି ଲକ୍ଷ ନାହିଁ ସିଧା ଅଜଣା ପୁରୁଷର ମିଥ୍ୟା ପ୍ରତିଶ୍ରୁତିରେ ବିହ୍ୱଳ ହୋଇ ତାମିଲନାଡୁ ପହଞ୍ଚିଗଲା । କଥା ପ୍ରଘଟ ହୋଇଗଲା । ପୋଲିସ ମଧ୍ୟ ଏଫ୍‌ଆଇଆର୍ ନେଇ ତନାଘନା ଚଳେଇଲେ । ୱାନଟେଡ୍‌ରେ ଲେଖାଗଲା ଲିଲିର ଲାପତ୍ତା ଯିଏ ଭେଟିବ ତୁରନ୍ତ ଏଇ ନମ୍ବରରେ ଯୋଗାଯୋଗ କରନ୍ତୁ । ଦୁଇ ଲକ୍ଷ ଟଙ୍କା ପୁରସ୍କାର ପାଇବେ ।

ଶ୍ରୀକାନ୍ତ ତାମିଲନାଡୁରେ ଲିଲିକୁ ପହଞ୍ଚାଇ ଦେଲା ପରେ ଦୁହିଁଙ୍କୁ ରହିବାକୁ ଜାଗା ମିଳିଲା ନାହିଁ । ସେ କାମ କରୁଥିବା କାରଖାନାରେ ସମସ୍ତ ଶ୍ରମିକମାନେ ଗୋଟିଏ ଲମ୍ବା ଘରେ ଶୋଇଯାନ୍ତି । ହେଲେ ଯେ ଲିଲିକୁ ନେଇ ସେ କଦର୍ଯ୍ୟ ପରିବେଶରେ ରଖିବ କେମିତି । ଆଗରୁ ପାଇଥିବା ଦରମା ଗୁଡ଼ାକ ସେ ମଦ ଗଞ୍ଜେଇରେ ଖର୍ଚ୍ଚ କରିଦେଇଛି । ପାଖରେ ଗୋଟେ ଟଙ୍କା ବି ନାହିଁ ଯେ କି ଭଡ଼ା ଘରେ ନେଇ ରଖିପାରିବ । ଲିଲି ଜଣେ ଶିକ୍ଷିତ ଓ ସୁନ୍ଦରୀ ଝିଅ ତେଣୁ କାରଖାନାର ପରିବେଶ ବହୁତ କଦର୍ଯ୍ୟ ଓ ଦୁର୍ଗନ୍ଧ ଯୁକ୍ତ ଦେଖି ନିଜ ଭାଗ୍ୟକୁ ଆଦରିଲା । ହେଲେ ନୂଆ ନୂଆ ପ୍ରେମ କିଛି କହିପାରୁନି କି ସହିପାରୁନି । ବାଧ୍ୟ ହୋଇ ସେଇ ଶ୍ରମିକ ମାନଙ୍କ ସହିତ ରାତ୍ରିଯାପନ କଲା । ଦେଖିବାକୁ ପାଇଲା ଶ୍ରୀକାନ୍ତ ସନ୍ଧ୍ୟାବେଳେ ଶ୍ରମିକମାନଙ୍କ ସହିତ ମିଶି ବହୁତ ମଦ ପିଉଛି । ହେଲେ କିଛି କହିବାକୁ ତାର ଉପାୟ ନଥିଲା ।

ଶ୍ରମିକମାନଙ୍କର ଜଣେ ଠିକାଦାର ଥାଏ । ସେ ପିଲା ବିହାରୀ

ହେଲେ ମଧ୍ୟ ଓଡ଼ିଆ କହିପାରୁଛି । ସେ ଏମାନଙ୍କର ଅବସ୍ଥା ଦେଖି କହିଲା ଶ୍ରୀକାନ୍ତ ତୁ ଆଉ ତୋ ସ୍ତ୍ରୀ ମୋ ଘରେ କାଲିଠାରୁ ରହିବ । ତୋ ସ୍ତ୍ରୀ ମୋ ଭାବି (ଭାଉଜ) ପରି କିଛି ଅସୁବିଧା ନାହିଁ । ମୋର ଦୁଇଟା ଘର ଖାଲି ପଡ଼ିଛି । ସେଇଠି ରହିଯିବ । ଶ୍ରୀକାନ୍ତ ରାଜି ହୋଇଯାଇଥିଲା । ଦୁଇଜଣ ସେଠାରେ ରହିଲେ । ଠିକାଦାର ନିଜ ଘରେ ଏମାନଙ୍କୁ ରହିବାକୁ ଦେଲା । ତା' ସହିତ ବହୁତ ସ୍ନେହ ଶ୍ରଦ୍ଧା ମଧ୍ୟ ଲିଲିକୁ କରେ ।

ଦିନେ କାମରୁ ଫେରି ଶ୍ରୀକାନ୍ତ ଦେଖେତ ଠିକାଦାର ଓ ଲିଲି ଜୋରରେ କଥା କୁହାକୁହି ହୋଇ ହସୁଛନ୍ତି । ଶ୍ରୀକାନ୍ତକୁ ଟିକେ ଖରାପ ଲାଗିଲା । ଠିକାଦାର ବହୁତ ପଇସାବାଲା ଲୋକ । ଶିକ୍ଷିତ ମଧ୍ୟ ଲିଲି କଣ ତା' ପ୍ରତି ଆକୃଷ୍ଟ ହେଇ ଗଲାକି ଏମିତି ସନ୍ଦେହ ତା' ମନରେ ଜାଗତ୍ର ହେବାକୁ ଲାଗିଲା । ସେ ସବୁବେଳେ ମନେମନେ ଅସାନ୍ତି ହେଉଥାଏ । ଆହୁରି ଅଧିକରୁ ଅଧିକ ମଦ ପିଇବାରେ ଲାଗିଲା । କାରଣ ଠିକାଦାର ସବୁବେଳେ ଘରେ ରହେ । ବେଳେବେଳେ ଆସେ କାରଖାନାକୁ ହିସାବ କରିବାକୁ । ସେ ତିରିଶଟା କମ୍ପାନୀରେ ଶ୍ରମିକ ଦେଇ ପଇସା କମାଉଛି । ଲିଲି ଘରେ ରହିଲା କାଳେ ଠିକାଦାର ସହିତ କିଛି ସମ୍ପର୍କ ହୋଇଗଲାକି । କାରଣ ନାରୀଜାତିକୁ ଭରସା ନାହିଁ । କୁଆଡ଼େ କେତେବେଳେ ଢ଼ଳିଯିବେ ଏମିତି ଅନେକ ଭାବନା ନେଇ ଥାଏ ଶ୍ରୀକାନ୍ତ । ଲିଲି ଶ୍ରୀକାନ୍ତର ହସ ନାହିଁ କି ଆଗ ଭଳି ଭଲ ପାଇବା ନାହିଁ ଦେଖି ମନେମନେ ଚିନ୍ତାରେ ପଡ଼ିଗଲା । କାରଣ କଣ ଶ୍ରୀକାନ୍ତ କାହିଁକି ମୋ ସହିତ ଭଲ ବ୍ୟବହାର କରୁନାହାନ୍ତି ।

ଆଜି ରବିବାର କାରଖାନାରେ ଅଧା ଦିନ କାମ ହେବ ବୋଲି ଘୋଷଣା ହୋଇଛି । କାମ ସରିଲା ଆଉ ଶ୍ରୀକାନ୍ତ ଆସି ଘରେ ପହଞ୍ଚିଲା । ଘରେ ଦେଖେତ ଲିଲି ଶ୍ରୀକାନ୍ତର ଶୋଇବା ଘରେ ବସିଛି । ଠିକାଦାର ତାକୁ ମୋବାଇଲରେ କଣ ସବୁ ଦେଖାଉଛି ଓ ହସାହସି ହେଉଛନ୍ତି । ସହିପାରିଲା ନାହିଁ ଶ୍ରୀକାନ୍ତ । ତାର ପ୍ରେମ ନିଶା ଛାଡ଼ି ଗଲା । ଯେ ଝିଅକୁ ବିଶ୍ୱାସ ନାହିଁ । ହଉ ଏଠି କିଛି କହିଲେ ଠିକାଦାର ମୋ ଚମଡ଼ା ଉତ୍ତାରି ଦେବ । କହିଲା ସାର ମୋର କିଛି ପଇସା ଦରକାର । ମୁଁ ଲିଲି ପାଇଁ ଶାଢ଼ି ଆଣିବି ଆଉ ମୋର ଡ୍ରେସ୍ କିଣିବି । ଠିକାଦାର କହିଲା ବ୍ୟସ୍ତ ହୁଅନି ଶ୍ରୀକାନ୍ତ ମୁଁ ଭାବିକୁ ବଜାରକୁ ନେଇ କିଣି ଆଣିବି । ଶ୍ରୀକାନ୍ତ କହିଲା ଠିକ୍ ଅଛି ସାର ମୋତେ କିଛି ଖର୍ଚ୍ଚ ଦିଅନ୍ତୁ । ହଉ କେତେ ଦରକାର ବୋଲି ଠିକାଦାର କହିବାରୁ । ଶ୍ରୀକାନ୍ତ ପାଞ୍ଚ ହଜାର କହିଲା । ଠିକାଦାର ତାକୁ ପାଞ୍ଚ ହଜାର ଦେଲେ । ସିଧ ପାଞ୍ଚ ହଜାର ଧରି ଲିଲିକୁ କିଛି ନକହି ଶ୍ରୀକାନ୍ତ ଘରକୁ ପଳଇ ଆସିଲ ଟ୍ରେନରେ ।ଲିଲି ଚାହିଁ ବସିଛି ଶ୍ରୀକାନ୍ତ ବଜାରରୁ ଫେରିବ । ହେଲେ ରାତି ଦଶଟା ହୋଇଗଲା ତଥାପି ଫେରିଲା ନାହିଁ । କଣ ହେଇଛି ଶ୍ରୀକାନ୍ତର ଫୋନ୍ ବି ଲାଗୁନି । କାହାକୁ ଜଣେଇବ । ଠିକାଦାର ମଧ୍ୟ କାରଖାନାକୁ ବାରମ୍ବର କଲ କରୁଥାଏ । ହେଲେ ତାର କୌଣସି ଠିକଣା ନାହିଁ ।

ଠିକାଦାର ଜାଣିପାରିଲା ଶ୍ରୀକାନ୍ତ ପ୍ରାୟ ରାଗିଛି । କାରଣ ସେ ଭାବି ସହିତ ହେଉଥିବା ଥଟା ତାମସା ଶ୍ରୀକାନ୍ତ ଦେହରେ ଯାଉନାହିଁ । ସେଇଥିପାଇଁ କିଛି କହି ନପାରି ଛାଡ଼ି ପଳେଇ ଗଲା ବୋଧେ । ହେଲେ ମୋର ତ ଲିଲି ପ୍ରତି ସେମିତି କିଛି ସମ୍ପର୍କ ନାହିଁ । କାହିଁକି ମୋତେ ଏମିତି ଭାବିଲା ସେ । ଅସହାୟକୁ ସାହାଯ୍ୟ କରିବାର ଫଳ କଣ ଏଇଆ । ଲିଲି ଏକୁଟିଆ ବସି କାନ୍ଦୁଥାଏ । ଓଡ଼ିଆ ନାରୀ ସେ । ସେ ମଧ୍ୟ ଶିକ୍ଷିତ । ସେ କେମିତି ବେଶ୍ୟାବୃତ୍ତି କରିବ । ଓଡ଼ିଆ ଝିଅ କେବେ ପରିସ୍ଥିତିରେ ନ ପଡ଼ିଲେ ନିଜକୁ କାହାକୁ ବିକିପାରିବନି । ଯିଏ ଗୋଟିଏ ପୁରୁଷରେ ଶାନ୍ତି ନ ହୁଏ ତାକୁ ବେଶ୍ୟା କୁହାଯାଏ । ମୁଁ କଣ ଆଉ କେମିତି ଝିଅ ଶ୍ରୀକାନ୍ତ କଣ ମୋତେ ଜାଣିପାରିଲା ନାହିଁ । ମୁଁ ମରି ଯାଇପାରେ ହେଲେ ଶ୍ରୀକାନ୍ତ ଛଡ଼ା ଅନ୍ୟ କେହି ପୁରୁଷ ମୋ ଜୀବନରେ ଆସିପାରିବ ନାହିଁ । ଯେଉଁ ଠାକୁରଙ୍କୁ ସାକ୍ଷୀ ରଖି ତାଙ୍କ ନାଁରେ ଶଙ୍ଖା ଆଉ ସିନ୍ଦୂର ପିନ୍ଧିଛି ସେ ଠାକୁର ବିଚାର କରିବେ ।

ମୋର ଏଠି ଅଛି କିଏ ଯେ । ମୁଁ ବା କାହାର ସାହାରା ନେଇ ଏଠି ବଞ୍ଚିବି । ଚାହୁଁ ଚାହୁଁ ଦୁ ଦିନ ବିତିଗଲା । ଶ୍ରୀକାନ୍ତ ଫେରିଲା ନାହିଁ । ମଝି ଦରିଆରେ ଭସେଇ ଦେଇ ଚାଲିଗଲା ମୋତେ । ଲିଲି ବାଧ୍ୟ ହୋଇ ଫୋନ୍ କଲା ନିଜ ବାପା ଆଉ ମାଆଙ୍କୁ । ବାପା ଓ ମାଆ ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ବାପା ଓ ମାଆ କେତେବେଳେ ବି ଯେତେ ଦୁଷ୍ଟ ହେଲେ ମଧ୍ୟ ପର ହେଇଯିବେ ନାହିଁ । ଆଜି ବାପା କାନ୍ଦୁଛନ୍ତି ମାଆ ମଧ୍ୟ କାନ୍ଦୁଛନ୍ତି । ଝିଅକୁ ସୁରକ୍ଷିତ ଘରକୁ ଆଣିବାକୁ ଚାଲିଥାଏ କାର୍ଯ୍ୟକ୍ରମ ।

ଏଣେ ଶ୍ରୀକାନ୍ତ ଘରକୁ ଫେରି ଘରେ ସବୁ କଥା ଆଉ ମାଙ୍କୁ ଜଣେଇଲା । ବାପା ଓ ମାଆ ତାର କହିଲେ ହଉ ସେଇ ଝିଅକୁ ତୁ ସେଠୁ ନେଇଆ ଆମେ ବାହାଘର କରେଇ ଦେବା । ଶ୍ରୀକାନ୍ତ କହିଲା ନା ବାପା ମୁଁ ସେ ବେଶ୍ୟାକୁ କେବେ ସୀକାର କରିବି ନାହିଁ । ତାର ଖରାପ ସମ୍ପର୍କ ଅଛି ସେଇ ବିହାରୀ ଠିକାଦାର ସହିତ ।

ଲିଲି ଘରେ ଆସି ସୁରକ୍ଷିତ ପହଁଞ୍ଚିଲା । ହେଲେ ସେ ଶ୍ରୀକାନ୍ତର ପ୍ରେମକୁ ଭୁଲି ପାରୁନଥାଏ । ଶ୍ରୀକାନ୍ତ ନମ୍ବର ସବୁବେଳେ ଲଗାଉଥାଏ ହେଲେ ବନ୍ଦ ଅଛି ବୋଲି ଆସୁଥାଏ । ଦିନେ ଲିଲି ତା' ବାପାଙ୍କ ସହିତ ବାହାରିଲା ଶ୍ରୀକାନ୍ତ ଘରକୁ । ଠିକଣା ଥିଲା ତା ପାଖରେ । ବହୁତ କଷ୍ଟରେ ବାପା ଆଉ ଲିଲି ଆସି ଶ୍ରୀକାନ୍ତ ଘରେ ପହଁଞ୍ଚିଲେ । ଝୋପଡ଼ି ଘର ଦେଖି ବାପା ଆଶ୍ଚର୍ଯ୍ୟ ହୋଇଗଲେ । ଶ୍ରୀକାନ୍ତ କାହିଁ ପଚାରିଥିବାରୁ ଶ୍ରୀକାନ୍ତ ମାଆ କହିଲେ ସେ ଏଇନେ ଆସିବେ ଟିକେ ଅପେକ୍ଷା କରନ୍ତୁ । ଆପଣ କିଏ ପଚାରିବାରୁ ଚିହ୍ନା ଦେଇ ପ୍ରଣାମ କରିଥିଲା ଲିଲି । ଶ୍ରୀକାନ୍ତ ମାଆ ପଚାରିଲେ ଠିକାଦାର କିଏ କରେ । ଶ୍ରୀକାନ୍ତ କହୁଥିଲା ତୋର କଣ ତା' ସହିତ

ସମ୍ପର୍କ ଥିଲା । ଲିଲି କାନ୍ଦି ପକେଇ କହିଲା ମା' ମୁଁ ତାଙ୍କୁ ଭରସା କରି ଘର, ପଢ଼ା ଆଉ ବାପା ମାଆଙ୍କର ସମ୍ମାନକୁ ତ୍ୟାଗ କରି, ସେ ମୋତେ ନିଜେ ରହିବା ସହିତ ମୋ ରହିବା ପାଇଁ ବି ଘର ଠିକ କରି ନପାରିବାରୁ ଠିକାଦାର ନେଇ ଆମ ଦୁଇଜଣଙ୍କୁ ତାଙ୍କ ପାଖରେ ରଖିଲା । ହେଲେ ଗୋଟିଏ ଘରେ ରହିଲେ ଭାଇ ଭାଉଜର ସମ୍ପର୍କରେ ସେ ଖୁସି ହୋଇ ଟିକେ ହସି କଥା କହିଲେ ୟାଙ୍କ ଦେହରେ ଯାଏନି । ମୋତେ ଥରେ ବି ବାରଣ କରି କହି ନାହାନ୍ତି ଯେ କାହିଁକି କଥା ହେଉଛ ବୋଲି । ହେଲେ ମୋତେ କିଛି ନ କହି ସେଇଠାରେ ଏକୁଟିଆ ଛାଡ଼ି ଦେଇ ପଳେଇ ଆସିଲେ । ମୁଁ ଯଦି ଖରାପ ହୋଇଥାନ୍ତି ତେବେ କଣ ଘରକୁ ଫେରିଥାନ୍ତି । ତା'ପର ଦିନ ମୁଁ ଘରକୁ ପଳେଇ ଆସିଲି । ଶ୍ରୀକାନ୍ତ ଆସି ଘରେ ପହଞ୍ଚି ଲିଲିକୁ ଦେଖିଲା ଆଉ ମୁହଁ ମୋଡି ଦେଇ ଘର ଭିତରକୁ ପଳେଇଗଲା । ଲିଲି ପଚାରିଲା ଶ୍ରୀକାନ୍ତ ମୋର ଭୁଲ କଣ କୁହ । ମୁଁ ଯଦି ଖରାପ ତେବେ କୁହ ମୁଁ ଏଠାରୁ ପଳେଇଯିବି । ମୋର ଦୋଷ କ'ଣ ?

ଶ୍ରୀକାନ୍ତ କହିଲା ତୋର ଦୋଷ କଣ ଜାଣିନୁ ! ତୁ ଗୋଟେ ବେଶ୍ୟା...!!!

ମୁଁ... ବେଶ୍ୟା..... ଛି ଛି ଛି ତମକୁ କହିବାକୁ ଲାଜ ଲାଗୁନି । ମୁଁ କେମିତି ବେଶ୍ୟା ହେଲି.... କୁହ... କହୁ...

ମୋର ଦୋଷ କଣ କୁହ ଶ୍ରୀକାନ୍ତ ???

ବାପା ଆଉ ମାଆଙ୍କୁ ଛାଡ଼ି ତୁମ ସହ ଯିବା ହେଉଛି ମୋର ଦୋଷ ।

ମୁଁ ତୁମକୁ ବିଶ୍ୱାସ କରିବା ହେଉଛି ମୋର ଦୋଷ ।

ତମେ କହିଲ ମୁଁ ଶିକ୍ଷିତ ଆଉ ଚାକିରି କରିଛି କାରଖାନାରେ ସେଇଟା ପ୍ରମାଣ ପତ୍ର ନ ଦେଖି ବିଶ୍ୱାସ କରିବା ବି ମୋର ଦୋଷ । ଯେଉଁ ବାପା ଆଉ ମାଆ ମୋତେ ଟିକେ ବି ଦୁଃଖ ଦେଇ ନ ଥିଲେ । ଟିକେ ବି କଷ୍ଟ ଦେଇ ନ ଥିଲେ । କିଛି ଅଭାବ ଦେଇ ନ ଥିଲେ ସେ ବାପା ଓ ମା'ଙ୍କୁ ପାଦରେ ଦଳି ଦେଇ ତୁମ ସହିତ ପଳେଇ ଯିବା ବି ମପର ଦୋଷ । ମୁଁ ଓଡ଼ିଶାରେ ପ୍ରଥମ ଦଶ ଜଣ ଭିତରେ ନମ୍ବର ରଖି ଛାତ୍ରୀବୃତ୍ତି ପାଉଥିବା ଛାତ୍ରୀ ଆଜି ପାଠପଢ଼ା ଛାଡ଼ି ଦେଇ ତୁମ ସହ ପଳେଇଯିବା ବି ମୋର ଦୋଷ ।

ହଉ ମୋର ଦୋଷ ଦୋଷ ଦୋଷ ତେବେ ତୁମର ଶେଷ ନିଷ୍ପତ୍ତି କୁହ । ଶ୍ରୀକାନ୍ତ କହିପକେଇଲା ମୁଁ ତ ଭଳି ବେଶ୍ୟାକୁ ନେଇ ବଞ୍ଚିପାରିବି ନାହିଁ । କିଛି ନ କହି ଲିଲି ବାପାଙ୍କ ହାତ ଧରି ଶ୍ରୀକାନ୍ତ ଘରୁ ପଳେଇ ଆସିଥିଲା ନିଜ ଘରକୁ । କିଛିଦିନ ପରେ ମଧ୍ୟ ସେ ଏକ ପୁଅ ପିଲାର ମାଆର ହୋଇଥିଲା । ପାଠ ମଧ୍ୟ ପଢ଼ି ଓଡ଼ିଶାର ସୁନାମ ଧନ୍ୟ ଡାକ୍ତର ହୋଇପାରିଥିଲା । ଏବେ ନିଜ ପୁଅ ସହ ଖୁସିରେ ଜୀବନଯାପନ କରୁଛି । ଶ୍ରୀକାନ୍ତ ମଦ ପିଇ ରାସ୍ତାକଡ଼ରେ ଗଡୁଛି... ଲୋକେ ଶ୍ରୀକାନ୍ତକୁ କୁହନ୍ତି ଲକ୍ଷ୍ମୀଛଡ଼ା.... ।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ, ବାଲେଶ୍ୱର (ଭଦ୍ରକ)

# ଗଛଟିଏ

**ଅଙ୍କିତା ପାଢ଼ୀ**

ଗଛଟିଏ ଲଗାଇବାକୁ ଖାଲି ଜାଗାଟିଏ ଦରକାର । ଏତିକି କରିବାକୁ ପଡ଼ିଥାଏ । ତା' ପରେ ଗଛରେ ଆମେ ଗ୍ରୀଷ୍ମ ଦିନ ହୋଇଥିଲେ ପାଣି ମୁନ୍ଦାଏ ଦେବାକୁ ପଡ଼ିଥାଏ । ଗଛଟି ବଢ଼ି ଚାଲିଥାଏ । ଯେମିତି ନିଜର ପିଲାମାନେ ଘରେ ବଢିଥାନ୍ତି ।ହେଲେ ପିଲାମାନେ ତ ବହୁତ ଅସହାୟ ।ସେମାନଙ୍କୁ ଧରିବାକୁ ପଡେ, ଖୁଆଇବାକୁ ପଡିଥାଏ,କାଖେଇ କୋଳେଇ ବୁଲେଇବାକୁ ପଡ଼ିଥାଏ, ଏମିତିକି ସେମାନଙ୍କ ଝାଡ଼ା ପରିସ୍ରା ବି ସଫା କରିବାକୁ ପଡ଼ିଥାଏ । ଆମେ ନିଜ ପିଲାଙ୍କୁ ଅଧିକ ଯତ୍ନରେ ବଢ଼େଇ ଥାନ୍ତି କାରଣ ସେ ବଡ଼ ହେଇ ଆମକୁ ରୋଜଗାର କରି ପୋଷିବ । ହେଲେ ଆମେ ଗଛଟିଏ କଥା ଆଦୌ ଚିନ୍ତା କରନ୍ତି ନାହିଁ, କେମିତି କରିବା ଯେ ଆମେ ଗଛ ଲଗେଇବା ଅପେକ୍ଷା ସେଇ ଜାଗାରେ ଘର କରିବା, କାରଖାନା କରିବା, ରାସ୍ତା କରିବା ଏମିତି ଏମିତି..... ।

ବହୁତ ବିରକ୍ତି ସହିତ ଘୃଣାଭାବ ଆସିଥାଏ ସେଇ ଲୋକମାନଙ୍କ ଉପରେ ଯେଉଁମାନେ ନିରୀହ, ନିଶ୍ଚଳ, ମୂକ ଓ ଉପକାରୀ ଗଛଟିକୁ  କାଟି ଦେଇ ତାର କାଠ ଓ ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗକୁ ନିଜ କାମରେ ଲଗାଇ ବେଶ ଦୁଇପଇସା ରୋଜଗାର କରିଥାନ୍ତି । ହେଲେ ଏଇ ଗଛର ନିରୀହ ନିସ୍ତବ୍ଧ କାହାଣୀ କିଏ ଶୁଣୁଛି । ଗୋଟିଏ ଗଛ ଯେତିକି ଅମ୍ଳଜାନ ପ୍ରସ୍ତୁତ କରେ ବା ବିକିରଣ କରେ, ସେଥିରେ ହଜାର ହଜାର ଲୋକ ନିଜର ଶ୍ୱାସ କ୍ରିୟା କରିପାରିବେ । ଗଛଟିଏ ନିଜର ଫଳ କେବଳ ପ୍ରାଣୀଙ୍କର ଉପକାର ପାଇଁ ଖାଦ୍ୟ ରୂପୀ ପୋଷକ ଯୋଗାଇ ଥାଏ । ଗଛଟିଏ ବାୟୁମଣ୍ଡଳକୁ ଜଳୀୟ ବାଷ୍ପ ନିଷ୍କାସନ କରିବା ଦ୍ୱାରା ତାହା ଉର୍ଦ୍ଧ୍ୱମୁଖୀ ବାୟୁ ପ୍ରଭାବରେ ଉପରକୁ ଯାଇ ଥଣ୍ଡା ହୋଇ ପୁନଃ ବର୍ଷା ରୂପରେ ଭୂମିଷ୍ଠ ହୋଇଥାଏ । ଗଛଟିଏ ଅତି କମ୍‌ରେ ବଟୋଇକୁ ଥଣ୍ଡା ଛାଇ ଦେଇ ବିଶ୍ରାମ କରିବାର ଆଶ୍ରୟ ଦେଇଥାଏ । ଗଛଟିଏ ନିଜର ବାସ୍ନା ଭରା ଫୁଲର ମହକରେ ଚତୁଃପାର୍ଶ୍ୱକୁ ଶାନ୍ତିର ବାତାବରଣ କରିଥାଏ । ଗଛଟିଏ ନିଜର ମୃତ୍ୟୁ ପର୍ଯ୍ୟନ୍ତ ପ୍ରାଣୀଙ୍କର ମଙ୍ଗଳ ସାଧନା କରିଥାଏ । ଶେଷରେ ଏଇ ମଣିଷ ସେଇ ନିରୀହ ଗଛଟିକୁ କଟିଦେଇ ନିଜର କାମନା ଓ ଲାଳସା ମେଣ୍ଟେଇ ନିଜକୁ ବଳିୟାନର ପରାକାଷ୍ଠା ପ୍ରକଟ କରି ଧନ୍ୟ ହେଇଯାଏ । ମୁଖ୍ୟ ପ୍ରସଙ୍ଗ ହେଲା ପୃଥିବୀ ପୃଷ୍ଠାରେ ଥିବା ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ମଧ୍ୟରେ, ଉଦ୍ଭିଦ ଜଗତ ହେଉଛନ୍ତି ସ୍ୱପୋଷକ । ଅର୍ଥାତ୍ ସେମାନେ ନିଜେ ନିଜର ଖାଦ୍ୟ ପ୍ରସ୍ତୁତ କରନ୍ତି ନାହିଁ । ହେଲେ ପ୍ରାଣୀମାନେ ନିଜର ଖାଦ୍ୟ ପାଇଁ ସେଇ ଗଛର ଫଳ, ଫୁଲ ଓ ପତ୍ର ଉପରେ ନିର୍ଭର କରନ୍ତି । ତେଣୁ ପ୍ରାଣୀମାନେ ଅନ୍ୟ ଦ୍ୱାରା ପୋଷିତ ହୁଅନ୍ତି ପୁଣି ସେଇ ମାନଙ୍କୁ ହତ୍ୟାରଦଣ୍ଡ ଦିଅନ୍ତି । ଗଛଟିଏ ନିଜର ଖାଦ୍ୟ ନିଜେ ପ୍ରସ୍ତୁତ କରେ । ସେଇ ପ୍ରକ୍ରିୟାକୁ ଆଲୋକ ସଂସଲେସନ ପ୍ରକ୍ରିୟା କୁହନ୍ତି । ସେଇ ପ୍ରକ୍ରିୟାରେ ମୁଖ୍ୟ ଭୂମିକା ପତ୍ର ନେଇଥାଏ । ପତ୍ର ନିଜ ଭିତରେ ଥିବା ସବୁଜ କଣିକା ଦ୍ୱାରା, ବାୟୁମଣ୍ଡଳରୁ ଅଙ୍ଗଳାକାମ୍ଳ, ମାଟିରୁ ଚେର ଓ କାଣ୍ଡ ମାଧ୍ୟମରେ ଜଳ ଓ ଖଣିଜ ଲବଣ ନେଇ, ସୂର୍ଯ୍ୟାଲୋକ ଉପସ୍ଥିତିରେ ନିଜ ପାଇଁ ଖାଦ୍ୟ ପ୍ରସ୍ତୁତି କରିଥାଏ । ଏହି ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟାରେ ଗଛଟିଏ ଯେଉଁ ଖାଦ୍ୟ ପ୍ରସ୍ତୁତ କରେ, ସେ ସବୁ ଖାଏ ନାହିଁ କିଛି ପ୍ରାଣୀ କଲ୍ୟାଣରେ ସଞ୍ଚୟ କରି ଯାହାକି, କିଛି ଗଛ ମୂଳରେ, କିଛି କାଣ୍ଡରେ ଆଉ କିଛି ଗଛ ନିଜ ଫଳରେ । ଖାଦ୍ୟ ସଞ୍ଚୟ କରି ଗଛଟିଏ ନିଜର ବଳକା ଖାଦ୍ୟକୁ ପ୍ରାଣୀ ମଙ୍ଗଳରେ ବିତରଣ କରିଥାଏ । ଏମିତି ଉପକାରୀ ବନ୍ଧୁ କେହି ଦୁନିଆରେ ନଥାନ୍ତି । ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ହାର ବୃଦ୍ଧି ହେଲେ ଆମକୁ ଶ୍ୱାସକ୍ରିୟା କରିବା କଷ୍ଟ ହୋଇପଡ଼ିବ । ଲୋକମାନେ ଅମ୍ଳଜାନ ପାଇଁ ନିଜର ପ୍ରାଣ ବିସର୍ଜନ କରିବାକୁ ବାଧ ହେବେ । ଗାଡ଼ି, ମୋଟର, କାରଖାନା ଆଦିର ବୃଦ୍ଧି ଯୋଗୁଁ ବାୟୁମଣ୍ଡଳରେ ଯେଉଁ ହରରେ ପ୍ରଦୂଷଣ ବଢ଼ି ଚାଲିଛି ଆମମାନଙ୍କୁ ଭବିଷ୍ୟତରେ ଏକ ମହାବିପତ୍ତିର ସାମ୍ନା କରିବାକୁ ପଡ଼ିବ । ଏଣୁ ଆମକୁ ଅଧିକରୁ ଅଧିକ ଗଛ ଲଗାଇବାକୁ ପଡ଼ିବ ବନ୍ୟା, ବାତ୍ୟା, ଭୂକମ୍ପ, ଘଡ଼ଘଡ଼ି ଆଦି ଦୈବିବିପର୍ଯ୍ୟୟ ପାଇଁ ଆମର ଏକମାତ୍ର ରକ୍ଷକ, ସାହା, ଭରସା ହେଉ ନିର୍ଭୟରେ ଗଛଟିଏ ହିଁ ରକ୍ଷା କରିଥାଏ ।

ଆମେ ବଡ଼ ଗଛଟିଏ କାଟି ଦେଲେ ଅତିବେଶୀରେ ଦଶହଜାର ବିକିବା ହେଲା ସେଇ ଗଛ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କାର କେବଳ ଅମ୍ଳଜାନ ଦେଇଥାଏ । ମୁଁ ତାର ଫୁଲ ଆଉ ଫଳର ହିସାବ କହୁନାହିଁ । ହେଲେ ଆମକୁ ନିଜର ଜୀବନ ଆଉ ଆଗାମୀ ପିଢ଼ିର ଜୀବନ ରକ୍ଷା ପାଇଁ ଓ ସେମାନଙ୍କର ମଙ୍ଗଳ ପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ଆବଶ୍ୟକ । ଗଛଟିଏ ଆମକୁ ଖାଇବାକୁ ବା ପିଇବାକୁ  ମାଗେ ନାହିଁ । ଆମେ କେବଳ ଉପଯୁକ୍ତ ସ୍ଥାନ ଦେଖି ଆଗାମୀ ବର୍ଷା ଋତୁକୁ ଦେଖି ଲଗାଇଦେବା ଆବଶ୍ୟକ । ଆମେ ଘରୋଇ ଆସବାବପତ୍ର ପାଇଁ କାଠ ବଦଳରେ ଲୁହା ବା ପ୍ଲାଷ୍ଟିକ ବ୍ୟବହାର କରିବା, କାଗଜର ଅପବ୍ୟବହାର କରିବା ନାହିଁ, ଆମେ ଘରୋଇ ଆସବାବପତ୍ର ପାଇଁ କାଠ ବଦଳରେ ଲୁହା ବା ପ୍ଲାଷ୍ଟିକ ବ୍ୟବହାର କରିବା, କାଗଜର ଅପବ୍ୟବହାର କରିବା ନାହିଁ, ଛୋଟିଆ ଗଛ ଆଖିରୁ ଗୋରୁ ଗୋଇଙ୍କ ଦୂରେଇ ରଖିବା, ପାହାଡ଼ିଆ ଅଞ୍ଚଳରେ ପୋଡୁଚାଷ କରିବା ନାହିଁ, ବୃକ୍ଷ ସ୍ଥାନାନ୍ତରଣ ଉପାୟ ଅବଲମ୍ବନ କରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରଣ କରିପାରିବା । ଏଣୁ ଆମର ଜୀବନ ସହିତ ଆଗାମୀ ପିଢ଼ିମାନଙ୍କର ଜୀବନ ସୁରକ୍ଷିତ ପାଇଁ ଗଛଟିଏ ଲଗାଇବା ଆବଶ୍ୟକ । ଗଛ ସହିତ ବନ୍ଧୁହୋଇ ନିଜର ଜୀବନକୁ ସୁଖମୟ କରି ଜଗତରେ ଶ୍ରେଷ୍ଠ ଜୀବର ଆସନ ଗ୍ରହଣ କରି ବଞ୍ଚିବା ଓ ବଞ୍ଚାଇବା ।

ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ,
ଗଗନ ବାବୁ ଛକ, ଏଡ଼ତାଳ, ଭଦ୍ରକ

# ନିହାତି ଅପଦାର୍ଥ

- ସଞ୍ଜୟ କୁମାର ପଣ୍ଡା

"ଆରେ ଦେଖ ତୋ ଠାରୁ ସାନ ସାନ ପିଲାମାନେ କେମିତି ବାହାସାହା ହୋଇ ଘର ବାସଇ ଲେଣି, କିଏ ଚାକିରିବାକିରି ତ କି ବ୍ୟବସାୟ ମଧ କଲେଣି, ବାପା ମାଆଙ୍କୁ ନେଇ ଚାରିଧାମ ଚାଳିଶ ତୀର୍ଥ ବୁଲେଇଆଣିଲେଣି । ହେଲେ ତୁ ନିକମ୍ମାଙ୍କ ସର୍ଦ୍ଦାର ଘରେ ଛଅ ତିଅଣ ନଅ ଭଜା ଠୁସିଦେଇ ଛକରେ ବସି ବାତରା ଟୋକାଙ୍କ ସହିତ ତାସ ପାଲି ପିଟୁଛୁ । ଛିଃ ଛିଃ । ଅପଦାର୍ଥ ଟାଏ ।"

କେତେଦିନ ହେବ ଘନଶ୍ୟାମ ପଣ୍ଡିତେଙ୍କର ପାଟି ବନ୍ଦ ହୋଇଯାଇଛି । ପୁଅ ଚନ୍ଦୁ ଭାଷାରେ ଏ ନିତିଦିନିଆ ଶୋଧା ଟିକେ ଥମିଯାଇଛି । କିନ୍ତୁ ବେଳେବେଳେ ମାଆ ଏବେ ନୂଆ ନାଟକ ଆରମ୍ଭ କରିଛି–

"ମନ୍ଦିରକୁ ଯା, ମନ୍ଦିରକୁ ଯା । ଠାକୁର କୁଆଡ଼େ ଘଣ୍ଟ ଘୋଡ଼େଇ ରଖିବେ । କୁଳ ବେଉସା ବନ୍ଦକଲେ ସାତପିଢ଼ି ଅଭିଶାପରେ ଘାଣ୍ଟିହେବେ ।"

ଚନ୍ଦୁର ଏକା ଜିଦ୍ ଦୁନିଆ ଓଲଟପାଲଟ ହୋଇଗଲେ ବି ମୁଁ ଏ ଡେନିମ୍ ଜିନ୍ସ ରେମଣ୍ଡ ସାର୍ଟ ଛାଡ଼ି ପାକଲା ଗାମୁଛା ସହିତ ରାମାବଳୀ ପକେଇ ତିଳକ ଚିତା ହୋଇ ସେ ମନ୍ଦିରରେ ଯାଇ ଓଁ ସ୍ୱାହା ଓଁ ସ୍ୱାହା କରିପାରିବିନି । ପୁଣି ଫେରିଲା ବେଳକୁ ଦରମା କଣ ନା ମୁଠାଏ ଖୁଚୁରା ପଇସା ଆଉ ଭୋଗ ନାଁରେ ଦୁଇଟା ପଚାକଦଳୀ ଆଉ କାକୁଡ଼ିଟାଏ ।

ଆଚ୍ଛା ବୋଉ ତୁ କହିଲୁ ବାପା ଯଦି ମନ୍ଦିର ଯାଇ ପୁଣ୍ୟ କରୁଥିଲେ ଆଉ ତୋ ଠାକୁର ତାଙ୍କୁ ଘଣ୍ଟା ଘୋଡ଼େଇ ରଖିଥିଲେ ତେବେ ତାଙ୍କୁ କାହିଁକି ଏମିତି ହଟାତ ପଙ୍ଗୁ କରିଦେଲେ ? କ'ଣ ଘଣ୍ଟଟା ବାତ୍ୟାରେ ଉଡ଼ିଗଲା କି ?

ଏମିତି କେତେକ କେତକେ ଅସମାହିତ ପ୍ରଶ୍ନର ଉତ୍ତର ପ୍ରତିମା ଦେବୀ ଦେବାକୁ ଚେଷ୍ଟା କରି ବି ବିଫଳ ହେଉଥିଲେ । ବୋଧହୁଏ ସନ୍ତାନମାନେ ସର୍ବଦା ପିତାମାତାଙ୍କୁ ତର୍କରେ ହରେଇବାର ଏକ କଳା ଜାଣିଥାନ୍ତି ଏବଂ ହରେଇ ଖୁସି ହୁଅନ୍ତି । ଭଗବାନ ତାଙ୍କୁ କ୍ଷମା କରନ୍ତୁ । ଜଣେ ମାଆ ହୃଦୟରୁ ଏତିକି ଗୁହାରି ଜଣାଇବା ଛଡ଼ା ସେ ଅନନ୍ୟୋପାୟ ।

କାନ୍ଦ କାନ୍ଦ ହୋଇ ଯେତେଥର ପ୍ରତିମା ଦେବୀ ପୁଅକୁ ଅନୁରୋଧ କରିଛନ୍ତି, ସେତେଥର ଏଇ ଅତ୍ୟନ୍ତ କଠୋର ନାସ୍ତିବାଚକ ବାକ୍ୟଟି ସହିତ ଭେଟ ହୋଇଛି ତାଙ୍କର । ଯେତେଥର ସେ ଏହି ବାକ୍ୟକୁ ଶୁଣିଛନ୍ତି ହୃଦୟଟା ତାଙ୍କର ଟାଇଟାନିକର ବିକ୍ଷିପ୍ତ ଯନ୍ତ୍ରାଂଶ ଟୁକୁଡ଼ା ଭଳି ଭାଙ୍ଗିରୁଜି ଲୀନ ହୋଇଯାଇଛି କେଉଁ ଏକ ଅଦୃଶ୍ୟ ଜଳରାଶିରେ । ସେ ବା କଣ କରିପାରିବେ । କଥାରେ ତ ଅଛି ପୁଅମାନେ ବଡ଼ହେଲାପରେ କାଳେ ପିତାମାତାଙ୍କର ବଡ଼ ଦୁଃଖଯାଏ ଅବା ଦୁଃଖ ବଢ଼ିଯାଏ ।

ପଣ୍ଡିତ ଘନଶ୍ୟାମ ମିଶ୍ର ଏବଂ ପ୍ରତିମା ଦେବୀଙ୍କ କ୍ଷେତ୍ରରେ ଦୁଃଖ ବଢ଼ି ବଢ଼ି ହିଁ ଚାଲିଛି । ଭେଣ୍ଡା ପୁଅଟା ଘରେ ଥାଉ ଥାଉ ମାଆକୁ ହାତ ତିଆରି ଧୂପ ଦୀପ ନେଇ ଗାଁ ଗାଁ ବୁଲି ବିକ୍ରି କରି ପରିବାର ଚଳେଇବାକୁ ପଡୁଛି ।

ବାପାଙ୍କ ପାଇଁ ମେଡିସିନ୍ ଆସିବ, ଘରେ ଚାଉଳ ସରିଆସିଲାଣି । ଚନ୍ଦୁ ଏସବୁ ଶୁଣିବା ପାଇଁ ନାରାଜ ବରଂ ଚିଡ଼ିଯାଇ କହେ- "ଓଃ ! ସବୁବେଳେ ଗୋଟେ ଡାମରା କାଉ ଭଳି କାହିଁକି ରାଉ ରାଉ ହେଉଛୁ କହିଲୁ ବୋଉ ? ବୁଢ଼ା ବସିଗଲା ହେଲେ ତୋତେ ରାବିବା ଶିଖେଇଦେଇଗଲା ।"

କାଳ ବଇରୀ ସାଜିଛି ବୋଲି ହୀନସ୍ତା । ତା' ପାଖରେ କିଏବା ବଳିଆନ । ନହୋଇଥିଲେ ମହାଦେବ ମନ୍ଦିରର ମୁଖ୍ୟ ପୂଜକ ଘନଶ୍ୟାମ ମିଶ୍ର, ଦାନ, ଧର୍ମ, ବୁଦ୍ଧି, ଜ୍ଞାନରେ ପରିପୂର୍ଣ୍ଣ ସେଇ ମୂର୍ତ୍ତିମନ୍ତ ମଣିଷ ହଟାତ୍ ପକ୍ଷାଘାତର ଶିକାର ହୋଇ ଆଜି ନିଶବ୍ଦ କାଠଗଣ୍ଡି ଭଳି ହ୍ୱିଲ୍‌ଚେୟାରରେ ପଡ଼ିରହିଥାନ୍ତେ ବା କେମିତି । ବିଶ୍ୱନିୟନ୍ତାଙ୍କ ପାଦ ସେବା ଯାହା ପାଇଁ ଚରମ ପରିତୃପ୍ତି ଥିଲା ସେ ବା କାହୁଁ ଅନ୍ୟର ସେବାକୁ ଅପେକ୍ଷା କରି ରହିଥାନ୍ତେ ।

ପ୍ରଭୁ ପଣ୍ଡିତେ ଆଜ୍ଞାଙ୍କୁ ଶୀଘ୍ର ଭଲ କରିଦିଅନ୍ତୁ । ଆଖପାଖ ସାତ-ଆଠ ଖଣ୍ଡ ଗାଆଁର ଲୋକଙ୍କ ମନରେ ଏହି ଗୋଟିଏ ମାନସିକ । କିନ୍ତୁ ନିଜ ପୁଅ ଚନ୍ଦନର ମନରେ ଥାଏ ବାପା ଚାଲିଯିବା ଆଗରୁ ସବୁ ଟଙ୍କା ପଇସା ଜମି କାଗଜ ପତ୍ର ହାତେଇ ନେବାର ମନ୍ଦ ଉଦ୍ଦେଶ୍ୟ । ସେଥିପାଇଁ ମାଆକୁ ଲୁଚେଇ ଲୁଚେଇ ପୁରୁଣା ଭଙ୍ଗା ବାକ୍ସ ଆଉ ଗଡ଼ରେଜରେ ଅନବରତ ଖୋଜିଚାଲିଥାଏ ସେ ସବୁକୁ ।

- ଏଇତ ପାଇଗଲି । ଏହାକୁ ସେ ନାଟୁଆ ଓକିଲକୁ ଦେଖେଇ ଆଣି ବୁଢ଼ା ଶୋଇଥିବା ଅବସ୍ଥାରେ ଆଙ୍ଗୁଠି ଚିହ୍ନ ନେଇଗଲେ କାମ ଫତେ । ଏହାପରେ ବୁଢ଼ା ଠପ୍ ହୋଇଗଲେ ବି ନୋ ଟେନ୍ସନ୍ ।

ଚନ୍ଦନ ବ୍ୟସ୍ତ ହୋଇ ସେ କାଗଜପତ୍ର ନେଇ ବାହାରିଗଲା ବାହାରକୁ । ବୋଧହୁଏ ସେ ନାଟୁଆ ଓକିଲ ପାଖକୁ । ଏକ ବେପୁରିଆ ଢଙ୍ଗରେ ସେ ମାଡ଼ି ଚାଲିଥାଏ ଆଗକୁ ଆଗକୁ । ଘରଠାରୁ ଅନତିଦୂରରେ ଏକ ବଡ଼ ଚୌପଟି, ଯେଉଁଠାରେ ସେ

ବସି ତାସ ଖେଳେ । ଏହାକୁ ଲାଗି ସରକାରୀ ଲାଇଟି ପୋଷ୍ଟଟିଏ । ପୋଷ୍ଟକୁ ଟିକିଏ ଆଗେଇ ଯାଇଛି ପଛରୁ ଶୁଭିଲା 'ଚନ୍ଦୁ' ବୋଲି । ପଛକୁ ବୁଲି ଚାହିଁଲା ଚନ୍ଦୁ । ଦେଖିଲା ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଗୋଟେ ପୁରୁଣା ଧୂସର ରଙ୍ଗର କ୍ୟାବ୍ । ହସ ହସ ମୁହଁରେ ସେହି ଗାଡ଼ିରୁ ତାଙ୍କ ଆଡ଼କୁ ମାଡ଼ି ଆସୁଛନ୍ତି ଜଣେ ପ୍ରାପ୍ତ ବୟସ୍କା ଯୁବତୀ । ଦୂରରୁ ଅଚିହ୍ନା ଲାଗୁଥିଲେ ବି ଚନ୍ଦୁ ଦେଖିପାରୁଥିଲା ସେ ନାଲି ଓଠ ଧାରେ ନିରୀହ ହସଟି ଥିଲା ତାର ଅତି ପରିଚିତ । ହଁ ଭାରି ନିରୀହ, ନିଷ୍କପଟ ସେ ଚେହେରା । ଏବେ ଅତି ପାଖରୁ ସେ ଦେଖିପାରୁଥିଲା ତାକୁ ।

ବିଗତ କେଇ ବର୍ଷ ତଳର କଲେଜ ସହପାଠିନୀ ଯୁଗଜନ୍ମା । ଚନ୍ଦନ ଜାଣିନଥିଲା ତାର ଘର ତାର ଠିକଣା । କେବଳ ଜାଣିଥିଲା ଉତ୍ତାଳ ତରଙ୍ଗାୟିତ ସେ ନବ ଯୌବନ ମିଶା ଚେହେରାଟିକୁ ଆଉ ତାର ସୀମାହୀନ ଆକାଶ ଭଳି ମୁଖମଣ୍ଡଳରେ ଆଦୌ ଅସ୍ତ ହେଉନଥିବା ଧାରେ ହସକୁ । ସେହି ହସ ହିଁ ପାଗଳ କରିଥିଲା ତାକୁ । ସେହି ହସ ହିଁ ଅନିଦ୍ରା ବିଛଣାରେ କେତେ ରାତି ତାକୁ ସ୍ୱପ୍ନର ଚୌକିଦାର ହୋଇ ଜଗିଥିଲା । ସେ ଜାଣୁଥିଲ ତାକୁ ପ୍ରେମ ହୋଇଛି ବୋଲି । ସେ ଅନୁଭବ କରିପାରୁଥିଲା ଜନ୍ମା ପ୍ରେମର ଆକର୍ଷଣରେ ତାର ପଥର ହୃଦୟ ତଳେ ଏକ ଭଲ ପାଇବାର ବୀଜ ଅଙ୍କୁରୋଦଗମ ହେଉଥିଲା ବୋଲି ।

କଲେଜରେ ଜଣେ ସୁପର ସିନିଅର ଭାବେ ଆଚାର ବ୍ୟବହାର ଦୃଷ୍ଟିରୁ ଚନ୍ଦୁର ବେଶ ଦୁର୍ନାମ ଥିଲା । ଛାତ୍ରମାନଙ୍କଠାରୁ ଅଧକ୍ଷକଙ୍କ ପର୍ଯ୍ୟନ୍ତ ସମସ୍ତେ ଭୟ କରୁଥିଲେ ତାକୁ । କିନ୍ତୁ ଚନ୍ଦୁ ଭୟ କରୁଥିଲା ଜନ୍ମାକୁ । ପ୍ରକୃତ ଭଲପାଇବା ପାଖରେ ସବୁ ବଡ଼ପଣ ସବୁ ହାକିମାତି ହାର୍ ମାନିଯାଏ । ସେଥିପାଇଁ ଜନ୍ମା ପାଖରେ ନିଜ ମନର କଥା ପ୍ରକାଶ କରିବାକୁ ଆସି ସେ ଦିନ ଆଜ୍ଞାଧୀନ ଛାତ୍ରଟିଏ ଭଳି ମଥାନତକରି ଛିଡ଼ା ହୋଇଥିଲା । ଗୋଡ଼ ଥରିବାକୁ ଲାଗିଥିଲା । ପ୍ରପୋଜ୍ ତ କରିଥିଲା । ହେଲେ ତା ପାଦତଳୁ ମାଟି ଖସିଯାଇଥିଲା ଯେତେବେଳେ ଜନ୍ମା ତା ପ୍ରସ୍ତାବକୁ ଅତି ସହଜରେ ଆଡ଼େଇ ଯାଇଥିଲା ।

କେବଳ ମାତ୍ର 'ନା' ଶବ୍ଦଦ୍ୱାରା ପ୍ରତ୍ୟାଖ୍ୟାନ କରିଥିଲା । ହୃଦସ୍ପନ୍ଦନର ତୀବ୍ରତା ଏତେ ବଢ଼ିଯାଇଥିଲା ଯେ ଆଉ ଅଧିକ କିଛି ଶୁଣିବାର ଧୈର୍ଯ୍ୟ ନ ଥିଲା ଚନ୍ଦ୍ର ପାଖରେ ।

ଗୋଧୂଳି ବେଳାର ପକ୍ଷୀଭଳି ତା' ମନକୁ ସେ ବୁଝେଇ ଦେଇଥିଲା । ଜନ୍ମା ବୋଧହୁଏ ଆଉ କାହାର ହୋଇସାରିଛି ଅବା ସେ ମୋ ଭଳି ଜଣେ ଅପଦାର୍ଥକୁ ଭଲ ପାଏ ନାହିଁ ।

ଏତେଦିନ ପରେ ତାକୁ ପୁଣିଥରେ ନିଜ ଗାଁରେ ଅଚାନକ ଦେଖି ଚକିତ ହୋଇଯାଇଛି । କିନ୍ତୁ ଆଖି ଉଠେଇ ଭଲଭାବେ ଦେଖିବାକୁ ଚେଷ୍ଟା କରିପାରିନି । ଅପମାନରେ ନୁହେଁ ବରଂ ନିଜକୁ ଦୋଷୀ ଅନୁଭବ କରି । ମୁହଁ ଫେରେଇ ଚିହ୍ନା ଲୋକଭଳି ଚାଲିଯିବାକୁ ଉଦ୍ୟତ ହେଲାବେଳେ ପଛରୁ ଶୁଭିଛି–

- ଚନ୍ଦୁ, ତୁମେ ମୋତେ ଦେଖି ନଦେଖିଲା ଭଳି ଚାଲିଯାଉଛ ଯେ । ମୋତେ କଣ ଚିହ୍ନିପାରିଲନି ?

- ସମୟ ସବୁକିଛି ଚିହ୍ନାଙ୍କୁ ଅଚିହ୍ନା କରିଦିଏ ।

- ତୁମେ ମୋତେ ଭୁଲିଯାଇଛ ?

- ଅସମ୍ଭବ ?

- ତେବେ ଏ ଅଭିମାନ ! ଓଃ ମୁ ଜାଣେ ତୁମେ ସେହି ଅଛିଣ୍ଡା ଅଙ୍କ 'ନା' ପାଖରେ ଅଟକି ଯାଇଛ ।

- ବୋଧହୁଏ ତାହା ଠିକ୍ ।

- ସେ ଦିନ ତୁମକୁ ବହୁତ କିଛି କହିବାର ଇଚ୍ଛା ଥିଲେ ବି ତୁମେ ଶୁଣିବା ଅବସ୍ଥାରେ ନ ଥିଲ । ସତ କହିବାକୁ ଗଲେ ତମେ ମୋ ହୃଦୟ ମୋତେ ମାଗିଥିଲ । କିନ୍ତୁ ମୁ କେମିତି ଦେଇଥାନ୍ତି ଯାହା ମୋ ପାଖେ ନ ଥିଲା । ମୁଁ ଜାଣେ ତମେ ମୋତେ ବହୁତ ଭଲ ପାଅ । ହେଲେ ମୁଁ ବି କାହାକୁ ଭଲପାଏ । ମୋ ହୃଦୟ ମନ ମୋ ନିଷ୍ଠା, ସାଧନା ସବୁ ତାଙ୍କରି ପାଇଁ । ଜୀବନର ଶେଷ ନିଶ୍ୱାସ ଥିବା ଯାଏ ତାଙ୍କରି ପାଦ ସେବା ହିଁ ହେବ ମୋ ଜୀବନର ପ୍ରକୃତ ସାଧନା । ତାଙ୍କ ସେବା ହିଁ ମୋ ପାଇଁ ପଞ୍ଚମ ଧାମ ।

ଏହା କହି ଜନ୍ମା ଧଳା କୁର୍ତ୍ତା ଆଉ ଆଖିରେ କଳା ଚଷମା ଲଗେଇ ଗାଡ଼ିରେ ବସିଥିବା ଜଣେ ମଧ୍ୟବୟସ୍କଙ୍କ ଆଡ଼କୁ ଆଙ୍ଗୁଠି ନିର୍ଦ୍ଦେଶ କଲେ ।

- ସେ କଣ ତୁମ ମନର ମଣିଷ ?

- ହଁ ସେ କେବଳ ମୋ ମନର ମଣିଷ ନୁହଁନ୍ତି, ସେ ମୋ ପାଇଁ ଭଗବାନ ମୋ ମାଆ ଓ ବାପା । ଯିଏ ଅନ୍ଧାରକୁ ଆକଣ୍ଠ ପାନକରି କରି ମୋତେ ଆଲୋକର ମାର୍ଗ ଦେଖେଇଛନ୍ତି । ଜାଣିଛ ଅଳିଆଗଦାରେ ମୁଁ ଜନ୍ମ ହୋଇ, ରାସ୍ତା ପାଖରେ ବଡ଼ହୋଇ, ଯେତେବେଳେ ଟ୍ରାଫିକପୋଷ୍ଟରେ ଅଟକିଥିବା ଗାଡ଼ିପାଖରେ ପେଟ ବିକଳରେ ହାତ ପାତୁଥିଲି ସେତେବେଳେ ଏଇ ଅନ୍ଧ ଜଙ୍ଗର ଚାଚା ମୋତେ ନେଇ ନିଜ ଝିଅ କରି ରଖିଥିଲେ । ଏକ ନୂଆ ଦୁନିଆ ସହିତ ପରିଚୟ କରାଇଥିଲେ । ମୋତେ ଜୀଇଁବା ଶିଖେଇଥିଲେ । ଏବେ କହିଲ କେମିତି ତୁମକୁ ସେ ଦିନ ହଁ କହିଦେଇ ପାରିଥାନ୍ତି । କ୍ଷଣିକ ମୋହରେ ଅନ୍ଧ ହୋଇ କେମିତି ଭୁଲି ଯାଇପାରିଥାନ୍ତି ତାଙ୍କୁ ଆଉ ତାଙ୍କର ମୋ ପ୍ରତି ଥିବା ସେ ଅବଦାନକୁ ।

ଚନ୍ଦୁ ତୁମେ ବଡ଼ ଭାଗ୍ୟବାନ ଯେ ତୁମର ଗୋଟେ ପରିବାର

ଥିବ । ମା' ଥିବେ ବାପା ଥିବେ ବନ୍ଧୁ ପରିଜନ ଥିବେ । ଅବାଟକୁ ଗଲେ ଆକଟ କରିଥିବେ, ମେଳା ବୁଲେଇବାକୁ ନେଇଥିବେ, ସ୍କୁଲରେ ନେଇ ଛାଡ଼ିଆସିଥିବେ, ଖୁସିରେ ଖୁସି ହୋଇଥିବେ ଆଉ ଦୁଃଖରେ କାନ୍ଦିଥିବେ । ହେଲେ ମୋର.... ?

ଚନ୍ଦୁ ନିର୍ବାକ ହୋଇ ଶୁଣୁଥାଏ ଜନ୍ମାର ସେ ପ୍ରଗଳ୍ଭତାକୁ । ଶୁଣୁଥାଏ ଆଉ ଶୁଣୁଥାଏ । ଅନୁତାପର ଅନ୍ଧଗଳିରେ ସେ ଖୋଜୁଥାଏ ତାର ହଜି ହଜି ଯାଉଥିବା ସେହି ମଧୁର ଅତୀବକୁ । ଆଖିରେ ଲୁହ ନଥାଏ । ବୋଧହୁଏ ହୃଦୟରେ ବସା ବାନ୍ଧିଥିବା ଏତେ ବଡ଼ କୋହର ପିଣ୍ଡୁଳା ଆଖିର ଏତେ ସଂକୀର୍ଣ୍ଣ ପଥଦେଇ ଆସିବା ସମ୍ଭବ ନ ଥିବା । ବାପାଙ୍କର ସେ ଅପଦାର୍ଥ ସମ୍ବୋଧନ ଭାରି ମନେ ପଡୁଥିଲା ତାର । ସତରେ ନିହାତି ଅପଦାର୍ଥଟାଏ ସେ ।

ଦୀର୍ଘଶ୍ୱାସ ଛାଡ଼ି ଜନ୍ମା କହିଲା– ଆଛା କହିଲ ଦେଖି ଆଜିର ଅବାଧ ଅପଦାର୍ଥ ସନ୍ତାନମାନେ ସତରେ ବାପା ମାଆ ଭଳି ଏ ଦୁଇ ଅମୂଲ୍ୟ ରତ୍ନକୁ କଣ ଯତ୍ନ କରି ରଖୁଛନ୍ତି ?

ଅପ୍ରସ୍ତୁତ ଭାବରେ ଚନ୍ଦୁର ମୁହଁରୁ ବାହାରି ଆସିଲା 'ନା, କେବେନୁହେଁ ।'

- ତେବେ ତୁମେ କଣ ମୋ ସହିତ ହାତ ମିଳାଇ ଏକ ସ୍ୱରରେ କହିପାରିବ ?

- କ'ଣ ?

- "ଆମେ ହେବୁ ବାଡ଼ି ତୁମେ ଚାଲିବ ବାଟ ।"

କଇଁ ଫୁଲିଆ ହସଟିଏ ଓଠରେ ଖେଳାଇ ଉତ୍ତର ଦେଲା ଜନ୍ମା- ଆରେ ମୁଁ ଗୋଟେ ବୃଦ୍ଧାଶ୍ରମ ଖୋଲିଛି । ସେଥିରେ ଅସହାୟ ବୃଦ୍ଧାମାନଙ୍କୁ ରଖି ସେବାକରି ମୋତେ ବହୁତ ଆନନ୍ଦ ମିଳୁଛି । ତୁମେ ମୋ ସହିତ ଯୋଗ ଦେଇପାରିବ କି ?

- ନିହାତି, କାହିଁକି ନୁହେଁ ।

- ସେଇଥିପାଇଁ ତ ଆଜି ତୁମେ ଗାଁକୁ ଆସିଥିଲି । ଜଣେ ବୃଦ୍ଧା ମୋତେ ଫୋନ୍ କରିଥିଲେ । ବୃଦ୍ଧ-ବୃଦ୍ଧା ଦୁଇଜଣ ଅଛନ୍ତି । ଆଉ ତାଙ୍କର କେହି ନାହାନ୍ତି । ଘରଟା ଖୋଜିକି ପାଉନଥିଲି । ଦେଖିଲ ଏ ନାଆଁ ଆଉ ଠିକଣାଟା ।

କାଗଜଟିକୁ ହାତରୁ ନେଇ ପଢୁ ପଢୁ ସେ ତାକୁ ଚିରିପକାଇଲା । ହସିଦେଇ କହିଲା ତୁମକୁ କେହି ଭୁଲ ଇନ୍‌ଫରମେସନ୍ ଦେଇଛି । ଆମ ଗାଆଁରେ ପଣ୍ଡିତ ଘନଶ୍ୟାମ ମିଶ୍ର ଏବଂ ପ୍ରତିମା ମିଶ୍ର ନାମରେ ଲୋକତ ଅଛନ୍ତି ହେଲେ ତାଙ୍କର ଗୋଟେ ନିହାତି ଅପଦାର୍ଥ ପୁଅଟେ ବି ଅଛି ।

ଶିକ୍ଷକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ବେତନଟୀ, ମୟୁରଭଞ୍ଜ

# ସାବିତ୍ରୀ

- ତରଙ୍ଗ ଚଣ୍ଡି

ମଫସଲ ଗାଁ ଲିମସେରର ହରିଆ ମଉସାଙ୍କ ଝିଅ ସାବିତ୍ରୀ । ଦଶ ବର୍ଷତଳେ ରାମ୍ ପ୍ରସାଦ ଦାସଙ୍କ ଗୋଟାଏ ବୋଲି ପୁଅ ହେମନ୍ତ ସାଙ୍ଗରେ ତା'ର ବାହାଘର ହୋଇଯାଇଚି । ପାଖ ସହରରେ ରହନ୍ତି, ପ୍ରତିଷ୍ଠିତ ବ୍ୟବସାୟୀ ଭାବରେ ବେଶ୍ ଜଣାଶୁଣା । ବାପାଙ୍କ ଦେହାନ୍ତ ପରେ ପୁଅ ହେମନ୍ତ ଉପରେ ବ୍ୟବସାୟର ସବୁ ଭାର, ଅଧାରୁ ଅଧିକ ଘର ବାହାରେ ସମୟ କାଟନ୍ତି....

ଆଠ ବରଷର ଝିଅ ସୁମନ୍ ଆଉ ବିଧବା ମା'ଙ୍କ ଦାୟିତ୍ୱ ସାବ୍ରିତୀ ଉପରେ..... ।

ଦକ୍ଷତାର ସହ ସବୁ ଦାୟିତ୍ୱ ସାବିତ୍ରୀ ତୁଲାଇ ଆସୁଛନ୍ତି ।

ସେ ଦିନ ସକାଳ ଆଠଟା....

ଶଶୁ ରଡ଼ି ଛାଡ଼ିଛନ୍ତି...... ଆରେ କୋଉଠି ରହିଲୁ..... ମରିଗୁଲ ନା ବଞ୍ଚିଛୁ.... ଏତେ ବେଳ ହେଲା ମୋ ଜଳଖିଆ କାହିଁ? ସାବିତ୍ରୀ- ମାଆ, ଆପଣଙ୍କ ଆଶିଷେ ବଞ୍ଚିଛି ଆଉ ଏ ହାତ ସବୁ ଦିନ ଥାଉ.... କହି ଚଣା ଭଜା ଆଉ ପରଟା ନେଇ ଖାଇବା ଟେବୁଲ୍ ଉପରେ ରଖିଦେଲେ, ଚାଲିଆସିଲେ ।

ଶାଶୁ- (ଜଳଖିଆ ଦେଖି) ଇଡ଼ଲି କାହିଁକି କଲୁନି... ପୋଡ଼ା ମୁହିଁ.... ତେଲ ଦେଇ ମାରିବାର ଯୋଜନା ରଖି ନାହି ତ !! ମୁଁ ଖାଇବି ନି.....

ସାବିତ୍ରୀ- କବାଟ କୋଣେ ଥାଇ ଦେଖିଲା, ଶାଶୂ ମା' ହାତ ଚା'ଟି ସବୁ ସଫା କରିବାରେ ବ୍ୟସ୍ତ.... ।

ବିଚାରୀ ସାବିତ୍ରୀ ସକାଳ ୪ଟାରୁ ଉଠି, ଅଗଣା ସଫା କରି, ନିତ୍ୟକର୍ମ ସାରି, ପୂଜାପାଠ କରି ଚଉଁରାମୂଳେ ଦୀପ ବଜେଇ ଶାଶୂଙ୍କ ଗାଧୋଇବା ପାଇଁ ଗରମ ପାଣି କରି, ଜଳଖିଆ କରି ଝିଅ ସୁମନକୁ ଉଠେଇ ଟିଉସନ୍ ପଠେଇବା ପାଇଁ ପ୍ରସ୍ତୁତି କରିବାରେ ବ୍ୟସ୍ତ.... । ଏ ତ ତା ନିତି ଦିନିଆ ଘଟଣା ! ସମସ୍ତଙ୍କୁ ଖୁସିରେ ରଖିବା ପାଇଁ ନିଜ ଖାଇବା, ଜତନ କରିବା ଭୁଲିଯାଇଛି ।

ଶାଶୂ- (ଜଳଖିଆ ଖାଇସାରି) ଆରେ ପାଣି କାହିଁ? ଖବର କାଗଜ କୋଉଠି ?

ସାବିତ୍ରୀ- ମା', ଆଲମିରା ପାଖ ଷ୍ଟୁଲ୍‌ରେ ପାନ, ଗରମ ପାଣି, ଖବର କାଗଜ ସଜେଇ କି ରଖିଦେଇଛି..... ମୁଁ ଝିଅକୁ ଛାଡ଼ିବା ପାଇଁ ଯାଉଛି କହି ଚାଲିଗଲା ।

ଝିଅକୁ ଛାଡ଼ି ଆସି ଚାକରଙ୍କ କଥା ବୁଝିବା, ବେପାର ଖବର ନେବା କାମ ସାରି, କାଲି ବ୍ରତ ଅଛି କ'ଣ କ'ଣ ଆବଶ୍ୟକ ତା'ର ତାଲିକା କରି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ଲାଗିଗଲେ ।

ଶାଶୂ- (କାନ୍ଥ ଘଣ୍ଟା ଦେଖି) ଆରେ ଏତେବେଳ ହେଲା କୋଉଠି ମଲୁ, କାହା ସଙ୍ଗେ ଗପୁଛୁ, ନା ଶୋଇଛୁ.... ଭୋକରେ ମାରିବା ପାଇଁ ଅନେଇଛୁ କି ?

ସାବିତ୍ରୀ- ରୋଷେଇ ଘରୁ ଉତ୍ତର ଦେଲେ ମା' କାକୁଡ଼ି ସାଲାଡ୍ ଟିକେ କରିଦେଉଛି.... କହି କିଛି ସମୟ ପରେ ହସି ହସି ଆସି ଟେବୁଲ୍‌ରେ ଖାଇବା ରଖି ଦେଲେ ।

ଶାଶୂ- ଆରେ ଏ କ'ଣ କରିଛୁ..... ଏସବୁ ମଣିଷ ଖାଆନ୍ତି ? କ୍ଷୀରି କାହିଁ.... ଆମିଷ କାହିଁ କଲୁନି...... ଯାହା ଇଚ୍ଛା ତାହା ସିଝାଇ ଖାଇବାକୁ ପରଷୁ ଅଛୁ ନା କିଛି କରି ଆସୁଛି ନା କରି କି ଦେଉଛୁ ।

ସାବିତ୍ରୀ- (ଗୁରୁ ଗୁରୁହୋଇ) ଚଣା ମସଲା, କଲରା ଭଜା, ଶାଗ, ଆମ୍ବ ଚଟଣୀ, ବଡ଼ି ଭଜା, କାକୁଡ଼ଇ ସାଲାଡ୍ ହାତ ଚାଟି ସବୁ ସଫାକରିବାରେ ବ୍ୟସ୍ତ... . । ଖାଇ ସାରି ପିଇବା ପାଣି କେଉଁଠି ?

ସାବିତ୍ରୀ- ମା' ଗରମ ପାଣି ରଖିଦେଇଛି ଦେଖନ୍ତୁ.... ମୁଁ ସୁମନକୁ ଆଣିବାକୁ ଯାଉଛି କହି ଚାଲିଗଲେ ।

ସୁମନକୁ ଆଣି ଖାଇବା ଦେଇ ଶାଶୂଙ୍କ ଗୋଡ଼ଘସିବାକୁ ଗଲେ, ଗୋଡ଼ ପିଠି ଘସି ଘସି ଆଙ୍ଗୁଠି ଫୁଟାଇବାବେଳେ....

ଶାଶୂ- ଆରେ ଅଲକ୍ଷଣୀ ମାରିବା ପାଇଁ ବସିଛୁ.... ମରିଗଲିରେ.... ମୋ ଗଳା ଚିପିବୁ କିରେ ପୋଡ଼ାମୁହିଁ.... ଗୁରୁଗୁରୁ ହୋଇ ଶୋଇ ପଡ଼ିଲେ ।

ସାବିତ୍ରୀ- ନିଜେ କିଛି ଖାଇ, ଝିଅକୁ ଶୁଆଇ.... ବ୍ରତର ଆବଶ୍ୟକ ସାମଗ୍ରୀ କିଣିବା ପାଇଁ ବଜାରକୁ ଚାଲିଗଲେ.... ତର ତର ହୋଇ ସାମଗ୍ରୀ କିଣିବାରେ ବ୍ୟସ୍ତ... ପହୁଡ଼ି ବେଳ ଭାଙ୍ଗିବା ପୂର୍ବରୁ ଘରେ ପହଞ୍ଚି ବା କୁ ହେବ.... ନ ହେଲେ ଶାଶୂ ମା' ରାଗେ ଗର ଗର ହେବ ।

ଯଥା ସମୟରେ ଘରେ ପହଞ୍ଚିଛି ଦେଖିଛନ୍ତି ଶାଶୁ ମା ଉଠି ନାହାନ୍ତି... ଭଗବାନଙ୍କୁ ଧନ୍ୟବାଦ ଦେଇ ନିଜ କାମରେ ଲାଗି ଗଲେ । କିଛି ସମୟରେ ପରେ ଶାଶୁ- ଆରେ ଅଯୋଗ୍ୟ, ପୋଡ଼ାମୁହିଁ କୋଉଠି..... ଶୋଇଛୁ ନା ଟିଭି ଦେଖୁଛୁ.... ଖାଇ ଖାଇ ଖଣଲି ପଡ଼ିରହୁଛୁ.... ।

ମୋ ଚା କୋଉଠି ?

ସାବିତ୍ରୀ- ହସି ହସି ମା... ଆସୁଛି କହି ପକୁଡ଼ଇ ପ୍ଲେଟ ଧରି ଆଣି ଟେବୁଲ୍‌ରେ ରଖିଲେ... । ପାନ ଦି ଖଣ୍ଡେ ବନାଉ ବନାଉ କହିଲେ ମା କେତେ ଥର କହିଛି ଚା' କି ମିଠା ଆଉ କେବେ

ମିଳିବନି.... ନିଅ ଏହା ଖାଇଦିଅ.... । ପାନ ଏଠି ରହିଲା କହି ଚାଲିଗଲେ ।

ଶାଶୂ- ନାକ ଟେକି ସବୁ ସଫା କରି ଦେଇ, ପାଟିରେ ପାନ ପକାଇ ଅଗଣାରେ ଟହଲିବା ପାଇଁ ବାହାରିଲ... ।

ସାବିତ୍ରୀ- ଝିଅ ସୁମନକୁ ପଢ଼େଇବାକୁ ଲାଗିଲେ..... । ଏହି ସମୟରେ... ସ୍ୱାମୀଙ୍କ ଫୋନ୍.....

ହେମନ୍ତ- ଆଜି ଆଉ ଆସି ପାରିବି ନାହିଁ... କାମ ପାଇଁ ସମ୍ବଲପୁର ଯାଉଛି ।

ସାବିତ୍ରୀ- ଆସନ୍ତା କାଲି ବ୍ରତ ଅଛି ହେଲେ ଆସିବେ ।

ହେମନ୍ତ- ତୋ ବ୍ରତ ପାଇଁ ବେପାର ଛାଡି.... ରଖ୍ କାମ ଅଛି । ବିଚାରୀ ସାବିତ୍ରୀ ଆଖିରୁ ଲୁହର ଧାର....

ସୁମନ- ମାଁ ତମ ଆଖିରେ ଲୁହ..... ତମେ କାନ୍ଦୁଛ ।

ସାବିତ୍ରୀ- ନାଇଲୋ ମା, ମୁଁ କାହିଁକି କାନ୍ଦିବି, ମୋ'ର କ'ଣ ଅସୁବିଧା... ଆଖିରେ କିଛି ପଡ଼ିଯାଇଛି.... କହି

ରାତ୍ରି ଭୋଜନ ପ୍ରସ୍ତୁତ କରି ଶାଶୂ, ସୁମନକୁ ଖାଇବାକୁ ଦେଇ ଅଖିଆ ଶୋପଡ଼ିଛି ।

ସାବିତ୍ରୀ- ସକାଳ ବଡ଼ି ଭୋର୍ ୩ଟାରୁ ଆଜି ଉଠିଛି, ଅଗଣା ସଫା କରିଛି, ଶାଶୂଙ୍କ କପଡ଼ା ସଫା କରିଛି, ନିତ୍ୟ କର୍ମ ସାରି ଠାକୁର ପୂଜା କରିଛି, ଚଉଁରାମୂଳେ ପାଣି ଢ଼ାଳି ଦୀପ ଜଳେଇ ସଭିଙ୍କ ଶୁଭ ମନାସି, ବ୍ରତଦେବୀ ସଜେଇଛି, ଗାଲିଚାରେ ପାଣି ଦେଇଛି, ଶାଶୂ ମା'ଙ୍କ ଗାଧୋଇବା ପାଇଁ ଗରମ ପାଣି କରି ଜଳଖିଆ ତିଆରି କରିଛି ଠିକ୍ ଏହି ସମୟରେ......

ଶାଶୂ- ଆରେ ନିର୍ଲଜ..... ଅଳସ ଭାଙ୍ଗିନି.... ରାତି ବେଶୀ ଖାଇ ଶୋଇଛୁ କି ! ଆଜି ବ୍ରତ ଅଛି ସାହି ପଡ଼ିଶାର ଭୁଆସୁଣୀମାନେ ସବୁଥର ଭଳି ଏଥର ବି ଏଠି ବ୍ରତ ବେଦୀରେ ପୂଜା କରିବେ... ମୋ ନାକ.... ଆରେ ମୋ ଗାଧୋଇବା ପାଣି... ମୋ ଜଳଖିଆ କଲୁ କି ନାହିଁ.... ?

ସାବିତ୍ରୀ- ମା' ସବୁ କରିଦେଇଛି.... ଆପଣଙ୍କ ନାକ କଟିବାକୁ ଦେବିନି.... ଗରମ ପାଣି ଆଉ ଜଳଖିଆରେ ଇଡ୍‌ଲି କରି ରଖି ଦେଇଛି । ତଳ ଉପର ହୋଇ ବିଚାରୀ ଝାଳନାଳ ତଥାପି ମେସିନ୍ ଭଳି ନୀରବଛିନ୍ନ ଭାବେ କାମ କରିଚାଲିଛି.... ପ୍ରତି ଦାନେ କିଛି ଆଶା କରିନି......

ସୁମନକୁ ଟ୍ୟୁସନ୍ ଛାଡ଼ିବା ଯାଇ ଆସିଛି....

ସକାଳ ୧୧ଟାରେ ସମୟ ସାହି ପଡ଼ଇଶାର ଭୁଆସୁଣୀ ଆସିବାକୁ ଲାଗିଲେ । ପୁରୋହିତ ଅପେକ୍ଷାରେ....

ପୁରୋହିତ ବିଳମ୍ବ ଦେଖି....

ସାବିତ୍ରୀ- ମଧ୍ୟାହ୍ନ ଭୋଜନ ତିଆରିରେ ଲାଗି ପଡ଼ିଲେ....... ଭାତ, ଡାଲି, ତରକାରୀ, ପନୀର, କରିବାରେ ଲାଗିଗଲେ.... ଠିକ୍ ଏହି ସମୟରେ ଚାକରାଣୀ ଆସି ପୁରୋହିତ ଆସିବାର ଖବର ଦେଇଛି.....

ସାବିତ୍ରୀ ଶୀଘ୍ର ଶୀଘ୍ର ସାରି ତଳକୁ ଆସିଲେ, ପୂଜା ମଣ୍ଡପରେ ନିଷ୍ଠାର ସହିତ ବସିଲେ.......

ଠିକ୍ ଏହି ସମୟରେ କିଛି ସାଙ୍ଗଙ୍କ ସହିତ ତାଙ୍କ ସ୍ୱାମୀ ପହଞ୍ଚିଛନ୍ତି । ସ୍ୱାମୀଙ୍କୁ ଦେଖି ସାବିତ୍ରୀଙ୍କ ଆନନ୍ଦ କହିଲେ ନ ସରେ ।

ହେମନ୍ତ- ଉପରୁ ଯାଇ ଆସିବା ପାଇଁ ସାବିତ୍ରୀଙ୍କୁ ଡାକ ଛାଡ଼ିଲେ......

ସାବିତ୍ରୀ- ଅକାଳେ ନିୟମ ନାସ୍ତି... ପୂଜା ବେଦୀରୁ ଉଠି ସାବିତ୍ରୀ ଚାଲିଗଲେ ।

ସାବିତ୍ରୀ- ସମସ୍ତଙ୍କୁ ମୁଣ୍ଡିଆ ମାରିଛି.....

ହେମନ୍ତ ସ୍ୱାମୀ- ଆମକୁ ବ୍ୟବସାୟର ହିସାବ କରିବାର ଅଛି.... ଆମେ ସମସ୍ତେ ଖାଇ ପୁଣି ଚାଲିଯିବୁ... ଆମେ ମଦ ପିଇବୁ, ଚଖନା ପାଇଁ ଅଣ୍ଡା ଅମଲେଟ୍ ଆଉ ବରଫ ଧରିନେଇ ଆସ...

ସାବିତ୍ରୀ- (ମନେମନେ- ହେ ଭଗବାନ, ଆଜି ଭଳି ଦିନରେ) ଅନୁରୋଧ କରୁଛି ଆଜ ଦିନକ ପାଇଁ ଏସବୁ....

ସ୍ୱାମୀ- ତୋ ବାପାର ସମ୍ପତ୍ତିରେ ମୁ ଚଳୁଛି କି..... ? ଗରିବ ଘର ଝିଅ, ମୋତେ ଜବାବ୍ ଦେଉଛୁ, ତା' ଛଡ଼ା ଏ ଦେଖେଇ ହେବା ପୂଜା ମୋ ଆଗରେ... କରିବୁ ନି, ଦେଖିବୁ....

ସମସ୍ତ ସାଙ୍ଗ- ଆରେ କେମିତିକା ଝିଅଟିଏ ବାହା ହେଇଛୁ, କଥାକଥାରେ ଜବାବ ଦେଉଛି, କଥା ମାନୁ ନାହିଁ... ହା ହା ହା ।

ଶାଶୂ- ସବୁ ଦେଖି ସବୁ ଶୁଣି ଚୁପ୍.... ।

ସାବିତ୍ରୀ- ମୋତେ ଯାହା କହିବା କଥା କହ... ମୋ ବାପାଙ୍କ ବିଷୟରେ ପଦେ ବି ଶୁଣି ପାରିବିନି... କ୍ଷମା କରିବେ ଆମିଷ ତିଆରି କରିଦେଇ ପାରିବିନି...... ପିଇବା ପାଇଁ ଚାହୁଁଛ ତେବେ, ଚନା ମସଲା, ଛତୁ, ବାଦାମ୍ ପୋକୋଡ଼ା ତିଆରି କରିଆଣିଦେବି କହି ଚାଲିଗଲେ....

ତରତର ହୋଇ ଚଣା ମସଲା, ଛତୁ ମସଲା, ବାଦାମ ପକୋଡ଼ା ଆଉ ବରଫ ଧରି ଆଣି ଟେବୁଲରେ ରଖିବା ପାଇଁ ଯାଉଛି.... କିଛି ଦରକାର ହେଲେ ଡକେଇବ କହି ତରତର ଚାଲିଗଲେ ।

ପୂଜା ବେଦୀରେ ଆଳତି ଚାଲୁଥାଏ.... ସାବିତ୍ରୀ ତରତର ହୋଇ ପୂଜା ଥାଳି ବଢ଼ାଉଥିବା ସମୟରେ ହାତରୁ ଖସି ସବୁ ତଳେ ପଡ଼ିଗଲା । ସମସ୍ତେ ତେ ବଡ଼ ଘରର ବୋହୂ ଅଥଚ କିଛି କାମର ନୁହଁ... ସାମାନ୍ୟ ଥାଳ ଟିଏ ଉଠାଇ ପାରୁନି.... ଅଲକ୍ଷଣୀ, କହିଲେ ଅଶୁଭ ହେବ.... ବ୍ରତ କରି କି ଲାଭ.... ଯିଏ ଯାହା ଇଛା ତାହା କହିବାକୁ ଲାଗିଲେ ।

ଶାଶୂ- ସବୁ ଦେଖି ସବୁ ଶୁଣି ଚୁପ୍ ଚାପ୍ ପାନ ଚୋବାଇରେ ବ୍ୟସ୍ତ ।

ବିଚାରୀ ସାବିତ୍ରୀର ବା କି ଦୋଷ.... ରୋଷେଇ ଘରୁ ବାହାରି ହାତ ସଫା କରିବା ଭୁଲିଗଲେ ବୋଲି ତେଲ ଯୋଗୁଁ ପୂଜା ଥାଳ ଖସିଗଲା । ଟାହିଟାପରା ସରିନି ଉପରୁ ଡାକରା ଆସିଲା.... ଚଖନା

ଆଉ ବରଫ ପାଇଁ କିଏ ଦେବେ... ଆସ ଶୀଘ୍ର ଆସ ।

ସାବିତ୍ରୀ- ଭୟ ଆଉ ଶୀଘ୍ରତା ଯୋଗୁଁ ଶିଢ଼ି ଚଢ଼ି ଗଲାବେଳକୁ ଟେବୁଲ୍‌ରେ ଝୁଣ୍ଟି ହୋଇ ପଡ଼ିଛି....

ଟେବୁଲ୍ ଉପରୁ ମଦ ଗ୍ଲାସ୍ ପଡ଼ି ଭାଙ୍ଗିଯାଇଛି.... ବୋତଲର ମଦ ପିନ୍ଧା କପଡ଼ାରେ ଲାଗି..... ।

ସ୍ୱାମୀ- ରାଗରେ ଜଳି ଗାଲରେ ଦେଇଦେଲେ ଦୁଇଚାରି ଚାପୁଡ଼ା... ଇଂରାଜୀରେ ଅସଭ୍ୟ ଗାଳି... କୁକୁରକୁ ଗେଲ ଆଉ ମଣିଷକୁ ଗାଳି ଏମାନଙ୍କ ସଭ୍ୟତା....

ସାଙ୍ଗମାନେ ଠୋ ଠୋ ହସି କହିଲେ... ୟା ସାଙ୍ଗରେ କେମିତି ଦିନ କାଟିବୁ.... ଅପଦାର୍ଥ, ମୂର୍ଖ, ଗାଉଁଲି ଝିଅ ।

ଶାଶୂ- ଠିକ୍ ଏ ବେଳରେ ଉଠି ଆସି ପୁଅର ଗାଲରେ ଭରିଦେଲେ ଛେପ ଆଉ ମାଡ଼... ବିଚାରୀ ସକାଳ ୩ଟାରୁ ଉଠି ଖଟୁଛି ଯେ ଖଟୁଛି.... ଗଳାରେ ପାଣି ବୁନ୍ଦେ ଦେଇନି, ଆଉ ତାକୁ.... ।

କୁକୁର, ରାକ୍ଷସ... କହି ଜୋତା ଖୋଲି ତା' ସାଙ୍ଗଙ୍କୁ ପିଟି ଘରୁ ତଡ଼ିଦେଲେ... ଅଇଁଠା ପତ୍ର ଦେଖି ଚାଲିଆସିଛ..... ସାବିତ୍ରୀର କୋଠରୀକୁ ଯାଇ ହାତ ଭିଡ଼ି ଆଣି ପୂଜା ମଣ୍ଡପରେ ଥିବା ଭୁଆସୁଣୀମାନଙ୍କୁ କହିଲେ... ସାବିତ୍ରୀ ଅଲକ୍ଷଣୀ ନୁହେଁ, ପୋଡ଼ାମୁହିଁ ନୁହେଁ... ସେ ମୋ ଝିଅ.... ଏ ଘରର ଲକ୍ଷ୍ମୀ... ସେ ମୋତେ ମା ପରି ଯତ୍ନ ନେଉଛି, ଝିଅ ପରି ସବୁ ବୁଝୁଛି.... ଇମିତିକା ବୋହୂ ଭାଗ୍ୟରେ ମିଳେ.... ମୁଁ ତା ଝିଅ ଭାବେ ଜନମିବାକୁ ଭଗବାନଙ୍କ ନିକଟରେ ସବୁଦିନ ପ୍ରାର୍ଥନା କରେ ।

ସାବିତ୍ରୀ ନାଁରେ ସବୁତକ ସମ୍ପତ୍ତି କରିଦେଇଛି, ଯଦି ମୋ ପୁଅ ବି ବୋଲ ନ ମାନେ ତେବେ ଏ ଘରୁ ବିଦା ହେବ ତମେ କିଏ, ଏଠୁ... ଯିବ କି ତମର ବି...!!

ହେମନ୍ତ - ସବୁ ନିଶା ଉଡ଼ିଗଲା, ଦୌଡ଼ି ଆସି ମା'ଙ୍କ ପାଦେ ପଡ଼ି କ୍ଷମା ପ୍ରାର୍ଥନା କରିଛି.... ଏମିତିକା ଭୁଲ ଆଉ କେବେ କରିବିନି ।

ଶାଶୂ- କ୍ଷମା ମାଗିବାର ଅଛି ତେବେ ସାବିତ୍ରୀ ମୋ ଝିଅ... ଏ ଘରର ଲକ୍ଷ୍ମୀକୁ ମାଗ୍

ହେମନ୍ତ- ମୋତେ କ୍ଷମା କରିଦିଅ ସାବିତ୍ରୀ... ମୋ'ର ଭୁଲ ହୋଇଯାଇଛି.... କୁ ସଙ୍ଗରେ ପଡ଼ି... ଆଉ ପିଇବିନି ।

ସତ୍ୟବାନ ନହେଲଣ ନାହିଁ ତୁମ ଜୀବନ ସାଥୀ ଭାବେ ପାଖେ ପାଖେ ଥିବି...

ସାବିତ୍ରୀ- ମୋତେ ପାପର ଭାଗିଦାରୀ କରନ୍ତୁ ନାହିଁ.. ଆପଣ ମୋ ଦେବତା ମୁଁ ତୁମ ଚିରଦାସୀ, କ୍ଷମା ମାଗି ଲଜ୍ଜିତ କରାନ୍ତୁ ନାହିଁ... ମୋ ବ୍ରତ ସଫଳ ହୋଇଛି, ମୋ ପତି ମୋ ପାଖକୁ ଫେରିଆସିଛନ୍ତି ଏହାଠାରୁ ଆଉ କ'ଣ ଦରକାର ।

ହେ ପ୍ରଭୁ ମୋ ଆୟୁଷରୁ ଅଧା ମୋ ସ୍ୱାମୀ ଆଉ ଶାଶୂମା'ଙ୍କୁ ଦେଇ କୁଶଳରରେ ରଖି ଥାଆନ୍ତୁ ।


ଲିସମେର, ବୃନ୍ଦବାହାଲ,
ସାହିତ୍ୟ ସଂସଦ ଧର୍ମଗଡ଼ କଳାହାଣ୍ଡି

# ହୃଦୟର ବେଦନା

- ଲିପୁନୁ ସାହୁ

ଚଞ୍ଚଳ ମନର ସ୍ମୃତି ସ୍ମାରକରେ ଅତୀତର କିଛି କଥା ଉଙ୍କି ମାରି ହୁଅ ବାରମ୍ବାର ବୋଧହୁଏ ପରଳ ପରଳସ୍ତରୀଭୂତ ମନର ପାଉଁଶ ଗଦାରୁ କିଛି ଯନ୍ତ୍ରଣା ପୁଣିଥରେ ତାର ସଜ୍ୟ କରିବାର ବାସ୍ତବତାରୁ ପବନରେ ଉଡ଼ିଯାଉ ପର୍ଯ୍ୟାପ୍ତ ହୋଇଯିବ ଏ ସମଗ୍ର ନଭ ମଣ୍ଡଳକୁ, ଆଉ ସବୁରି ମଧ୍ୟରେ ଖେଳେଇ ହୋଇ ପୁଣି ଅରଣ୍ୟରୋଦନରେ ପରିଣତ ହୋଇ ନିଶ୍ଚିହ୍ନ ହୋଇଯିବ ଏକ କ୍ଷୁଦ୍ରାତି କ୍ଷୁଦ୍ର ଧୂଳିକଣା ପରି । ବାସ୍ତବ ସମ୍ପର୍କର କଥା କହିଲେ ଶ୍ରେଷ୍ଠତ୍ୱ ହାସଲ କରିବ, ମାଆ ସହିତ ତାର ସନ୍ତାନର ସମ୍ପର୍କ । ଏହା ସତତ ପ୍ରମାଣିତ ଯେ ଯିଏ ନିଜର ସନ୍ତାନକୁ ଜିତାଇବାକୁ ଯାଇ ନିଜର ସବୁ କିଛି ହରାଇ ଦିଏ, ସେ ହେଉଛି ସ୍ନେହମୟୀ ଓ ତ୍ୟାଗୀ ମାଆ" । ସମଗ୍ର ବିଶ୍ୱରେ ସପ୍ତଶଯ୍ୟାର ଉର୍ଦ୍ଧ୍ୱରେ ଆଉ ଗୋଟିଏ ଆଶ୍ଚର୍ଯ୍ୟ ରହିଛି, ଯାହା ପ୍ରକୃତିର ସୃଷ୍ଟି । ସେ ଆଉ କେହି ନୁହେଁ, ମଣିଷ ନିଜେ । ସେ ଦେଖେ ପ୍ରତିଦିନ ନାନାଦି ମଣିଷ ମୃତ୍ୟୁକୁ ବରଣ କରନ୍ତି କିନ୍ତୁ, ତା' ସତ୍ତ୍ୱେ ମଧ୍ୟ ଚିରଦିନ ବଞ୍ଚି ରହିବାର ଇଚ୍ଛା ପୋଷଣ କରେ । ଭାରତୀୟ ସଂସ୍କୃତିରେ ପିଲାଟି ଦିନରୁ ଶିଖି ଆସିଛି, "ମିଛ କହିଲେ ମହାପାପ ଓ ସତ କହିଲେ ଜଗନ୍ନାଥ ।" ସେ ପ୍ରତିଦିନ ଶୋଇଲା ପୂର୍ବରୁ ଭାବେ, ମୁଁ ଆଜିଠୁ ମିଛ କହିବି ନାହିଁ କିନ୍ତୁ; ସକାଳୁ ଉଠିବା ମାତ୍ରେ ହିଁ ତାକୁ ମିଛ କହିବାକୁ ପଡ଼େ । ଆମେ ଜାଣିଛୁ, ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ, ଅଧର୍ମର ନାଶ ଅନିବାର୍ଯ୍ୟ, ଅହଂକାର ମସ୍ତକରେ ପତନର ଟୀକା । ଏସବୁ ଯାହାକି ଆମ ପରିବେଶରେ ଚାଲିଛି, ମଣିଷ ତାକୁ ନିଜେ ନିଜ ମୁହଁରେ ସ୍ୱୀକାର କରୁଛି, ସତ ବୋଲି ସମସ୍ତ ଦେଉଛି, ତାହା କରଣୀୟ ନୁହେଁ ଏ କଥା ଅନୁଭବ କରୁଛି, ତଥାପି ସେସବୁ କରିବାକୁ ତିଳେ ହେଲେ ପଛଘୁଞ୍ଚା ଦେଉନାହିଁ । ଏହାଠୁ ବଡ଼ ଆଶ୍ଚର୍ଯ୍ୟ କ'ଣ ଅବା ଥାଇପାରେ ?

ବୋଧହୁଏ କେହି ଜଣେ ସତ କହିଛନ୍ତି, ପୁସ୍ତକଗତ ବିଦ୍ୟା ଓ ପରହସ୍ତ ଧନ କେବେବି କାମରେ ଆସେନି । ମଣିଷ ଅନେକ ସ୍ୱପ୍ନ ଦେଖେ ଓ ଅନେକ ଲକ୍ଷ୍ୟ ନେଇ କାର୍ଯ୍ୟ କରେ । ସେ କ'ଣ ସବୁ ସ୍ୱପ୍ନ ଓ ଲକ୍ଷ୍ୟକୁ ସତ କରିପାରେ କି ? ସେପରି ଶ୍ରେଣୀରେ ସମସ୍ତେ ପ୍ରଥମ ସ୍ଥାନ ଅଧିକାର କରିପାରନ୍ତି କି ? ମାଛର ସବୁ ଅପତ୍ୟ ସ୍ୱୟଂ ସମ୍ପୂର୍ଣ୍ଣ ହୋଇ ପାରନ୍ତି କି ? ସରକାର ତ ଅନେକ ଯୋଜନା ପ୍ରଣୟନ କରନ୍ତି । ସବୁ ଯୋଜନାକୁ ସେ ସଫଳ ରୂପେ ରୂପାୟନ କରନ୍ତି କି ? ରାଜନେତା ଜନତାଙ୍କୁ ଅନେକ ପ୍ରତିଶ୍ରୁତି ଦେଇଥାଏ, ସେ ସବୁ କେବେ ସତ କରି ଦେଖେଇଚନ୍ତି କି ? ଗଛରେ ଅନେକ ଫୁଲ ଫୁଟେ । ସବୁ ଫୁଲ ଠାକୁରଙ୍କ ପାଖରେ ଲାଗେ କି ? ଏହାର ଉତ୍ତର ସମସ୍ତେ ଜାଣନ୍ତି । ବିଦ୍ୟା ଓ ଧନ ତ କାର୍ଯ୍ୟରେ ତେବେ ହିଁ ଲାଗିବ, ଯେବେ ସେଗୁଡ଼ିକ ଆମ ନିଜ ପାଖରେ ଥିବ । ମଣିଷର ଲକ୍ଷ୍ୟ ଓ ସ୍ୱପ୍ନ ତ ତେବେ ସତ ହେବେ, ଯେ ଦିନ ସେ ଉଠିବ ଦିବ୍ୟାସ୍ୱପ୍ନରୁ ଓ କାର୍ଯ୍ୟରେ ମନୋନିବେଶ କରିବ । ଶ୍ରେଣୀ ସମସ୍ତେ ପ୍ରଥମ ସ୍ଥାନ ଅଧିକାର କରିପାରନ୍ତିନି କାରଣ, ସମସ୍ତେ ନିଜକୁ ଶ୍ରେଣୀର ପରିସର ମଧ୍ୟରେ କେନ୍ଦ୍ରୀଭୂତ କରିପାରନ୍ତି ନାହିଁ । ସବୁରି ପ୍ରଗତି ଲାଗି ଶ୍ରେଣୀର ସୀମିତତା ପ୍ରଯୁଜ୍ୟ ହୋଇନଥାଏ । ଆଉ ରହିଲା ସରକାରଙ୍କ କଥା, ତାଙ୍କ ପ୍ରଣୀତ ଯୋଜନାର ପରିସର କେବଳ ମାତ୍ର କାଗଜଦଲିଲ୍‌ର ଦସ୍ତାବିଜ୍ ମଧ୍ୟରେ ହିଁ ସୀମିତ । ସତେ ସର୍ବଦା କାଗଜର ଚୁକ୍ତି ଓ ଯୋଜନା ପରେ ଯୋଜନା ପ୍ରଣୟନ କରିବାରେ ବ୍ୟସ୍ତ । ସରକାରୀ କର୍ମୀ ଓ ରାଜନେତାମାନେ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେବାରେ ବ୍ୟସ୍ତ । ତାକୁ କାର୍ଯ୍ୟକାରୀ କରିବା ପାଇଁ ସମୟ ବା କାହିଁ ? ଯଦିବା କାର୍ଯ୍ୟକାରୀ ହୁଏ ତାହା ଲୋକଙ୍କ ପାଖରେ ପହଞ୍ଚେ ନାହିଁ । ଗଛରେ ଫୁଲ ତ ଅନେକ ଫୁଟେ କିନ୍ତୁ ଫରକ ଏତିକି କିଛି ଈଶ୍ୱରଙ୍କ ମଥାରେ ଲାଗେ, ଆଉ କିଛି ଅକାଳରେ ଝାଉଁଳି ପଡ଼େ ।

ଏସବୁ ସେତେବେଳେ ସାର୍ଥକ ହବ, ଯେତେବେଳେ ଆମେ ମୁଖରେ କହୁଥିବା କଥାକୁ କାମରେ କରି ଦେଖେଇବା । ବାପୁଜୀଙ୍କ ଉକ୍ତି ଥିଲା, 'କହିବା ଆଗରୁ କରିବା ଦ୍ୱାରା ତାହା ଅନ୍ୟକୁ ବେଶି ପ୍ରଭାବିତ କରେ । ସତରେ କହିବାଟା ସହଜ କିନ୍ତୁ; କରିବାଟା ବହୁତ କଷ୍ଟ । ଏ କଷ୍ଟକୁ ଯିଏ ସଜ୍ୟ କରେ ସେ ହୋଇପାରେ ଶ୍ରେଷ୍ଠତର ଅଧିକାରୀ । ଏତ ସାମାଜିକ ପରିବେଶର କଥା । ଶୀର୍ଷକ ଶ୍ରେଣୀରେ କୁହନ୍ତି ନିଶାଦ୍ରବ୍ୟ ସେବନ କର ନାହିଁ କିନ୍ତୁ; ସେ ହିଁ ତାହା ନିଜେ କରିଥାନ୍ତି । ସେ କାର୍ଯ୍ୟରୁ ଯଦି ତାଙ୍କୁ କେହି ନିବୃତ ରହିବାକୁ କହେ, ତେବେ ସେ କୁହନ୍ତି; ମୁଁ ଯାହା କରୁଛି ତୁମେ ତାହା କରନାହିଁ, ବରଂ ମୁଁ ଯାହା କହୁଛି ତମେ କହା କର । ଶିକ୍ଷକ ବୁଝିବା ଦରକାର, ଶିଶୁ ଶିକ୍ଷକଙ୍କ ଉକ୍ତିକୁ ଅନୁକରଣ କରେନା । ସତେ ଆଦର୍ଶ ଖୋଜେ । ସେ ସ୍ୱୟଂ ଗୁରୁଙ୍କୁ ନିଜର ଆଦର୍ଶ ବନେଇ ତାଙ୍କୁ ହିଁ ଅନୁକରଣ କରେ । ଏଣୁ ସେ ମଧ୍ୟ ସେହି ବାକ୍ୟ ନିଜ

ପରିସର ମଧ୍ୟରେ ଧୀରେ ଧୀରେ ପ୍ରୟୋଗ କରିବା ଶିଖେ କାରଣ, ଏହି ଉକ୍ତିକୁ ଶିଶୁ ଗୁରୁଙ୍କର ବକ୍ତବ୍ୟ ନଭାବି କର୍ତ୍ତବ୍ୟ ବୋଲି ଭାବେ ସେ ।

ଆମେ ପରିବେଶ ସମ୍ପର୍କିତ ନାନାଦି ବକ୍ତବ୍ୟ ଓ ଉପଦେଶକୁ ସମଗ୍ର ଜନତା ପାଖରେ ବାକ୍ୟରେ ନୁହେଁ, କାର୍ଯ୍ୟ ମାଧ୍ୟମରେ ପହଞ୍ଚାଇବା ଦରକାର । ଆକାଶରୁ ନିଶ୍ଚିତ ଟୋପେ ଜଳ ବିନ୍ଦୁ ପ୍ରଥମେ ଧରାରେ ପଡ଼ିଥାଏ । ଏହା ଅନ୍ୟ ଜଳଟୋପା ସହ ମିଶିବାକୁ ଚେଷ୍ଟା କରେ ଏବଂ ଧୀରେ ଧୀରେ ବହେ । କ୍ରମେ ଏହା ଏକ ବିଶାଳ ଜଳସ୍ତରରେ ପରିଣତ ହୋଇ ନଦୀ ଓ ସମୁଦ୍ରରେ ମିଶେ । ଏହା ନିଜର ଯାତ୍ରାରେ କେବେବି ଉଦ୍ଧତା ଦେଖୋଇ ନାହିଁ । ବିନମ୍ର ଭାବେ ବହିଚାଲିଛି । ସେପରି ଆମେ ଯଦି ବିନମ୍ରତା ସହ ଜଣେ କର୍ତ୍ତବ୍ୟନିଷ୍ଠ ନାଗରିକ ଭାବେ ସୁସ୍ଥ ପରିବେଶ ଗଠନରେ କାର୍ଯ୍ୟ କରିବା, ତେବେ ଏହା ଅନ୍ୟକୁ ଅଧିକ ପ୍ରଭାବିତ କରିବ ଆମ ଶୁଷ୍କ ବକ୍ତବ୍ୟ ଅପେକ୍ଷା । ଆଜି ଆମ ସାମ୍ନାରେ ଉପସ୍ଥିତ ଥିବା ସମସ୍ତ ବିଭବ, ଯାହାକୁକି ମଣିଷ ନିଜର ବୋଲି ଗଳା ଫଟେଇ ଚିତ୍କାର କରି ଘୋଷଣା କରୁଛି । ସେ ସବୁର ପ୍ରକୃତ ସାହବୋଣୀ ଏ ପ୍ରକୃତିରାଣୀ । ମାନବ ଅହଂରେ ଆଜି ଅନ୍ଧ । ମାଟି ମାଆ ଯାହା କିଛି ସାଇତି, ତାହା କେବଳ ଆମରି ଖୁସି ଓ ଆମରି ଭବିଷ୍ୟ ପାଇଁ । ସିମେଣ୍ଟ ତିଆରି ସୌଧ ଭିତରେ ରହି ରହି ସେ ହଜେଇ ଦେଇଛି ମାଆର କୋଳେ । ମାଆର କୋଳେ ଆଜି ଶୂନ୍ୟ । କ୍ଷେତ୍ରରେ ବୁଣାଯାଇଥିବା ସବୁ ଧାନରୁ ତ ଗଛ ହୁଏନା ? କିଛି ପଚି ଯାଏ ତ ଆଉ କିଚି ବର୍ଷାରେ ଧୋଇ ଯାଏ । ସ୍ୱର୍ଣ୍ଣଶିଶାରୁ ଧାନ ସହ ଅଗାଡ଼ି ମଧ୍ୟ ବାହାରେ । ପ୍ରକୃତି କରୋଡରେ ଜନ୍ମି ଥିବା ମାନବ ସାମଜ ଆଜି ଅଯୋଗ୍ୟ ଯେ କି ମାଆର ଅଣ୍ଟିରୁ ସବୁ ବିଭବ ଲୁଣ୍ଠନ କରିବାରେ ଲାଗିଛି । ତାର କୋଳରୁ ଜାତ ଏ ଅଯୋଗ୍ୟ ବୋଧହୁଏ ବୁଝିବି ଯେ ସେହି ପ୍ରକୃତିର ଦୁଃଖରେ ତାର ଜୀବନ ଦିନେ ଧ୍ୱଂସ ହୋଇଯିବ ।

ଏ ବିଶ୍ୱକୁ ଯଦିଓ ରକ୍ଷା କରିବାର ସଂକଳ୍ପ ତାରି ମୁଖରୁ ହିଁ ବାହାରୁଛି କିନ୍ତୁ; ତାହା ଶୂନ୍ୟ ଗଗନକୁ ଖେଳିଯାଇ ପୁଣି ପାଉଁଶ ଧୂଳିପରି କେଉଁଆଡ଼େ ଉଭେଇ ଯାଉଛି ? ପ୍ରକୃତି ମାଆର କଷ୍ଟକୁ ବୁଝିବାକୁ ଚେଷ୍ଟା ଏ ମଣିଷ ଜାତି । ଏଠି ସମସ୍ତେ ଜଣେ ଜଣେ ମେସନ୍‌ର ମଣିଷ, ଯିଏ ଛାଡ଼ିଛି ଗାଁ ଓ ମାଆ । ମାଆର ହୃଦ ଆଜି ବିକିକ୍ଷତତା ଓ ହାହାକାରରେ ପୂର୍ଣ୍ଣ । ତାର କରୁଣ ଚାହାଣିକୁ ଦେଖି ମଧ୍ୟ ମଣିଷ ତା' ପ୍ରତି ହୁଏ ନିର୍ଦ୍ଦୟ, ଅନବରତ କରେ ଲୁଣ୍ଠନ । ପ୍ରକୃତରେ ମାନବ ସବୁ ବୁଝେ, ଜାଣେ, ଅନୁଭବ କରେ, ବକ୍ତବ୍ୟ ମାଧ୍ୟମରେ ଅନ୍ୟକୁ ଉପଦେଶ ଦିଏ କିନ୍ତୁ; କାର୍ଯ୍ୟରେ କରିବାର ସାହସ ତା ପାଖରେ ନାହିଁ । ବାସ୍ତବରେ ଏକ ପ୍ରବାଦ ରହିଛି, ଅଣ୍ଟି ଛୁରୀ ତଣ୍ଟି କାଟେ । ମଣିଷ ସାଜିଛି ନିଜ ମାଆ ପାଇଁ ରକ୍ତ ମୁଖା । ସମାଜ ଆଜି ଚେତନାରେ ଥାଇ ବିନାଶଗ୍ରସ୍ତ ନିଦ୍ରିତ ଯନ୍ତ୍ର ଓ ସିମେଣ୍ଟ କାନ୍ଥର ପରିବେଶ ମଧ୍ୟରେ । ଯଦି ଏ ବିଶ୍ୱରେ ଶାନ୍ତିର ଚିହ୍ନ ରହିବନି, ତେବେ କେହି ରହିବେନି । ଏକଥା ପ୍ରକୃତି ଅବିରାମ ଭାବେ ଘୋଷଣା କରୁଛି । ଜୟ ଶ୍ରୀରାମ (କର ନହେଲେ ମର)

*ନୟାଗଡ*

# ପଶ୍ଚାତାପ୍

- ପ୍ରେମ ସମ୍ରାଟ ଲକ୍ଷ୍ମଣ କୁମାର ବେହେରା (ଯତି)

ଦୁଇ ହଜାର ଉଣେଇଶି ମସିହା ଫେବୃୟାରୀ ମାସ ଚଉଦ ତାରିଖ ସକାଳ ସମୟ । ସେଦିନ ପ୍ରେମ ଦିବସ । ପ୍ରଧାନପାଟ ମହୋତ୍ସବର ଦ୍ୱିତୀୟ ଦିନ । ଖୋଲା ମଞ୍ଚ ଉପର ଚାଲିଥାଏ ରାଜ୍ୟସ୍ତରୀୟ କବି ସମ୍ମିଳନୀ । ପ୍ରଥମେ କବିତା ପାଠ କରୁଥାନ୍ତି ଦେବଗଡ଼ ଜିଲ୍ଲାର ଉଦୀୟମାନ ଯୁବ ରୋମାଣ୍ଟିକ୍ କବି ହର୍ଷବର୍ଦ୍ଧନ । ତାଙ୍କ ପ୍ରେମ କବିତା ପାଠ ସମସ୍ତ କବି କୁଳକୁ ଆନନ୍ଦିତ କରୁଥାଏ । ସେଦିନ ମୁଁ ମଧ୍ୟ ସେଠାରେ ଉପସ୍ଥିତ ଥିଲି । ମୋତେ ନିମନ୍ତ୍ରଣ ନମିଳିଥିଲେ ମଧ୍ୟ ମୁଁ ଉପସ୍ଥିତ ଥିଲି । ଉପସ୍ଥିତ ରହିବାର କାରଣ ହେଲା ମୋତେ ରୋମାଣ୍ଟିକ୍ କବିତା ଶୁଣିବାକୁ ବହୁତ ଭଲ ଲାଗେ । ହର୍ଷବର୍ଦ୍ଧନର ପ୍ରେମ କବିତା ଶୁଣି କରତାଳି ନମାରି ସେଦିନ ମୁଁ ରହି ପାରିଲି ନାହିଁ । ମୋର କରତାଳି ଶୁଣି ସମସ୍ତେ କରତାଳି ଦେଇ ନବ ପ୍ରତିଭାକୁ ସ୍ୱାଗତ ଜଣାଇଲେ । ତା'ର ଉଜ୍ଜ୍ୱଳ ଭବିଷ୍ୟତ କାମନା କଲେ । ସେଦିନ କେନ୍ଦୁଝର, ସମ୍ବଲପୁର, ବାଲେଶ୍ୱର, ଅନୁଗୋଳ, ବୌଦ୍ଧ, ସୁନ୍ଦରଗଡ଼, ଜଗତସିଂହପୁର, ମୟୁରଭଞ୍ଜ, କଟକ, ଖୋର୍ଦ୍ଧା ପୁରୀ ଓ ଅନ୍ୟାନ୍ୟ ଜିଲ୍ଲାରୁ ପ୍ରାୟ ଶତାଧିକ କବି କବୟିତ୍ରୀ କବିତା ପାଠ ପାଇଁ ଆସି ପହଞ୍ଚିଥିଲେ । ମୁଁ ଶେଷ ଧାଡ଼ିର ଶେଷ ଚେୟାରରେ ବସିଥିଲି ।

ମୋର ବାମ ପାଖରେ ଜଣେ ସୁନ୍ଦରୀ ତରୁଣୀ ବସିଥିଲା । ତା'କୁ ମୁଁ ଆଗରୁ କୌଣସି କବି ସମ୍ମିଳନୀରେ କେବେ ଦେଖି ନଥିଲି । ପରସ୍ପର ପରିଚୟ ପ୍ରଦାନରୁ ଜାଣିଲି ସେ ମଧ୍ୟ କବିତା ଲେଖନ୍ତି । କବିତା ପାଠ କରିବା ପାଇଁ ଅନୁଗୋଳ ଜିଲ୍ଲାରୁ ଆସିଛନ୍ତି, ନାମ ଅଙ୍କିତା ନାୟକ ।

ହର୍ଷବର୍ଦ୍ଧନର ପରିଚୟ ସେ ମୋତେ ଧିର ସ୍ୱରରେ ପଚାରିଲା । ମୁଁ କହିଲି ସେ ହର୍ଷବର୍ଦ୍ଧନ ମହାପାତ୍ର । ଏଇ ଦେବଗଡ଼ରେ ଘର, ବ୍ରହ୍ମବିଦ୍ୟା ସାହିରେ । ମୋଠାରୁ ସବୁ ଶୁଣି ସାରିବା ପରେ ସେ ହର୍ଷବର୍ଦ୍ଧନ ପାଖକୁ ଯାଇ କବିତା ଭଲ ଲାଗିଲା କହି ମିତ୍ରତାର ହାତ ବଢ଼ାଇଲା । ଦୁହେଁ ପ୍ରଥମେ ମିତ୍ରତା ଓ ପରେ ପ୍ରେମ ବିବାହ କଲେ ।

ହର୍ଷବର୍ଦ୍ଧନ ଥିଲେ ଜଣେ ନାରୀ ପ୍ରିୟ, ପ୍ରେମିକ କବି । ତାଙ୍କର ପ୍ରତିଟି କବିତାରେ ସେ ନାରୀଙ୍କୁ ହିଁ ମୁଖ୍ୟ ଚରିତ୍ରରେ ନେଇଥାନ୍ତି । ପରକୀୟାପ୍ରିତୀର ବାସ୍ନାରେ ସେ ଦିନକୁ ଦିନ ରସାତଳଗାମୀ ହେଉଥାନ୍ତି । ନାରୀ ମାନଙ୍କ ସହ ସବୁବେଳେ ବାର୍ତ୍ତାଳାପ, ମିଳାମିଶା ଅଙ୍କିତାକୁ ଜମା ଭଲ ଲାଗୁନଥାଏ । ଦିନେ ନିଜ ହୃଦୟକୁ ବାଧିଲା ପରି କାର୍ଯ୍ୟ ହର୍ଷବର୍ଦ୍ଧନ କରିବାରୁ ସେ ପାଟି ଫିଟେଇ ବିରୋଧ କରି କହିଲା ବିବାହ ପରେ ଏସବୁ ଭଲ କାମ ନୁହେଁ । ତୁମେ ଜଣେ ଓଡ଼ିଶାର ପ୍ରଖ୍ୟାତ କବି ହୋଇ ନାରୀମାନଙ୍କ ସହ ଅଶ୍ଳୀଳ କଥାବାର୍ତ୍ତା ହେଉଛ । ନାରୀମାନଙ୍କ ପିଛା ଟଙ୍କା ଖର୍ଚ୍ଚ କରୁଛ । ମୋ ମାମୁଁ ତୁମକୁ ଖରାପ ଚରିତ୍ରର ପିଲା କହିବାରୁ ମୋ ବାପା ଓ ମାମୁଁଙ୍କ ମିତ୍ରତାକୁ ଶତ୍ରୁତାରେ ବଦଳାଇ ଦେଇଥିଲି ସେଦିନ । କେବଳ ତୁମ ପାଇଁ ଜାଣି ନଥିଲି ତୁମେ ଏତେ ନିଚ୍ଚ ଚରିତ୍ରର ବୋଲି । ତୁମ ପରି ଖେଳ ଖେଳିବା ଆସେନି ମୋତେ । ମୁଁ ସରଳ ବିଶ୍ୱାସୀ ବୋଲି ତୁମ ମାୟାଜାଲରେ ପଡ଼ି ତୁମକୁ ଭଲ ପାଇ ବିବାହ କଲି । ବୁଝିପାରିଲି । ତୁମକୁ ବିଶ୍ୱାସ କଲି । ତୁମ ସଂସ୍କାର ଏତେ ନିଚ୍ଚ । ଛି ! ଛି ! ମୋ ହୃଦୟରେ ତୁମେ ସର୍ବଦା ଉଚ୍ଚରେ ଥିଲ । ଆଜି ଏତେ ତଳକୁ ଖସିଯିବା ମୁଁ କେବେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନଥିଲି ଆଜି ତୁମେ ମୋତେ ବହୁତ କଷ୍ଟ ଦେଲ ।

ଅଙ୍କିତା ଏମିତି କଥା ହର୍ଷବର୍ଦ୍ଧନକୁ ଶୁଣାଇବାରୁ ଦୁହିଁଙ୍କ ମଧ୍ୟରେ ବଚସା ହେଲା । ମନାନ୍ତର ଓ ମତାନ୍ତର ଦେଖାଗଲା । ଅଙ୍କିତାର କୌଣସି ଭୁଲ୍ ନଥିବା ସତ୍ତ୍ୱେ ହର୍ଷବର୍ଦ୍ଧନ ତା'ଠାରୁ ଅଲଗା ରହିବା ପାଇଁ ନିଷ୍ପତ୍ତି ନେଲା । ଅଙ୍କିତା ଅନେକ ନେହୁରା ହେଲା । ମୋତେ ଛାଡ଼ନି ବୋଲି କହିଲା । ନିଜର ଶୁଷ୍କ ହୃଦୟକୁ ଯେ ଦିନେ ପ୍ରୀତି ପ୍ରଣୟର ମଧୁର ସ୍ପର୍ଶ ଦେଇ ପ୍ରେମର ତାଜମହଲ ଗଢ଼ିଲା ତା'ଠାରୁ ଦିନେ ସବୁଦିନ ପାଇଁ କୋହ ଆଉ ଅଶ୍ରୁଭିଜା ନୟନରେ ବିଦାୟ ନେବାକୁ ହେବ, ଏହା କେବେବି ସେ ଚିତ୍ତେ ଚିନ୍ତା କରି ନଥିଲା ।

ଅଙ୍କିତା ନିଜ ବାପ ଘରକୁ ଚାଲିଗଲା ପରେ ହର୍ଷବର୍ଦ୍ଧନ କେନ୍ଦୁଝର ଗଡ଼ର ଝିଅ ରଞ୍ଜିତାକୁ ଦ୍ୱିତୀୟ ବିବାହ କଲା । ନିଜ ବିବାହରେ ରଞ୍ଜିତା କେବେ ଖୁସି ନଥିଲା । ସେ ପୂର୍ବରୁ ତା'ର ସହପାଠୀ ଅମ୍ଳାନ୍, ଟ୍ରକ୍ ଚାଳକ ଟଙ୍କ, ଗଞ୍ଜେଇ ବେପାରୀ ଦିଲ୍ଲୀପ୍ ନିଜ ଗାଆଁର ପୋଷ୍ଟମାଷ୍ଟର ରତନକୁ ଭଲ ପାଉଥାଏ । ବାରଂମ୍ବାର ନି ଗାଆଁକୁ ଯାଇ ସେମାନଙ୍କ ସହ ଦେହ ସମ୍ପର୍କ ରଖୁଥିବା କଥା ହର୍ଷବର୍ଦ୍ଧନ ରଞ୍ଜିତାର ସମସ୍ତ ଫୋନ୍ କଲ୍ କଥାବାର୍ତ୍ତାରୁ ଶୁଣିବାକୁ ପାଇଲା ।

ରଞ୍ଜିତାର ପିତାମାତାଙ୍କୁ ଡକାଇ ହର୍ଷବର୍ଦ୍ଧନ ସମସ୍ୟାର ସମାଧାନ ପାଇଁ ଶତଚେଷ୍ଟା କଲା । କିନ୍ତୁ ରଞ୍ଜିତା ନିଜ ଘରକୁ ଯିବାପାଇଁ ଜିଦ୍ ଧରିଲା । ହର୍ଷବର୍ଦ୍ଧନ ସହ ମିଶିକି ରହିବା ପାଇଁ ସେ ଅମଙ୍ଗ ହେଲା । ଶେଷରେ ରଞ୍ଜିତା ନିଜ ପିତାମାତାଙ୍କ ସହ

ହସି ହସି ନିଜ ସହରକୁ ଚାଲିଗଲା । ବୋଧେ ସେ ପିଞ୍ଜରାରେ ବନ୍ଦି ହେବାକୁ ଚାହୁଁ ନଥିଲା । ପିଞ୍ଜରା ମୁକ୍ତ ପକ୍ଷୀକୁ ପିଞ୍ଜରାରେ ବନ୍ଦି କରି ରଖିଲେ ସେ କ'ଣ ରହିବ ? ସେ ତ ମୁକ୍ତ ଆକାଶର ପକ୍ଷୀ । ଭରା ଯୌବନରେ ସେ ସମସ୍ତଙ୍କ ସହ ମିଶିବ, ମଜା କରିବ, ଅନ୍ୟଠାରୁ କାମନା ବାସନାର ସୁଖ ପାଇବା ପାଇଁ ସେ ଦୃଢ଼ ଅଭିଳାଷ ରଖିବ ।

ହର୍ଷବର୍ଦ୍ଧନ ଆଜି ଏକା ଏକା ବସି ପ୍ରଥମ ଭଲ ପାଇବା କଥା ଭାବି ପଶ୍ଚାତାପ୍ କରି ନିରବରେ ହେକେଇ ହେକେଇ କାନ୍ଦୁଛି । ସେ ଅଙ୍କିତାର ଭାବନାକୁ ସେଦିନ ବୁଝିପାରିଲା । ଅଙ୍କିତା ଯାହା କରିଥିଲା ସବୁ ଠିକ୍ କରିଥିଲା ବୋଲି ସେ ସ୍ୱୀକାର କଲା ।

ମୋତେ ଯେ ବିଶ୍ୱାସ କରି ଭରସା କରି ନିଜ ଘରୁ ପାଦ କାଢ଼ି ମୋ ସହିତ ଆସିଲା । ନିଜର ପରିବାରକୁ ଭୁଲି ମୋ ପରିବାରକୁ ଆପଣେଇ ନେଲା । ମୋ ପାଇଁ ନିଜକୁ ବଦଳାଇ ଦେଲା । ସେ ତ ଧନ୍ୟା । ପୂଜ୍ୟା ମୋ ପାଇଁ ହୋଇପାରେ ସେ ଆଜି ସମାଜ ପାଇଁ ବନ୍ଧ୍ୟା ହେଲେ ଅମୃତ କଥା କହି ସବୁବେଳେ ହସ ହସ ମୁହଁରେ ସ୍ନେହ ପରଷୁ ଥିବା ପୂଣ୍ୟାନାରୀ ସେ । ଅଶ୍ରୁ ଆଜି ତା'ର ନିଜର; ତା'ଜଖମର ମଲମ ନାହିଁ, ଉପଚାର ନାହିଁ ତା' ଯନ୍ତ୍ରଣାର; ସୁଖର ସେ ଆଶା ଅନେକ ଦିନରୁ ଛାଡ଼ି ଦେଇଛି । ଅନ୍ୟର ଅସହ୍ୟ କଥା ଶୁଣି ଶୁଣି ମନ ତା'ର ଆଜି ବ୍ୟଥିତ ।

ସମୟ ସବୁ ବଦଳାଇ ଦେଲା । ଏସବୁ କେବେ ଘଟିଗଲା ବୁଝି ପାରିଲିନି । ସଂସାରରେ କେବଳ ତୁମେ ମୋର ଭବିଷ୍ୟତ । ଆମ ଭିତରେ ଆଉ କେହି ଆସି ପାରିବେନି । ତୁମକୁ ନେଇ ଟିକେ ସୁନ୍ଦର ସଂସାରଟିଏ ପାଇଁ ଅଯୁତେ ଚିନ୍ତା କରୁଥିଲି, ହେଲେ; କେତେବେଳେ ସେ ସବୁ ଅତୀତ ହୋଇ ମୋ ସାମ୍ନାରେ ଦଣ୍ଡାୟମାନ । ବିଶ୍ୱାସ କରି ପାରୁନି ନିଜକୁ ।

ମୋତେ ଯେ, ଶତ ନିନ୍ଦାରୁ ବଞ୍ଚାଇ ପୀଡ଼ାର ଆଘାତ ସହିଲା । ତା'ପାଇଁ ଜୀବନରେ କିଛି କରି ପାରିଲିନି । ଉପକାର ବଦଳରେ ଦୁଃଖ ଦେଲି ।

ହୃଦୟରୁ ଅଜସ୍ର ଭଲପାଇବା ଆଉ ସମ୍ମାନ ଦେଇ ଯେ, ନିଜର ସକଳ ସମୟ ମୋ ପାଇଁ ଉତ୍ସର୍ଗ କରି ଦେଲା । ସେ କେମିତି ଭଲା ଖରାପ ସ୍ୱଭାବର ହେଇଥିବ ? ଏକଥା ମୁଁ କେମିତି ବୁଝି ପାରିଲିନି !

ନିଜେ ଦୁଃଖ, ପୀଡ଼ା କିମ୍ବା ଅପମାନ ପାଇଲେ ଆଖିରୁ ଲୁହ ଝରି ଆସେ । ମୁଁ ଏତେ ଯନ୍ତ୍ରଣା ଦେବା ପରେ ବି ସେ ମୋର କେବେ ଅମଙ୍ଗଳ ଚିନ୍ତା କରିନି । କ'ଣ ପାଇଁ ?

ସେ ମୋର ଅନେକ ସେବା କରିଛି । ତଥାପି ମୋତେ କେବେ ସ୍ୱର୍ଣ୍ଣ ଆଭୂଷଣ ମାଗିନି, ଦାମୀ ପାଟବସ୍ତ୍ର ମାଗିନି । ମୁଁ କିଛି ବି ଉପହାର ଦେଇ ପାରିନି ଏକୁଟିଆ ଥିବାବେଳେ କେବେ ସମ୍ମାନ ଦେଇ କଥା ପଦେ କହିନି । ସମସ୍ତଙ୍କର ସାମ୍ନାରେ ତା'କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କଲି । ନା ତା'କୁ କେବେ ନିଜର ମଣିଷ ଭାବି ସମୟ ଦେଇପାରିଲି ନା ନିଜକୁ ସମର୍ପଣ କରି ପାରିଲି । କେବେବି ତା'କୁ କହି ପାରିଲିନି ସେ ମୋ ଜୀବନରେ ଦରକାର ବୋଲି, ମୋ ହୃଦୟରେ ତା'ପାଇଁ ସୁନ୍ଦର ସ୍ଥାନଟିଏ ଅଛି ବୋଲି ।

ଏମିତି ପାଶ୍ଚାତାପ୍ କରି ଶେଷରେ ହର୍ଷବର୍ଦ୍ଧନ ମଟରସାଇକଲ୍‌ରେ ଅଙ୍କିତାକୁ ଦେଖା କରିବା ପାଇଁ ଅନୁଗୋଳ ଗଲା । ତାଙ୍କ ଘରେ ପହଞ୍ଚି ଦେଖିଲା କବାଟରେ ତାଲା ଝୁଲୁଛି । ସାହି ପଡ଼ିଶା ସମସ୍ତଙ୍କୁ ପଚାରିବାରୁ ଜାଣିଲା ଅଙ୍କିତା ସେ ଘରେ ଆଉ ରହୁନି । । ନିଜର ଏକମାତ୍ର ସହାର ତା'ର ବାପା ଆରପୁରକୁ ଚାଲିଯିବା ପରେ ହର୍ଷବର୍ଦ୍ଧନ କେବଳ ମୋ, ମୁଁ କେବଳ ହର୍ଷବର୍ଦ୍ଧନ...... କହି କହି ସେ ପାଗଳି ହେଇଗଲା । ଏ ଗାଆଁରୁ ସେ ପଳେଇବାର ପ୍ରାୟ ମାସେ ହେଇ ଗଲାଣି ।

ହର୍ଷବର୍ଦ୍ଧନ କାନ୍ଦି କାନ୍ଦି ସେଦିନ ନିଜ ଗାଆଁକୁ ଫେରୁଥିବା ବେଳେ ପାଲହଡା ସରକାରୀ ଡାକ୍ତରଖାନା ପାଖରେ ଦେଖିଲା ଅଙ୍କିତା ପରି ଜଣେ ଦିଶୁଛି । ମୁହଁ ତାର ଶୁଷ୍କ, ଫଟା ଶାଢ଼ୀରେ ସମ୍ପୂର୍ଣ୍ଣ ଶରୀରକୁ ଘୋଡ଼େଇବାର ପ୍ରୟାସ, ରୁଗଣ୍ ଓ ଜରାଜୀର୍ଣ୍ଣ ଶରୀର ।

ନିଜକୁ ସେ କ୍ଷମା କରିପାରୁ ନଥାଏ । ଅଙ୍କିତାକୁ ଧରି ସେ ନିଜ ଘରକୁ ଫେରିଲା । ଆଖିରୁ ଅଶ୍ରୁ ସବୁ ଉଡ଼ି ଯାଇ ପବନରେ ମିଶି ଯାଉଥାଏ । ଘରକୁ ପହଞ୍ଚି ତା'ର ସେବାରେ ନିଜର ସମସ୍ତ ସମୟ ଦେଇ ସମ୍ପୂର୍ଣ୍ଣ ରୂପେ ନିଜେ ସମର୍ପିତ ହେଲା । ଅତୀତ ଆଜି ବର୍ତ୍ତମାନକୁ ଆଖି ମିଟିକା ମାରି କହୁଛି, ଦେଖ ହର୍ଷବର୍ଦ୍ଧନ ଏବେ ସମ୍ପୂର୍ଣ୍ଣ ରୂପେ ସମୟ ବାଟରେ ବଦଳିଯାଇଛି । ଅଙ୍କିତା ଠାରୁ ଆଜି ଆଉ ତା'କୁ କେହି ଅଲଗା କରି ପାରିବେ ନାହିଁ ।

କବିକୁଟୀର, ଦଣ୍ଡାସିହା, ବାରକୋଟ, ଦେବଗଡ଼ (ଓଡ଼ିଶା)

# ବୃଦ୍ଧା ଆଶ୍ରମ

**- ବନଲତା ସିଂହ**

ଅଜୟ ଓ ଶ୍ରାବଣୀଙ୍କର ବିଭାଘର ପାଞ୍ଚବର୍ଷ ପୁରି ଗଲାଣି, କିନ୍ତୁ ସେ ନିଃସନ୍ତାନ । ଆଧୁନିକ ନାରୀ ହେଲେ ମଧ୍ୟ ଶ୍ରାବଣୀ ବହୁତ ଓଷା ବ୍ରତ କରେ ପିଲାଟିଏ ପାଇଁ । ବୁଢ଼ା ବୁଢ଼ି ନାତୀଟିଏ ପାଇଁ ବଡ ଚିନ୍ତାରେ ଥାଆନ୍ତି । ବହୁତ ଦିନ ପରେ ଶ୍ରାବଣୀ କୋଳ ମଣ୍ଡନ କରି ପୁତ୍ର ସନ୍ତାନ ଟିଏ ଜନ୍ମ ନେଲା । ଅଜୟଙ୍କର ବାପା ବୋଉଙ୍କ ଗୋଡ ଖୁସିରେ ତଳେ ଲାଗୁନଥାଏ । ନାତିକୁ ଗୋଟିଏ ମିନିଟ୍ ପାଇଁ ଛାଡୁ ନଥାନ୍ତି । କିନ୍ତୁ ଶ୍ରାବଣୀ ଥିଲା ଭିନ୍ନ ପ୍ରକାରର । ସେ ଶାଶୁ ଶ୍ୱଶୁରଙ୍କୁ ଜମା ସହିପାରୁନଥିଲା । ସେମାନେ ପିଲାଟିକୁ ଗେଲ କଲାବେଳେ ସେ ତାଙ୍କ ପାଖରୁ ଛଡାଇ ଆଣେ । ସ୍ୱାମୀ କୁ ଶିଖାଏ ଆମେ ଅଲଗା ହେବା । କିନ୍ତୁ ଅଜୟ ବାବୁ କର୍ଣ୍ଣପାତ କରନ୍ତି ନାହିଁ । ଅଜୟଙ୍କ ବାପା ବୋଉ ସବୁ ଶୁଣନ୍ତି, ଦେଖନ୍ତି କିନ୍ତୁ ଏ ସବୁ କଥାକୁ ଭୃକ୍ଷେପ ନକରି ତାଙ୍କ କାମ ସେ କରି ଚାଲନ୍ତି । ଅତି ଶ୍ରଦ୍ଧାରେ ଏକୋଇଶାଦିନ ବୁଢ଼ା ବୁଢ଼ୀ ନାତିର ନାମ ଦେଇଥିଲେ ଜିତେନ୍ଦ୍ର । ଡାକ ନାମ ଜିତୁ ।

ସାତ କଥାରେ ସତୀ ଭୁଲିଲା ପରି ଅଜୟ ବାବୁ ସ୍ତ୍ରୀ କୁପରାମର୍ଶର ଶିକାର ହେଲେ । ସେ ମଧ୍ୟ ଧିରେ ଧିରେ ବୋଉଙ୍କୁ ଖରାପ ବ୍ୟବହାର କଲେ । ବୁଢ଼ା ବୁଢ଼ୀ ପୁଅ ବୋହୁଙ୍କର ଖରାପ ବ୍ୟବହାର ଜାଣି ମଧ୍ୟ ମନକୁ ନ ଟାଣି ନିରବରେ ସବୁ ସହିଯାଆନ୍ତି । ଜିତୁ ଧିରେ ଧିରେ ବଡ ହେଲା । ତିନି ଚାରି ବର୍ଷ ହେଲାରୁ ସରସ୍ୱତୀ ଶିଶୁ ମନ୍ଦିରରେ ନାମ ଲେଖାଇ ଦେଲେ । ଜିତୁ ଜେଜି ମା ଓ ଜେଜେ ବାପାଙ୍କ ପାଖରୁ ସଂସ୍କାର ଶିଖିଥିଲେ ମଧ୍ୟ ସ୍କୁଲକୁ ଯାଇ ଶିଖିଲା ସକାଳୁ ଉଠି ବାପା ମାଙ୍କ ସହିତ ଗୁରୁଜନ ମାନଙ୍କୁ ପ୍ରଣାମ କରିବ । ସେ ପ୍ରତିଦିନ ସେଇ କାମ କରେ । କିନ୍ତୁ ସେ ଲକ୍ଷ କରେ ତା'ର ମା ଜେଜି ମା ଓ ଜେଜେ ବାପାଙ୍କ ସହ ଭଲ ବ୍ୟବହାର କରୁନାହାନ୍ତି । ସଦାବେଳେ କଳି କରୁଛନ୍ତି । ସେ କିଛି କରି ପାରେନା ସତ, କିନ୍ତୁ ଜେଜି ମାଙ୍କ ଆଖିରୁ ଲୁହ ପୋଛି କୋଳରେ ମୁଣ୍ଡ ଗୁଞ୍ଜି ଦିଏ । ସେଇଥିରେ ସବୁ ଦୁଃଖ ଭୁଲିଯାଆନ୍ତି ଜେଜି ମା ।

ଦିନେ ଜିତୁ ସକାଳୁ ଉଠି ବାପା ବୋଉଙ୍କୁ ମୁଣ୍ଡିଆ ମାରି ସାରି ଦଉଡିଲା ଜେଜି ମା ଘରକୁ । ଦେଖିଲା ଘର ଖାଲି ପଡିଛି । ବୋଉକୁ ଆସି ପଚାରିଲାରୁ, ବୋଉ କହିଲା ସେମାନେ ତୀର୍ଥ କରିବାକୁ ଯାଇଛନ୍ତି । ଜିତୁ କାନ୍ଦିଲା, କହିଲା ମୁଁ କାହାକୁ ମୁଣ୍ଡିଆ ମାରିବି ? ବୋଉ ତାକୁ ଅନ୍ୟ କଥା କହି ଭୁଲାଇ ଦେଲା । ଜିତୁ ଧିରେ ଧିରେ ବଡ ହେଲା । ପଡୋଶୀଙ୍କ ନିକଟରୁ ଶୁଣିଲା ଜେଜି ମା ଓ ଜେଜି ବାପା ଜରାଶ୍ରମରେ ଅଛନ୍ତି । ତୋ ବାପା ବୋଉ ତାଙ୍କୁ ନେଇ ଛାଡି ଆସଛନ୍ତି ।

ଜିତୁ ଏ କଥାକୁ ଜମା ସହିପାରିଲାନି । ସେ ବାପା ବୋଉଙ୍କୁ କିଛି ନ କହି ଦିନେ ଗୋଟିଏ ସାଙ୍ଗକୁ ଧରି ପଚାରି ପଚାରି ଜରାଶ୍ରମରେ ପହଞ୍ଚିଗଲା । ସେ ଖୋଜି ଖୋଜି ଗୋଟିଏ କୋଠରୀରେ ଦେଖିଲା ଜେଜି ମା କାନ୍ଦୁଛନ୍ତି, ଆଉ ଜେଜେ ବାପା ତାଙ୍କୁ ବୁଝାଉଛନ୍ତି । ହଁ ଅନୁବୋଉ ଆମେ ଆମ ପୁଅର କ'ଣ ଉଣା କରିଥିଲେ । ପିଅନ ଚାକିରିଟି କରି ଅଳ୍ପ ଦରମାକୁ ଧରି ଆମେ କେତେ କଷ୍ଟରେ ପୁଅକୁ ପାଠ ପଢେଇ ମଣିଷ କରିଥିଲେ । ସ୍ୱପ୍ନ ଦେଖୁଥିଲେ ପୁଅ ଅଫିସର ହେବ । ବାହା ହେବ । ନାତି ନାତୁଣି ଧରି ଆମେ ଭରପୁର ସଂସାରକୁ ବୁଢା ବୁଢ଼ି ବୟସରେ ଉପଭୋଗ କରିବା । କିନ୍ତୁ ବୋହୂଟା ସିନା ପରଝିଅ କିନ୍ତୁ ଅଜୁକୁ ପରା ବାର ମାସରେ ତେର ବ୍ରତ କରି ଅନ୍ତଫାଡି ଜନ୍ମ ଦେଇଥିଲା । ଝାଡା ପରିସ୍ରାକୁ ଗଣ୍ଠିପକାଇ ଶୀତ କାକରରେ ଶୋଇ ପଡୁଥିଲା । ପୁଅର ଫେରିବା ବାଟକୁ ବାଡ କନ୍ଦିରେ ମୁହଁ ଗୁଞ୍ଜି ଅପେକ୍ଷା କରିଥାଅ । କ'ଣ କଲା ସେ ? ଜେଜି ମା କହିଲେ ଛାଡ । ତାକୁ ଅଭିଶାପ ଦିଅନା । ଭଗବାନ ତା'କୁ ଭଲରେ ରଖନ୍ତୁ । ଆମ ଜିତୁ ଦୀର୍ଘାୟୁ ହେଉ ।

ଜିତୁ ଦୀର୍ଘ ନିଃଶ୍ୱାସ ପକାଇ ଫେରିଆସିଲା ଘରକୁ । ବୋଉ ପଚାରିଲା ଏତେ ବେଳ ଯାଏ କୁଆଡେ ଯାଇଥିଲୁ ? ଜିତୁ କହିଲା ମୁଁ ଜରାଶ୍ରମ ଯାଇଥିଲି । ବୋଉ ପଚାରିଲା ତୁ ସେଠାକୁ କାହିଁକି ଯାଇଥିଲୁ । ଜିତୁ କହିଲା ତୁମ ଦୁଇ ଜଣଙ୍କ ପାଇଁ ରୁମ୍ ଦେଖିବା ପାଇଁ, ଚମକି ପଡିଲା ଜିତୁ ବୋଉ । ତାଙ୍କର ଚେତା ଫେରିଲା । ସେ ଅଜୟକୁ କହି ସସମ୍ମାନରେ ବୁଢା ବୁଢ଼ିଙ୍କୁ ଘରକୁ ନେଇ ଆସି ସେବା ଯତ୍ନ କଲେ । ଘର ପୁଣି ହସି ଉଠିଲା । ଜୟ ଜଗନ୍ନାଥ ।

*- ଗଣ୍ଡରପୁର, କଟକ-୩*



IBMS No.1 INSTITUTE
IBM'S
SINCE-2005
BANK PO/CLERK
SSC +2/GRADUATE
RLY Tech./Non Tech.
OAS BED
CALCULATE 763X592 IN SECONDS
Charge your Brain
With the power of VEDIC MATHS.
Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190
0671-6540190 M-9238500190
Register Your Name For Free Class
All India Topper
Lopa Mudra Mohanty
EXCLUSIVE FEATURES
COMPLETE SIGN-UP SYSTEMS
ENTRY BY 20 MINUTE PRE INTERVIEW & FREE CLASSES.
WITH YOU SCORING OF 65%
STUDENT FORUM CLASSES
COMMON TEST STARTS FROM THE DATE OF ENTRY WITH COMPLETE EXPLANATION.
101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%
"I Get 6 job in 7 Month" Joined IOB PO. Calcutta.
Ankita Bhawani
Indian Overseas Bank PO
NARESH BARIK
VIJAYA BANK PO
Ruchi Smita Behera
Corporation Bank
Sandeep Mohanty
Bank Of India PO
Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)
IBM'S
CHANDI CHHAK & PALAMANDAP(Near Barabati Gas)CTC


ROUT CLASSES
CBSE XII
2018 RESULT
For Mathematics
Akankshya Baisakh
DAV PUBLIC SCHOOL, CDA, Cuttack
MATH SCORE 98/100
Sidhartha
DAV, Chandrasekharpur, BBSR
MATH SCORE 96/100
Amit Pradhan
DAV Public School, CDA, Cuttack
MATH SCORE 95/100
Madhusmita Agasti
DAV PUBLIC SCHOOL, CDA, Cuttack
MATH SCORE 94/100
Nitu Mohapatra
MATH SCORE 91/100
Sarthak Satapathy
Mother's Public School, BBSR
MATH SCORE 90/100
Triparna Mishra
Delhi Public School
MATH SCORE 89/100
Bidyut
DAV Public School, Unit-8, BBSR
MATH SCORE 89/100
Namrata Jena
MATH SCORE 83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ